

AA22xA6
ସୁଟିଂ ଆରମ୍ଭ
କରିବେ ଦୀପିକା
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-61 ◆MONDAY ◆25 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୧ ◆ସୋମବାର ◆୨୫ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ଆଇଏଡିଡବ୍ଲ୍ୟୁଏସର ସଫଳ ପରୀକ୍ଷଣ

■ **ବାଲେଶ୍ୱର, ୨୪।୮ (ସମିସ):** ଡିଆରଡିଓ ପକ୍ଷରୁ ଆଜି ଇଣ୍ଟିଗ୍ରେଟେଡ୍ ଏୟାରଡିଫେନ୍ସ ୱିପନ୍ ସିଷ୍ଟମ (ଆଇଏଡିଡବ୍ଲ୍ୟୁଏସ)ର ସଫଳତାର ସହ ପରୀକ୍ଷଣ କରାଯାଇଛି । ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ରେ ଏହି ପରୀକ୍ଷଣ କରାଯାଇଛି । ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ପ୍ରୟୋଗଶାଳା (ଡିଆରଡିଏଲ) ଦ୍ୱାରା ଗଠିତ ଏକ କେନ୍ଦ୍ରୀୟ ଆଦେଶ ଓ ନିୟନ୍ତ୍ରଣ ପ୍ରୟୋଗଶାଳା ମାଧ୍ୟମରେ ଏହି ଯୁଦ୍ଧାସ୍ତ୍ର ପ୍ରଣାଳୀର ପରୀକ୍ଷଣକୁ ନିରୀକ୍ଷଣ ଓ ନିୟନ୍ତ୍ରଣ କରାଯାଇଥିଲା ।



ପରୀକ୍ଷଣ ସମୟରେ ଦୁଇଟି ଅତି ଉଚ୍ଚବେଗ ସମ୍ପନ୍ନ ସ୍ଥାୟୀ ପଙ୍ଖାଯୁକ୍ତ ମାନବବିହୀନ ଆକାଶମାର୍ଗୀୟ ଲକ୍ଷ୍ୟ ସହ ଗୋଟିଏ ମଲ୍ଟିକୋଟେଡ୍ ଡ୍ରୋନ୍‌କୁ ମିଶାଇ ତିନୋଟି ଭିନ୍ନଭିନ୍ନ ପରିସୀମା ଓ ଉଚ୍ଚତାରେ ଥିବା ଟାର୍ଗେଟ୍‌କୁ 'କ୍ୟୁଆରଏସଏଏମ୍', ଭିଏସଏଚଓଆରଏଡିଏସ୍ ଓ ଡିଇଡବ୍ଲ୍ୟୁର ସମ୍ମିଳିତ ପ୍ରଣାଳୀ ଏକସଙ୍ଗେ ଲକ୍ଷ୍ୟ ପରିସରକୁ ନେଇ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଥିଲା । 'ଆଇଏଡିଡବ୍ଲ୍ୟୁଏସ'ରେ ଅନ୍ତର୍ଭୁକ୍ତ କ୍ଷେପଣାସ୍ତ୍ର ପ୍ରଣାଳୀ ଏବଂ ଡ୍ରୋନ ଆବିଷ୍କାର ଓ ବିଧ୍ୱଂସ ପ୍ରଣାଳୀ, ଯୁଦ୍ଧାସ୍ତ୍ର ପ୍ରଣାଳୀ ନିର୍ଦ୍ଦେଶ ଓ ନିୟନ୍ତ୍ରଣ ସହ ଯୋଗାଯୋଗ ଓ ରାଡାର୍ ପ୍ରଭୃତି ଏହି ପରୀକ୍ଷଣ ସମୟରେ ଅତ୍ୟନ୍ତ ସଠିକ ଢଙ୍ଗରେ କାର୍ଯ୍ୟ ସମ୍ପାଦନ କରିଥିଲା । ଉଡ଼ାଣ ତଥ୍ୟ ସଂଗ୍ରହ ପାଇଁ ଚାନ୍ଦିପୁରସ୍ଥିତ ଆଇଟିଆର ଦ୍ୱାରା ନିୟୋଜିତ ବିଭିନ୍ନ ଉପକରଣ ପ୍ରଭୃତିର ତଥ୍ୟ ବିଶ୍ଳେଷଣ ପରେ ଏହା ପ୍ରମାଣିତ ହୋଇଛି ।


## ପତ୍ନୀଙ୍କୁ ଜିଅନ୍ତା ଜାଳିଥିବା ବ୍ୟକ୍ତିକୁ ଏନ୍‌କାଉଣ୍ଟର

■ **ନୋଏଡା, ୨୪।୮ (ଏଜେନ୍ସି):** ବିବାହରେ ସ୍କର୍ପିଓ ଏସ୍‌ୟୁଭି, ରୟାଲ ଏନ୍‌ଫିଲ୍ଡ ବୁଲେଟ୍, ନଗଦ ଟଙ୍କା, ସୁନା ଗହଣା ମିଳିଲା । ତଥାପି ମନ ଭରିଲାନି । ଆହୁରି ୩୬ ଲକ୍ଷ ଦରକାର । ଅଧିକ ଯୌତୁକ ଦାବିରେ ଦୀର୍ଘ ୯ ବର୍ଷ ଧରି ନିର୍ଯାତନା ଚାଲିଲା । ଶେଷରେ ପତ୍ନୀଙ୍କୁ ଜିଅନ୍ତା ଜାଳିଦେଲା ନୃଶଂସ ପତି । ଏଭଳି ଏକ ଜଘନ୍ୟ ଘଟଣା ଘଟିଛି ନୋଏଡ଼ାରେ । ଏହାକୁ ନେଇ ଦେଶବ୍ୟାପୀ କ୍ରୋଧର ବାତାବରଣ ସୃଷ୍ଟି ହୋଇଛି । ଅମାନବୀୟ ଅତ୍ୟାଚାର ଓ ହତ୍ୟା ପାଇଁ ଅନୁତପ୍ତ ନଥିବା ଦୁର୍ଦ୍ଦାନ୍ତ ସ୍ୱାମୀ ଆଜି ପୁଲିସ ଏନକାଉଣ୍ଟରରେ ଆହତ ହୋଇଛି ।



ବିପିନ ଭଟି ନାମକ ଏହି ସ୍ୱାମୀ ୯ ବର୍ଷ ତଳେ ନିକ୍କିଙ୍କୁ ବିବାହ କରିଥିଲା । ସେମାନଙ୍କର ଗୋଟିଏ ପୁଅ ଅଛି । ଯୌତୁକରେ ବିପିନକୁ ସ୍କର୍ପିଓ ଏସ୍‌ୟୁଭି, ରୟାଲ ଏନ୍‌ଫିଲ୍ଡ ବୁଲେଟ୍, ନଗଦ ଟଙ୍କା, ସୁନା ଗହଣା ଦିଆଯାଇଥିଲେ ମଧ୍ୟ ସେ ନିକ୍କିଙ୍କୁ ଘରୁ ଆହୁରି ୩୬ ଲକ୍ଷ ଟଙ୍କା ଆଣିବାକୁ ବରାବର ଚାପ ପକାଉଥିଲା । ଏଥିପାଇଁ ସ୍ୱାମୀ ଓ ଶାଶୂ ନିକ୍କିଙ୍କୁ ନିର୍ଯାତନା ଦେଇ ଆସୁଥିଲେ । କିଛିଦିନ ତଳେ ସ୍ୱାମୀ ଓ ଶାଶୂ ନିକ୍କିଙ୍କୁ ମାଡ଼ ମାରିବା ସହ ଅକଥନୀୟ ଅତ୍ୟାଚାର କରିଥିଲେ । ତାଙ୍କୁ ଛାଡି ଦେବାକୁ ସେ ଯେତେ ନେହୁରା ହୋଇଥିଲେ ମଧ୍ୟ ସେମାନେ ଶୁଣି ନଥିଲେ । ଏହାପରେ ବିପିନ ପତ୍ନୀଙ୍କ ଉପରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲା । ମହିଳାଙ୍କ ଭଉଣୀ କାଞ୍ଚନ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ବି ମା ଓ ପୁଅ ଦୁହେଁ ମିଶି ପିଟିଥିଲେ । ନିକ୍କି ଓ କାଞ୍ଚନ ଦୁଇ ଭଉଣୀ ହୋଇଥିଲେ ମଧ୍ୟ ଦୁଇଭାଇ ▶ପୃଷ୍ଠା-୭

## ଭାରତରେ ସ୍କୁଲ ଫି' ବିଶ୍ୱରେ ସର୍ବାଧିକ




■ **ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି):** ଭାରତରେ ଶିକ୍ଷା ଖର୍ଚ୍ଚ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଲୋକଙ୍କ ଆୟ ବଢୁ ନ ଥିବାବେଳେ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ବଢ଼ିବାରେ ଲାଗିଛି । ଦିଲ୍ଲୀ ଏବଂ ମୁମ୍ବାଇ ଭଳି ସହରରେ ଏହା ଆକାଶ ଛୁଇଁଛି । ଦେଶର ପ୍ରମୁଖ ଘରୋଇ ସ୍କୁଲରେ ପିଲାଙ୍କୁ ପଢ଼ାଇବା ପାଇଁ ବର୍ଷକୁ ୧୨ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଛି । ଏହା ୟୁରୋପର ଇଣ୍ଟରନ୍ୟାସନାଲ ବୋର୍ଡିଂ ସ୍କୁଲ୍ ସହ ସମାନ ରହିଛି । ତେବେ ସେଠାରେ ପରିବାରର ଆୟ ତୁଳନାରେ ପାଠପଢ଼ା ଖର୍ଚ୍ଚ କମ୍ ଥିବା ବେଳେ ଭାରତରେ ପରିବାର ଆୟ ତୁଳନାରେ ପାଠପଢ଼ା ଖର୍ଚ୍ଚ ଢେର ଅଧିକ । ବିଶେଷ କରି ଗତ ୫ ବର୍ଷ ଭିତରେ ଭାରତରେ ସ୍କୁଲ ଫି' ୮୦ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି । ଆୟ ଏବଂ ବ୍ୟୟ ହିସାବରେ ଭାରତରେ ଘରୋଇ ସ୍କୁଲଗୁଡ଼ିକର ଦେୟ ବିଶ୍ୱରେ ସର୍ବାଧିକ ରହିଛି ।

| ସହର | ପରିବାର ଆୟ | ସ୍କୁଲ ଖର୍ଚ୍ଚ | ଆୟ ତୁଳନାରେ ଖର୍ଚ୍ଚ |
|---|---|---|---|
| ନୂଆଦିଲ୍ଲୀ | ୧୨ରୁ ୧୫ ଲକ୍ଷ | ୧୨ରୁ ୨୦ ଲକ୍ଷ | ୮୦ରୁ ୧୩୦% |
| ମୁମ୍ବାଇ | ୧୫ରୁ ୧୮ ଲକ୍ଷ | ୯ରୁ ୧୫ ଲକ୍ଷ | ୫୦ରୁ ୮୫% |
| ସିଙ୍ଗାପୁର | ୭୨ ଲକ୍ଷ | ୨୪ ଲକ୍ଷ | ୩୩% |
| ଦୁବାଇ | ୬୭ ଲକ୍ଷ | ୨୦ ଲକ୍ଷ | ୩୦% |
| ଲଣ୍ଡନ | ୬୦ ଲକ୍ଷ | ୩୫ ଲକ୍ଷ | ୫୮% |
| ନ୍ୟୁୟର୍କ | ୭୫ ଲକ୍ଷ | ୩୭ ଲକ୍ଷ | ୫୦% |

ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ସିଙ୍ଗାପୁର, ଦୁବାଇ, ଲଣ୍ଡନ ଏବଂ ନ୍ୟୁୟର୍କ ଭଳି ସହର ଲୋକମାନେ ନିଜ ପିଲାଙ୍କ ପଢ଼ା ଖର୍ଚ୍ଚ ପାଇଁ ସମାନ ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ସେଠାରେ ପରିବାରର ଆୟ ଭାରତୀୟଙ୍କ ଅପେକ୍ଷା ବହୁତ ଅଧିକ । ଏହି ସବୁ ସହରରେ ପରିବାର ଆୟ ଭାରତଠାରୁ ୩ରୁ୫ ଗୁଣା ଅଧିକ ରହିଛି । ଭାରତରେ ଅନ୍ତର୍ଜାତୀୟ ସ୍ତରର ସ୍କୁଲ୍ ଗୁଡିକର ଦେୟ ସାରା ବିଶ୍ୱରେ ଅଧିକ ରହିଛି ।

ସୂଚନା ଅନୁଯାୟୀ ଗତ ଦଶନ୍ଧିରେ ଭାରତରେ ସ୍କୁଲ ଫି' ୧୫୦ରୁ ୨୦୦ ପ୍ରତିଶତ ବୃଦ୍ଧି ପାଇଛି । ମାତ୍ର ପରିବାର ଆୟ ୬୦ରୁ ୭୦ ପ୍ରତିଶତ ବଢ଼ିଛି । ସ୍କୁଲ ଦେୟରେ ହୋଇଥିବା ଏହି ବିସ୍ଫୋରଣ ଭାରତର ବଢୁଥିବା ସମ୍ପତ୍ତି ପାର୍ଥକ୍ୟକୁ ପ୍ରତିଫଳିତ କରୁଛି । ଶିକ୍ଷା ଅସମାନତାର ସ୍ପଷ୍ଟ ଚିତ୍ରକୁ ପ୍ରତିଫଳିତ କରୁଛି । ଭାରତରେ ତିନୋଟି ଶିକ୍ଷା ବ୍ୟବସ୍ଥା ଚାଲିଛି । ଏଲିଟ୍ ଶ୍ରେଣୀର ସ୍କୁଲ ପାଇଁ ବର୍ଷକୁ ୧୦ରୁ ୨୦ ଲକ୍ଷ ଟଙ୍କା ଫି' ଦେବାକୁ ପଡୁଛି । ଏଗୁଡିକ ୧ ନମ୍ବର ▶ପୃଷ୍ଠା-୭

**୪୮ ଘଣ୍ଟାରେ ଲଘୁଚାପ**

# ବଡ଼ ବନ୍ୟା ଆଶଙ୍କା

## ଉତ୍ତର ଓଡ଼ିଶାରେ ଫୁଲୁଛି ସବୁ ନଦୀ

■ **ଭୁବନେଶ୍ୱର, ୨୪।୮ (ସମିସ):** ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ । ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଲଘୁଚାପଟି ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବାରୁ ସାରା ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଅନୁମାନ କରିଛି । ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ବିଶେଷକରି ୨୫ ଓ ୨୬ରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ । ସୋମବାର କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି । ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ସେହିପରି କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କଟକ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ହୋଇପାରେ । ▶ପୃଷ୍ଠା-୭

**ମହାନଦୀରେ ବଢ଼ି ଚାଲିଛି ଜଳସ୍ତର**

**୨୮ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା**

## ଆଉ ୪ ଗେଟ୍ ଖୋଲିଲା ହୀରାକୁଦ

■ **ସମ୍ବଲପୁର, ୨୪।୮ (ସମିସ):** ହୀରାକୁଦ ଜଳଭଣ୍ଡାର ଆଜି ଆଉ ୪ଟି ଗେଟ୍ ଖୋଲିଛି । ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ଗତକାଲି ୮ଟି ଗେଟ୍ ଖୋଲାଯାଇଥିଲା । ଫଳରେ, ଏବେ ୧୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ନଦୀବନ୍ଧର ବାମପାର୍ଶ୍ୱରେ ୮ଟି ଓ ଡାହାଣ ପାର୍ଶ୍ୱର ୪ଟି ଗେଟ୍ ଖୋଲା ରହିଛି । ଆଜି ଅପରାହ୍ଣ ପ୍ରାୟ ୩ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୩୯ ଫୁଟ୍ ରହିଛି ।



**୧୨ ଗେଟ୍‌ରେ ଜଳ ନିଷ୍କାସନ**

**ଜଳସ୍ତର ୬୨୧.୭୩ ଫୁଟ୍**

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୨୫,୮୯୦ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି । ସ୍ପିଲୱେ ଦେଇ ୧,୮୯,୬୧୨ ଘନଫୁଟ, ପାୱାର ଚ୍ୟାନେଲ ଦେଇ ୩୩,୦୨୫ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ୍, କେନାଲ ପାଇଁ ୩,୦୩୯ ଘନଫୁଟ୍ ଜଳ ନିଷ୍କାସିତ ହେଉଛି । ଅନ୍ୟପକ୍ଷରେ, ତଳମୁଣ୍ଡ ବେଲଗାଁଠାରେ ୧୩,୬୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୩୪,୪୦୮ ଘନଫୁଟ, ଖଇରମାଲଠାରେ ୨,୫୯,୫୦୦ ଘନଫୁଟ୍, ବାରମୁଲଠାରେ ୧,୩୭,୫୦୦ ଘନଫୁଟ ଏବଂ ମୁଣ୍ଡଲୀଠାରେ ୧,୩୨,୬୦୨ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ ।

**ମନ୍ତ୍ରୀଙ୍କ 'ଅସ୍ତ୍ର'କୁ ରାଜସ୍ୱ ଅମଲା ସଂଘର ଚ୍ୟାଲେଞ୍ଜ**


## ଆନ୍ଦୋଳନରୁ ହଟିବୁନି

■ **ଭୁବନେଶ୍ୱର, ୨୪।୮ (ସମିସ):** ନିଜ ଜିଦ୍‌ରେ ଅଟଳ ରହିବା ସହ ଜାରି ରହିଥିବା ଆନ୍ଦୋଳନକୁ ବଳବତ୍ତର ରଖିବା ପାଇଁ ରାଜସ୍ୱ ଅମଲା ସଂଘ ନିଷ୍ପତ୍ତି ନେଇଛି । ସଂଘ ବିଜେଡି ଦ୍ୱାରା ପରିଚାଳିତ ହେଉଥିବା ନେଇ ନିକଟରେ ରାଜସ୍ୱ ମନ୍ତ୍ରୀ ଅଭିଯୋଗ ଆଣିବା ସହ ଆନ୍ଦୋଳନରୁ ନ ହଟିଲେ ବଡ଼ ଅସ୍ତ୍ର ପ୍ରୟୋଗ କରିବେ ବୋଲି ଧମକ ଦେଇଥିଲେ । ମନ୍ତ୍ରୀଙ୍କ ଏହି ଧମକ ପରେ ରବିବାର ରାଜସ୍ୱ ଅମଲା ସଂଘର କାର୍ଯ୍ୟକାରୀ ପରିଷଦ ବୈଠକ ବସିଥିଲା । ଭର୍ଚ୍ଚୁଆଲ୍ ମୋଡ୍‌ରେ ହୋଇଥିବା ବୈଠକରେ ମନ୍ତ୍ରୀଙ୍କ ଧମକରେ ଡରି ନ ଯାଇ ଆନ୍ଦୋଳନକୁ ଜାରି ରଖିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି । ଯେପର୍ଯ୍ୟନ୍ତ ସରକାର ସଂଘର କର୍ମକର୍ତ୍ତାଙ୍କୁ ଆଲୋଚନା ପାଇଁ ଡାକି ନାହାନ୍ତି ଓ କୌଣସି ଔପଚାରିକ ନିଷ୍ପତ୍ତି ନେଇ ନାହାନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ପ୍ରତ୍ୟାହାର ପ୍ରଶ୍ନ ଉଠୁନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି । ସଂଘକୁ ସରକାର ଆଲୋଚନା ପାଇଁ ଡାକିଲେ ସର୍ବଦା ସଂଘ ସ୍ୱାଗତ କରିବ । ମାତ୍ର କୌଣସି ପ୍ରକାର ଚେତାବନୀ ଓ ଧମକ ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ ନାହିଁ ବୋଲି ପରୋକ୍ଷରେ ସଂଘ ପକ୍ଷରୁ କୁହାଯାଇଛି ।

ସୂଚନାଥାଉ କି ରାଜ୍ୟ ରାଜସ୍ୱ ଅମଲା ସଂଘ ପକ୍ଷରୁ ଜାରି ରହିଥିବା ସମୂହ ଛୁଟି ଆନ୍ଦୋଳନ ଯୋଗୁଁ ବର୍ତ୍ତମାନ ସମସ୍ତ ରାଜସ୍ୱ କାର୍ଯ୍ୟ ବନ୍ଦ ହୋଇଯାଇଛି । ଏହି ଆନ୍ଦୋଳନକୁ ୧୪ ଦିନି ବିତିଯାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ସଂଘ ସହ ଆଲୋଚନା କରିବା ଦୂରର କଥା, ପରୋକ୍ଷରେ ସେମାନଙ୍କୁ ଡରାଇବା ପାଇଁ ସରକାର ଉଦ୍ୟମ କରୁଥିବା ଦେଖାଯାଉଛି । ପ୍ରଥମେ ମନ୍ତ୍ରୀ ଦରମା ବନ୍ଦ ଧମକ ଦେବା ସହ ପରେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିଲେ । ଶନିବାର ଆଉ ପାଦେ ଆଗକୁ ଯାଇ ସଂଘକୁ ବିଜେଡି ପରିଚାଳିତ କରୁଥିବା କହିବା ସହ ସେମାନେ କେଉଁ କେଉଁ ନେତାଙ୍କ ପାଖକୁ ଯାଉଛନ୍ତି, ସେ ରିପୋର୍ଟ ମଧ୍ୟ ତାଙ୍କ ପାଖରେ ରହିଛି ବୋଲି କହିଥିଲେ । ଏହାସହିତ ସଂଘ ଆନ୍ଦୋଳନରୁ ନ ହଟିଲେ ରାଜସ୍ୱ ବିଭାଗ ପାଖରେ ବହୁ ଅସ୍ତ୍ର ଅଛି । ଏହି ଅସ୍ତ୍ରକୁ ସେମାନେ ସମ୍ଭାଳି ପାରିବେ ନାହିଁ ବୋଲି ଚେତାବନୀ ଦେଇଥିଲେ ମନ୍ତ୍ରୀ ।

## ହାତୀକୁ ତୀର ମାଡ଼

■ **ବୈଶିଙ୍ଗା, ୨୪।୮ (ସମିସ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ଅଧୀନ ବନାମପୁର ଜଙ୍ଗଲରେ ଏକ ହାତୀକୁ କେହି ଦୁର୍ବୃତ୍ତ ତୀରମାଡ଼ କରି ଘାଇଲା କରିଛି । ତୀରଟି ହାତୀ ଶରୀରରେ ପଶି ରହିଥିବା ବେଳେ ସେଥିରୁ ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଛି । ଯନ୍ତ୍ରଣାରେ ଛଟପଟ ହାତୀଟି ହାତୀପଲଠାରୁ ସାମାନ୍ୟ ଦୂରତା ବଜାୟ ରଖୁଥିବା ଦେଖିବାକୁ ମିଳିଛି । ସେ ସ୍ୱାଭାବିକ ଭାବରେ ଚଳପ୍ରଚଳ ମଧ୍ୟ କରିପାରୁନାହିଁ ।



**ଜଗନ୍ନାଥବଲ୍ଲଭ ବହୁତଳ ପାର୍କିଂରେ ଦୁର୍ଘଟଣା**

## ୧ ମହଲାରୁ ଖସିପଡ଼ିଲା ବୋଲେରୋ

■ **ପୁରୀ, ୨୪।୮ (ସମିସ):** ଜଗନ୍ନାଥ ବଲ୍ଲଭ ବହୁତଳ କାର୍ ପାର୍କିଂରେ ଘଟିଛି ଅଘଟଣ । ପାର୍କିଂର ପ୍ରଥମ ମହଲାରୁ ତଳକୁ ଖସି ପଡ଼ିଛି ଏକ ବୋଲେରୋ । ଗାଡ଼ିଟି ଭାଙ୍ଗିରୁଜି ଯାଇଥିବା ବେଳେ ଚାଳକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଆହତ ଚାଳକ ହେଉଛନ୍ତି, ଭଦ୍ରକ ଧାମରା ମେରାଇନ୍ ଥାନା ବଳଭଦ୍ରପ୍ରସାଦ ଗ୍ରାମର ସଞ୍ଜୟ ସେଠୀ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ବହୁତଳ ପାର୍କିଂ କାମ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ପ୍ରାୟ ବର୍ଷେରୁ ▶ପୃଷ୍ଠା-୭

**ଚାଳକ ଗୁରୁତର**

**କାମ ସରିନି; ହେଉଛି ପାର୍କିଂ**



**ଗୁଳି, ବୋମା ଫୁଟାଇ ସୁନା ଦୋକାନରୁ ଡକାୟତି**

## ଲୁଟିନେଲେ ୧ କୋଟିର ଅଳଙ୍କାର

■ **ନିରାକାରପୁର, ୨୪।୮ (ସମିସ):** ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରିସ୍ଥିତ ଏକ ସୁନା ଦୋକାନରୁ ଆଜି ଏକ ବଡ଼ଧରଣର ଲୁଟ୍ ହୋଇଛି । ଦିନ ଦି' ପହରେ ୮ ଜଣ ଦୁର୍ବୃତ୍ତ ଗୁଳି ଓ ବୋମାମାଡ଼ କରି ସାଇସୋନୁ ଅଳଙ୍କାର ଦୋକାନରୁ ୧୧କେଜି ସୁନା ଓ ୫ କେଜି ରୁପା ଅଳଙ୍କାର ଲୁଟି ନେଇଛନ୍ତି । ଲୁଟ୍ ଅଳଙ୍କାରର ମୂଲ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି । ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ସରପାରୀ ଗ୍ରାମର ରାଜା ପ୍ରଧାନ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ପ୍ରଥମେ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି । ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି । ସୂଚନା ପାଇ ସାଇଣ୍ଟିଫିକ୍ ଟିମ୍ ସହ ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମା, ଖୋର୍ଦ୍ଧା ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ଜଙ୍କିଆ ଥାନା ଆଇଆଇସି ସୁଶାନ୍ତ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।



**ଗୁଳିମାଡ଼ରେ ଜଣେ ଗୁରୁତର**

ସୂଚନାନୁଯାୟୀ, ରବିବାର ଦିନ ପ୍ରାୟ ୨ଟା ବେଳେ ୪ଟି ବାଇକ୍‌ରେ ୮ଜଣ ଡକାୟତ ଉକ୍ତ ଅଳଙ୍କାର ଦୋକାନକୁ ଆସିଥିଲେ । ସେମାନେ ସମସ୍ତେ ହେଲ୍‌ମେଟ୍ ପିନ୍ଧିବା ସହ ଦୁଇଜଣ ଦୋକାନ ବାହାରେ ରହି ସମସ୍ତ ଘଟଣା ଅନୁଧ୍ୟାନ କରୁଥିଲେ । ଅନ୍ୟ ୬ ଜଣ ଡକାୟତ ଦୋକାନ ଭିତରକୁ ପଶି ବନ୍ଧୁକ ▶ପୃଷ୍ଠା-୭

# ଚିନ୍ତା ବଢ଼ାଇଲାଣି ମାରିଜୁଆନା

## ଭୁବନେଶ୍ୱର ବିମାନବନ୍ଦରରେ ଢିଲା ସୁରକ୍ଷା ଯୋଗୁଁ ବଢୁଛି ଚାଲାଣ



**ମାରିଜୁଆନା ପ୍ରେମରେ ଇଞ୍ଜିନିୟରିଂ ଛାତ୍ର ଓ ବଡ଼ବଡ଼ କ୍ଲବ୍**

**୬ ମାସରେ ଜବତ ହେଲାଣି ୮୦ କୋଟିର ମାରିଜୁଆନା**

**ଓଡ଼ିଶା ଦେଇ ଦିଲ୍ଲୀ, ହାଇଦ୍ରାବାଦ, ବିହାର, ୟୁପିକୁ ଚାଲାଣ**

**ଦୁବାଇରେ ବସି ନିଶା ରାକେଟ୍ ଚଳାଉଛି ମାଷ୍ଟରମାଇଣ୍ଡ**

■ **ଭୁବନେଶ୍ୱର, ୨୪।୮ (ସମିସ):** ମାରିଜୁଆନା ପ୍ରେମରେ ପଡ଼ିଛନ୍ତି ଯୁବପିଢ଼ି । ଡ୍ରଗ୍ସ, ଓଡ଼ିଶା ଗଞ୍ଜେଇ ପରେ ସେମାନେ ମାରିଜୁଆନା (ବିଦେଶୀ ଡ୍ରଗ୍ସ)କୁ ଅଧିକ ମାତ୍ରାରେ ପସନ୍ଦ କରୁଛନ୍ତି । ଏଠାର ଯୁବପିଢ଼ିର ଅଧିକ ଚାହିଦା ଥିବାରୁ ବିଦେଶରୁ ମାରିଜୁଆନା ଭୁବନେଶ୍ୱରକୁ ଅଧିକ ମାତ୍ରାରେ ଚାଲାଣ କରାଯାଉଛି । ବିଶେଷ କରି ଥାଇଲାଣ୍ଡ ଏବଂ ମାଲେସିଆରୁ ଏହି ମାରିଜୁଆନା ଭୁବନେଶ୍ୱରକୁ ଆସୁଛି । ଓଡ଼ିଶାରେ ଥିବା ଦଲାଲ ଏହାକୁ ବସ୍ ଯୋଗେ ଅନ୍ୟ ରାଜ୍ୟକୁ ଚାଲାଣ କରୁଛନ୍ତି ।

କଷ୍ଟମ ବିଭାଗର ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ ଭୁବନେଶ୍ୱର ବିମାନ ବନ୍ଦରରେ ଯାଞ୍ଚ ବ୍ୟବସ୍ଥା ଏତେ କଡ଼ାକଡ଼ି ନଥିବାରୁ ନିଶା ମାଫିଆମାନେ ଭୁବନେଶ୍ୱର ବିମାନ ବନ୍ଦରକୁ ଟାର୍ଗେଟ କରୁଛନ୍ତି । ଯେଉଁଥିପାଇଁ ସେମାନେ କୋଟି କୋଟି ଟଙ୍କାର ମାରିଜୁଆନାକୁ ଚକ୍‌ଲେଟ ଜରି ଏବଂ ଅନ୍ୟ ପ୍ୟାକେଟ୍ ଭିତରେ ପୂରାଇ ଆଣୁଛନ୍ତି । ଏକାଧିକ ବ୍ୟକ୍ତି ଖସି ଯାଉଥିବା ବେଳେ ହାତ ଗଣତି ବ୍ୟକ୍ତି ଧରାପଡୁଛନ୍ତି । ଯାହା ଧରାପଡୁଛି ଗୁଇନ୍ଦା ସୂତ୍ର ଆଧାରରେ ଧରାପଡୁଛି । ନହେଲେ ଅଧିକ ଚାଲାଣକାରୀ ଖସି ଯାଉଛନ୍ତି । ଯେଉଁମାନେ ଧରାପଡୁଛନ୍ତି ସେମାନେ କେବଳ ଚାଲାଣକାରୀ ବା ଏଜେଣ୍ଟ । ଏହା ପଛରେ ଜଣେ ମାଷ୍ଟରମାଇଣ୍ଡ ରହିଛି । ଦୁବାଇରେ ରହି ଫୋନ୍ ମାଧ୍ୟମରେ ସେ ରାକେଟ ଚଳାଉଛି । ▶ପୃଷ୍ଠା-୭

## ରୁଷ ଆଣବିକ କେନ୍ଦ୍ରରେ ୟୁକ୍ରେନର ଆକ୍ରମଣ

କିଭ୍,୨୪।୮(ଏଜେନ୍ସି): ୟୁକ୍ରେନ ତା'ର ସ୍ୱାଧୀନତା ଦିବସରେ ରୁଷିଆ ଉପରେ ଡ୍ରୋନ ଆକ୍ରମଣ କରି ରୁଷିଆର ଆଣବିକ କେନ୍ଦ୍ରରେ କ୍ଷତି ପହଞ୍ଚାଇବାକୁ ପ୍ରୟାସ କରିଛି। ରବିବାର ୟୁକ୍ରେନ ତା'ର ୩୪ତମ ସ୍ୱାଧୀନତା ଦିବସ ପାଳନ କରିଛି। ରୁଷିଆର ପଶ୍ଚିମ କୁରସ୍କ ଅଞ୍ଚଳରେ ଥିବା ଆଣିବକ କେନ୍ଦ୍ର ଉପରେ ୟୁକ୍ରେନ ଡ୍ରୋନ ଆକ୍ରମଣ କରିଛି। ରୁଷିଆ ଅଧିକାରୀମାନେ ଏ ନେଇ ସୂଚନା ଦେଇଛନ୍ତି। ରାତିରେ ଆଣବିକ କେନ୍ଦ୍ରର କେତୋଟି ବିଜୁଳି ଓ ଶକ୍ତି ଉତ୍ପାଦନ କେନ୍ଦ୍ରକୁ ଲକ୍ଷ୍ୟ କରି ଏହି ଡ୍ରୋନ ଆକ୍ରମଣ କରାଯାଇଥିଲା ବୋଲି ରୁଷିଆ କହିଛି। ଅବଶ୍ୟ ଏଥିରେ କେହି ମୃତାହତ ହୋଇ ନାହାନ୍ତି। ଏହି ଆକ୍ରମଣରେ ଏକ ଟ୍ରାନ୍ସଫର୍ମର କ୍ଷତିଗ୍ରସ୍ତ ହୋଇଛି। ତେବେ ଆଣବିକ ବିକିରଣ ସାଧାରଣସ୍ତରରେ ରହିଛି ବୋଲି କୁହାଯାଇଛି। ଅବଶ୍ୟ ଏହି ଡ୍ରୋନ ଆକ୍ରମଣ ନେଇ ୟୁକ୍ରେନ ତରଫରୁ କିଛି ପ୍ରତିକ୍ରିୟା ଦିଆଯାଇନାହିଁ। ରବିବାର ୟୁକ୍ରେନର ୯୫ଟି ଡ୍ରୋନ୍‌କୁ ନିଷ୍କ୍ରିୟ କରାଯାଇଛି ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ତେବେ ଏହି ଡ୍ରୋନଗୁଡିକରୁ ୪୮ଟି ଅକାମୀ ହୋଇଛି ବୋଲି ୟୁକ୍ରେନ କହିଛି।

## ଅଶ୍ଳୀଳ ଫଟୋ-ଭିଡିଓ ବନ୍ଦ କରିବ ସ୍ମାର୍ଟଫୋନ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ବିଶ୍ୱର ପ୍ରଥମ ଆଣ୍ଟି-ନ୍ୟୁଡ କଣ୍ଟେଣ୍ଟ ସ୍ମାର୍ଟଫୋନ ଲଞ୍ଚ ହୋଇଛି। ଫିନ୍‌ଲାଣ୍ଡର ଟେକ୍ କମ୍ପାନୀ ଏଚଏମ୍‌ଡି ଗ୍ଲୋବାଲ ଏହି ଫୋନ୍ ଆଣିଛି। ନୂଆ ସ୍ମାର୍ଟଫୋନ 'ଫ୍ୟୁଜ'ରେ ଏହି ବ୍ୟବସ୍ଥା ରହିଛି। ଅଶ୍ଳୀଳ ଫଟୋ ଏବଂ ଭିଡିଓ ଆଦିକୁ ବନ୍ଦ କରୁଥିବା ଏହା ବିଶ୍ୱର ପ୍ରଥମ ଫୋନ୍ ବୋଲି କମ୍ପାନୀ ଦାବି କରିଛି। ଏଥିପାଇଁ ଫୋନ୍‌ରେ ବ୍ରିଟିଶ ସାଇବର ସିକ୍ୟୁରିଟି କମ୍ପାନୀ 'ସେଫ୍ ଟୁ ନେଟ୍'ର ଏଆଇ ମଡେଲ 'ହାର୍ମବ୍ଲକ ଏଆଇ'କୁ ଇନ୍‌ଷ୍ଟଲ କରାଯାଇଛି। ଏହି ଫୋନ ଅଶ୍ଳୀଳ ବିଷୟବସ୍ତୁ ରେକର୍ଡ କରିବାକୁ ଏବଂ କାହାକୁ ପଠାଇବାକୁ ଦେବ ନାହିଁ। ଫୋନ୍‌ରେ ଅଶ୍ଳୀଳ ଫଟୋ ଏବଂ ଭିଡିଓ ମଧ୍ୟ ସେଭ୍ କରି ରଖିହେବ ନାହିଁ। ଲାଇଭ ଷ୍ଟ୍ରିମିଂ ସମୟରେ ସମସ୍ତ ଆପତ୍ତିଜନକ ବିଷୟବସ୍ତୁକୁ ଏହା ତୁରନ୍ତ ବ୍ଲକ କରିଦେବ। ଶିଶୁମାନଙ୍କ ମଧ୍ୟରେ ଅଶ୍ଳୀଳତା ବୃଦ୍ଧି ପାଉଥିବାବେଳେ ଏହି ଫୋନ୍ ସେମାନଙ୍କୁ ଦୂରେଇ ରଖିବ। ଅଭିଭାବକଙ୍କ ଚିନ୍ତା ମଧ୍ୟ ଦୂର କରିବାରେ ବେଶ୍ ସହାୟକ ହେବ।

## ଅନିଶ ଦୟାଲ ଡେପୁଟି ଏନ୍‌ଏସ୍‌ଏ ନିଯୁକ୍ତ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ସିଆରପିଏଫ ଏବଂ ଆଇଟିବିପିର ପୂର୍ବତନ ମହାନିର୍ଦ୍ଦେଶକ ଅନିଶ ଦୟାଲ ସିଂହ ନୂଆ ଡେପୁଟି ନ୍ୟାସନାଲ ସିକ୍ୟୁରିଟି ଆଡଭାଇଜର (ଏନ୍‌ଏସଏ) ନିଯୁକ୍ତ ହୋଇଛନ୍ତି। ସେ ଆଭ୍ୟନ୍ତରୀଣ ବ୍ୟାପାର ମାମଲା ବୁଝିବେ ବୋଲି ସରକାରୀ ସୂତ୍ରରୁ ସୂଚନା ମିଳିଛି। ୧୯୮୮ ବ୍ୟାଚ୍‌ର ମଣିପୁର କ୍ୟାଡର ଆଇପିଏସ ଅଧିକାରୀ ଶ୍ରୀ ଅନିଶ ଗତ ଡିସେମ୍ବରରେ ଅବସର ଗ୍ରହଣ କରିଥିଲେ। ଆଇଟିବିପି, ସିଆରପିଏଫର ନେତୃତ୍ୱ ନେବା ପୂର୍ବରୁ ସେ ୩୦ ବର୍ଷ ପର୍ଯ୍ୟନ୍ତ ଗୁଇନ୍ଦା ବ୍ୟୁରୋ (ଆଇବି)ରେ ଉଲ୍ଲେଖନୀୟ ସେବା ଦେଇଥିଲେ। ଅଧିକାରୀଙ୍କ ସୂଚନା ଅନୁଯାୟୀ ଡେପୁଟି ଏନଏସଏ ଭାବେ ସେ ଜମ୍ମୁ-କଶ୍ମୀର, ମାଓବାଦୀ, ଉତ୍ତରପୂର୍ବ ଭାରତରେ ଲାଗିରହିଥିବା ବିଦ୍ରୋହ ସହିତ ଭାରତୀୟ ଆଭ୍ୟନ୍ତରୀଣ ମାମଲାରେ ବୁଝିବେ।

## ଜର୍ମାନୀଠାରୁ ୬ ବୁଡ଼ାଜାହାଜ କିଣିବ ଭାରତ

ନୂଆଦିଲ୍ଲୀ,୨୪।୮(ଏଜେନ୍ସି): ବାୟୁସେନା ଓ ନୌସେନାର ଶକ୍ତି ତଥା ଦକ୍ଷତା ବୃଦ୍ଧି କରିବାକୁ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏହିକ୍ରମରେ ସରକାର ଦୁଇଟି ଚୁକ୍ତି କରିବାକୁ ପ୍ରସ୍ତୁତି କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ମଝଗାଓଁ ଡକ୍ ସିପ୍ ବିଲ୍ଡର୍ସ ଲିମିଟେଡ ମଧ୍ୟରେ ଜର୍ମାନୀଠାରୁ ୬ଟି ବୁଡା ଜାହାଜ କିଣିବା ନେଇ ପ୍ରଥମ ଚୁକ୍ତି ହୋଇଛି। ଭାରତ ସରକାର 'ପ୍ରୋଜେକ୍ଟ ୭୫ ଇଣ୍ଡିଆ' ଅନୁସାରେ ଜର୍ମାନୀର ସହାୟତାରେ ଭାରତରେ ନିର୍ମାଣ ହେବାକୁ ଥିବା ଏହି ବୁଡାଜାହାଜଗୁଡ଼ିକୁ କ୍ରୟ ପାଇଁ ଆଲୋଚନାକୁ ମଞ୍ଜୁରି ଦେଇଛି। ୭୦ ହଜାର କୋଟି ଟଙ୍କାରେ ଏହି ଚୁକ୍ତି ହେବ। ସେହିପରି ଭାରତ ସରକାର ଇସ୍ରାଏଲଠାରୁ ଆକାଶରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ରାମ୍ପେଜ ମିସାଇଲ କ୍ରୟ କରିବ। ପାଷ୍ଟ-ଟ୍ରାକ ପ୍ରକ୍ରିୟା ଅନୁସାରେ ଖୁବଶୀଘ୍ର ଏହି ନେଇ ନିର୍ଦ୍ଦେଶ ଦିଆଯିବ ବୋଲି କୁହାଯାଇଛି।

## ଶିବ୍‌କୁମାରଙ୍କ ପରେ କଂଗ୍ରେସ ବିଧାୟକ ଗାଇଲେ ଆରଏସ୍‌ଏସ୍ ଗୀତ

ବେଙ୍ଗାଲୁରୁ, ୨୪।୮(ଏଜେନ୍ସି): କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବ୍‌କୁମାରଙ୍କ ପରେ ଆଉ ଜଣେ କଂଗ୍ରେସ ବିଧାୟକ ଆରଏସ୍‌ଏସ୍‌ର ଗୀତ ଗାନ କରିଛନ୍ତି। ତୁମ୍‌କୁର ଜିଲ୍ଲାର କୁନିଗଲ ବିଧାୟକ ଏଚ୍‌ଡି ରଙ୍ଗନାଥ ରବିବାର ସାମ୍ବାଦିକଙ୍କ ସହ କଥା ହେଉଥିବା ବେଳେ 'ନମସ୍ତେ ସଦାବତ୍ସଳେ ମାତୃଭୂମି' ଗାନ କରିଥିଲେ। ବିଧାନସଭାରେ ଶିବ୍‌କୁମରା ଗାନ କରିବା ପରେ ଏହି ଗୀତ ପ୍ରଥମଥର ପାଇଁ ଶୁଣିଥିଲି। ଏହା ମୋତେ ଭଲ ଲାଗିଥିଲା। ଆମ ପାର୍ଟି ଧର୍ମନିରପେକ୍ଷ ହୋଇଥିବା ବେଳେ ଅନ୍ୟମାନଙ୍କଠାରେ ଥିବା ଭଲ କଥା ଶିକ୍ଷା କରିବାରେ କୌଣସି ଅସୁବିଧା ନାହିଁ ବୋଲି ରଙ୍ଗନାଥ କହିଛନ୍ତି। ପୂର୍ବରୁ ଶିବ୍‌କୁମାର ଅଗଷ୍ଟ ୨୧ରେ ବିଧାନସଭାରେ ଏହି ଗୀତ ଗାନ କରି ଚର୍ଚ୍ଚା ସୃଷ୍ଟି କରିଥିଲେ।





# ପ୍ରବଳ ବର୍ଷାରେ ଜମ୍ମୁ, ରାଜସ୍ଥାନ ବେହାଲ

- ରାଜସ୍ଥାନ ବୁନ୍ଦିରେ ପଶିଲା ଚମ୍ବଲ ପାଣି
- ଜମ୍ମୁ ଆଇଆଇଏମ୍ କ୍ୟାମ୍ପସ୍‌ରେ ପାଣି
- ଫସି ରହିଛନ୍ତି ୧୫୦ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ,୨୪।୮(ଏଜେନ୍ସି):

ମୌସୁମୀ ପ୍ରଭାବରୁ ବିଭିନ୍ନ ରାଜ୍ୟରେ ଭୀଷଣ ବର୍ଷା ଜାରି ରହିଛି। ଏଥିଯୋଗୁଁ ରାଜସ୍ଥାନର କୋଟା, ବୁନ୍ଦି, ସବାଇ ମାଧୋପୁର ଓ ଟୋଙ୍କରେ ବନ୍ୟାସ୍ଥିତି ସୃଷ୍ଟି ହୋଇଛି। ଏହି ଅଞ୍ଚଳରେ ଥିବା ଘରଗୁଡିକରେ ଚମ୍ବଲ ନଦୀର ପାଣି ପଶିଛି। ରାଜ୍ୟ ରାଜପଥ ଓ ଅନ୍ୟ ସଡ଼କଗୁଡିକ ବୁଡ଼ି ଯାଇଛି। ଉଦ୍ଧାରକାର୍ଯ୍ୟ ପାଇଁ ସେନାକୁ ଡକାଯାଇଛି। ଭାରତୀୟ ବାୟୁସେନା ଏମ୍‌ଆଇ- ୧୭ ହେଲିକପ୍ଟର ନିୟୋଜିତ କରିଛି। ବାୟୁସେନାକୁ ସଜାଗ କରି ରଖାଯାଇଛି। ଏନ୍‌ଡିଆରଏଫ ଏବଂ ଏସ୍‌ଡିଆରଏଫ ମଧ୍ୟ ମୁତୟନ କରାଯାଇଛି। ସେହିପରି ଜମ୍ମୁ-କଶ୍ମୀରରେ ମଧ୍ୟ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଜମ୍ମୁର ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଟରଗେଟିଭ ମେଡିସିନ (ଆଇଆଇଆଇଏମ୍) କ୍ୟାମ୍ପସରେ ବନ୍ୟା ପାଣି ପଶିଛି। ହଷ୍ଟେଲର ପ୍ରଥମ ମହଲା ପାଣିରେ ବୁଡିଯାଇଛି। ଫଳରେ ୧୫୦ ଜଣ ଛାତ୍ରଛାତ୍ରୀ ଫସି ରହିଛନ୍ତି। ଏମାନଙ୍କୁ ଉଦ୍ଧାର ପାଇଁ ଏସ୍‌ଡିଆରଏଫ୍ ମୁତୟନ କରାଯାଇଛି। ଦିଲ୍ଲୀର ସରିତା ବିହାରରେ ମଧ୍ୟ ପ୍ରବଳ ବର୍ଷା ହୋଇଛି। ଉତ୍ତରାଖଣ୍ଡର ଥରାଲୀରେ ହୋଇଥିବା ବିପର୍ଯ୍ୟୟ କାରଣରୁ ଭିତିଭୂମିର ପୁନଃ ନିର୍ମାଣ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି। ସେହିପରି ଉତ୍ତରପ୍ରଦେଶରେ ବନ୍ଧ, ନଦୀ ଓ ନାଳଗୁଡିକରେ ଜଳପତନ ବର୍ଷା କାରଣରୁ ବୃଦ୍ଧି ପାଇଛି। ୮ଟି ନଦୀ ବନ୍ଧର ଗେଟ୍ ଖୋଲା ଯାଇଛି। ମିର୍ଜାପୁରସ୍ଥିତ ଅହରାଉଣା ବନ୍ଧରେ ପାଣି ଉଛୁଳିଛି। ଫଳରେ ଗତ ୯ ବର୍ଷ ମଧ୍ୟରେ ଏହି ବନ୍ଧର ୨୨ଟି ଗେଟ୍ ଖୋଲାଯାଇଛି। ୨୦ଟି ଗାଁ ବନ୍ୟା ଘେରରେ ରହିଛି। ବହୁ ଚାଷ ଜମି ପାଣିରେ ବୁଡି ରହିଥିବାରୁ ବିପୁଳ ଫସଲ ନଷ୍ଟ ହୋଇଛି। ଦେଶର ୨୯ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ତରଫରୁ ସତର୍କତା ଜାରି କରାଯାଇଛି। ରାଜସ୍ଥାନ ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ଉତ୍ତରାଖଣ୍ଡ ଓ ମଧ୍ୟପ୍ରଦେଶ ସମେତ ୬ଟି ରାଜ୍ୟରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ଉତ୍ତରପ୍ରଦେଶ ଓ ବିହାର ସମେତ ୨୨ଟି ରାଜ୍ୟରେ ୟେଲୋ ଆଲର୍ଟ ଜାରି କରାଯାଇଛି।

### ଗଗନଯାନ ଅଭିଯାନର ପ୍ରସ୍ତୁତି

## ଏୟାର ଡ୍ରପ୍ ଟେଷ୍ଟ ସଫଳ

ଶ୍ରୀହରିକୋଟା, ୨୪।୮ (ଏଜେନ୍ସି): ଭାରତ ନିଜର ମହତ୍ତ୍ୱାକାଂକ୍ଷୀ 'ଗଗନଯାନ ଅଭିଯାନ' କ୍ଷେତ୍ରରେ ଆଉ ପାଦେ ଆଗକୁ ବଢ଼ିଛି। ରବିବାର ଶ୍ରୀହରିକୋଟାରେ ଗଗନଯାନ ଅଭିଯାନ ପାଇଁ ପ୍ରଥମ ପାରାସୁଟ୍ ପରୀକ୍ଷଣ କରାଯାଇଛି। ଭାରତୀୟ ବାୟୁସେନାର



ଚିନୁକ ହେଲିକପ୍ଟରରୁ କ୍ରୁ ମଡ୍ୟୁଲୋକୁ ୪ କିମି ଉପରୁ ସମୁଦ୍ରରେ ପକାଇ 'ଏୟାର ଡ୍ରପ୍ ଟେଷ୍ଟ' କରାଯାଇଛି। ଏହା ତିନୋଟି ପାରାଚୁଟ ମାଧ୍ୟମରେ ସମୁଦ୍ରରେ ଅବତରଣ କରିବାରେ ସଫଳ ହୋଇଛି। ପାରାଚୁଟର ବିଶ୍ୱସନୀୟତା ଯାଞ୍ଚ ଏହି ପରୀକ୍ଷଣର ଉଦ୍ଦେଶ୍ୟ ଥିଲା। ମହାକାଶରୁ କ୍ରୁ ମଡେଲ ଫେରିବା ସମୟରେ ପାରାଚୁଟ୍ ଖୋଲୁଛି କି ନାହିଁ, ସୁରକ୍ଷିତ ଭାବେ ଅବତରଣ କରୁଛି କି ନାହିଁ ତାହା ଦେଖା ଯାଇଥିଲା। ଏହି ପରୀକ୍ଷଣରେ ଇସ୍ରୋ, ଭାରତୀୟ ବାୟୁସେନା, ଡିଆରଡିଓ, ନୌସେନା ଏବଂ ଭାରତୀୟ ତଟରକ୍ଷୀ ବାହିନୀ ସାମିଲ ଥିଲା।

ମହାକାଶ ଅର୍ଥନୀତି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହା ୨୦୩୫ ସୁଦ୍ଧା ୧.୮ ଟ୍ରିଲିୟନ ଡଲାର ଅର୍ଥାତ୍ ୧୫୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯିବ। ତେଣୁ ଭାରତ ଏହି ପ୍ରତିଯୋଗିତାରେ ରହିବାକୁ ଚାହୁଁଛି। ଭାରତ ଗଗନଯାନ ଅଭିଯାନରେ ମହାକାଶକୁ ମନୁଷ୍ୟ ପଠାଇବ। ଏହା ସଫଳ ହେଲେ ରୁଷ, ଆମେରିକା ଏବଂ ଚୀନ୍ ପରେ ଭାରତ ଚତୁର୍ଥ ରାଷ୍ଟ୍ର ହୋଇଯିବ।

## ବକେୟା ବିବାଦ: ହରିୟାଣାରେ ଆୟୁଷ୍ମାନ ଚିକିତ୍ସା ବନ୍ଦ

ଚଣ୍ଡିଗଡ, ୨୪।୮ (ଏଜେନ୍ସି): ଗରିବ ଲୋକଙ୍କ ଚିକିତ୍ସା ପାଇଁ ଭାରତ ସରକାର 'ଆୟୁଷ୍ମାନ ଭାରତ' ଯୋଜନା ପ୍ରଚଳନ କରିଛନ୍ତି। ଏହା ଲୋକଙ୍କ ଆର୍ଥିକ ବୋଝକୁ କମ୍ କରିବ ବୋଲି କୁହାଯାଉଛି। କିନ୍ତୁ ଏହା ଏବେ ଗରିବଙ୍କୁ ଯନ୍ତ୍ରଣା ଦେବା ଆରମ୍ଭ କରିଛି। ହରିୟାଣାରୁ ଏହାର ଭୟଙ୍କର ଚିତ୍ର ସାମ୍ନାକୁ ଆସିଛି। ଘରୋଇ ହସ୍ପିଟାଲଗୁଡିକ ଗତ ୭ ତାରିଖରୁ ଆୟୁଷ୍ମାନ ଭାରତ କାର୍ଡ ଅଧୀନରେ ଚିକିତ୍ସା ଯୋଗାଇବା ବନ୍ଦ କରିଦେଇଛନ୍ତି। ଏହି ଯୋଜନା ବାବଦ ସରକାରଙ୍କ ଉପରେ ୪୯୦ କୋଟି ଟଙ୍କା ବାକି ଥିବା ବେଳେ ସେମାନେ ଆଉ ଚିକିତ୍ସା କରିବାକୁ ମନା କରିଦେଇଛନ୍ତି। ସରକାର ବକେୟା ଅର୍ଥ ପଇଠ ନକରିବା ପର୍ଯ୍ୟନ୍ତ ଆୟୁଷ୍ମାନ ଚିକିତ୍ସା କରାଯିବ ନାହିଁ ବୋଲି ଇଣ୍ଡିଆନ ମେଡିକାଲ ଆସୋସିଏସନ (ଆଇଏମଏ)ର ହରିୟାଣା ଶାଖା ପକ୍ଷରୁ ଜଣାଇ ଦିଆଯାଇଛି।

**ପୁରୁଣା ବିଲ୍ ନ ଦେବା ଯାଏଁ ସେବା ଦିଆଯିବନି**

**ଚିକିତ୍ସା କରୁନାହାନ୍ତି ୬୫୦ ଘରୋଇ ହସ୍ପିଟାଲ**

ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ପ୍ରାୟ ୬୫୦ ଘରୋଇ ଡାକ୍ତରଖାନା ଏହି କାରଣରୁ ଆୟୁଷ୍ମାନ ଭାରତ ସେବାକୁ ବନ୍ଦ କରିଦେଇଛନ୍ତି। ଏଥିଯୋଗୁଁ ଦେଢ଼ କୋଟି ହିତାଧିକାରୀ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି ଏବଂ ସରକାରୀ ଡାକ୍ତରଖାନା ଗୁଡିକରେ ରୋଗୀଙ୍କ ପ୍ରବଳ ଗହଳି ଲାଗି ରହିଛି। ଆଇଏମଏ ସୂଚନା ଅନୁଯାୟୀ ସରକାରଙ୍କ ଉପରେ ୪୯୦ କୋଟି ଟଙ୍କା ବକେୟା ପଡ଼ିଛି। ଆଂଶିକ ଦେୟ ପ୍ରଦାନ ସତ୍ତ୍ୱେ ସେବା ଆରମ୍ଭ ହେବନାହିଁ। ସରକାରଙ୍କୁ ପୂରା ଅର୍ଥ ପଇଠ କରିବାକୁ ପଡ଼ିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବକେୟା ଅର୍ଥ ଦାବି।।ରେ ଆଇଏମଏ ସଦସ୍ୟମାନେ ରବିବାର ପାନିପଥରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ରୋଗୀଙ୍କୁ ସରକାର ଅବହେଳା କରୁଥିବା ଅଭିଯୋଗ ଲଗାଇଛନ୍ତି। ଆୟୁଷ୍ମାନ ଭାରତ ଦ୍ୱାରା ଲୋକେ କି ଘରୋଇ ଡାକ୍ତରଖାନା କେହି ଖୁସି ନାହାନ୍ତି। ପାରଦର୍ଶୀ ଦେୟ ବ୍ୟବସ୍ଥା ନ ଆଣିଲା ପର୍ଯ୍ୟନ୍ତ ଏହି ସେବା ଆରମ୍ଭ ହେବ ନାହିଁ। ଏହାକୁ ନେଇ ସରକାର ଡାକ୍ତରଖାନା ଗୁଡିକୁ ଉତ୍ପୀଡ଼ନ ଦେବା ବନ୍ଦ କରନ୍ତୁ।

ତେବେ ସ୍ୱାସ୍ଥ୍ୟମନ୍ତ୍ରୀ ଆରତି ରାଓ ଘରୋଇ ଡାକ୍ତରଖାନାଗୁଡିକର ଏଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଏହି ସମସ୍ୟାର ସମାଧାନ ଲାଗି ମୁଖ୍ୟମନ୍ତ୍ରୀ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସତ୍ତ୍ୱେ ବି ଡାକ୍ତରଖାନାଗୁଡିକ ସେବା ଆରମ୍ଭ କରିନାହାନ୍ତି। ଏଥିପାଇଁ ହଜାର ହଜାର ରୋଗୀ ହଇରାଣ ହେଉଛନ୍ତି।

## ପୂଜାଙ୍କୁ ମାରି ବିଜେପି ଆମକୁ ଜେଲ୍ ପଠାଇବ: ଅଖିଳେଶ

ଲକ୍ଷ୍ନୌ, ୨୪।୮ (ଏଜେନ୍ସି): ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ବିଜେପି ଉପରେ ବଡ଼ ଅଭିଯୋଗ ଲଗାଇଛନ୍ତି। ସେ ରବିବାର ଲକ୍ଷ୍ନୌରେ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ବିଧାୟିକା ପୂଜା ପାଲ୍‌ଙ୍କୁ ବିଜେପ ମାରିଦେବ। କିନ୍ତୁ ଏହି ମାମଲାରେ ଆମକୁ ଜେଲ୍ ଯିବାକୁ ପଡ଼ିବ। ତେଣୁ କାହାଠାରୁ ପୂଜା ପାଲ୍‌ଙ୍କୁ ବିପଦ ଅଛି ତାହାର ଯାଞ୍ଚ ହେବା ଉଚିତ। ଉତ୍ତର ପ୍ରଦେଶ ସରକାରଙ୍କୁ ଭରସା କରିହେବ ନାହିଁ।ଅଖିଳେଶ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଥିବା ଲୋକ ପ୍ରତି ବିପଦ କେମିତି ବୁଝା ପଡୁନି। ଏହି ମାମଲାକୁ ନେଇ ଏସ୍‌ପି ମୁଖ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ମାମଲାର ଯାଞ୍ଚ ଦାବି କରିଛନ୍ତି। ଯେତେ ବର୍ଷ ପର୍ଯ୍ୟନ୍ତ ପୂଜା ଏସ୍‌ପିରେ ଥିଲେ ସେ ପର୍ଯ୍ୟନ୍ତ ତାଙ୍କ ପ୍ରତି କୌଣସି ବିପଦ ନ ଥିଲା। ଦୁଇ ଦିନ ତଳେ ପୂଜା ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଅଖିଳେଶଙ୍କ ବିରୋଧରେ ଅଭିଯୋଗ ଲଗାଇ ଥିଲେ। ଯଦି ମୋ ସ୍ୱାମୀଙ୍କ ପରି ମୋତେ ହତ୍ୟା କରାଯାଏ ତେବେ ଏହାର ଦୋଷୀ ଏସ୍‌ପି ଏବଂ ଅଖିଳେଶ ଯାଦବଙ୍କୁ ଧରାଯାଉ। ସୂଚନାଯୋଗ୍ୟ ଯେ ମାଫିଆ ଅତିକ ମହମ୍ମଦକୁ ମାଟିରେ ମିଶାଇବାକୁ ନେଇ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଶଂସା କରିବାର ୮ ଘଣ୍ଟା ପରେ ଗତ ୧୪ ତାରିଖରେ ଅଖିଳେଶ ପୂଜାଙ୍କୁ ଦଳରୁ ବହିଷ୍କାର କରିଥିଲେ।

## 'ବିନା ରକ୍ତପାତରେ କ୍ଷମତା ପରିବର୍ତ୍ତନ'

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ରବିବାର ଦିଲ୍ଲୀରେ ବିଧାନସଭାରେ ଆୟୋଜିତ 'ସର୍ବ ଭାରତୀୟ ବାଚସ୍ପତି ସମ୍ମିଳନୀ'କୁ ଉଦ୍‌ଘାଟନ କରିଛନ୍ତି। ଏହା ଦୁଇ ଦିନ ପର୍ଯ୍ୟନ୍ତ ଚାଲିବ। ୨୯ ରାଜ୍ୟର ବାଚସ୍ପତି

**ଦିଲ୍ଲୀରେ ବାଚସ୍ପତିଙ୍କ ସମ୍ମିଳନୀ**



ଏବଂ ୬ ରାଜ୍ୟର ବିଧାନ ପରିଷଦ ସଭାପତି ଓ ଉପସଭାପତି ଏଥିରେ ସାମିଲ ହୋଇଛନ୍ତି। ଏହି ସମ୍ମିଳନୀରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ, ଲୋକସଭାର ପୂର୍ବତନ ବାଚସ୍ପତି ମୀରା କୁମାର ଏବଂ ଅନେକ କେନ୍ଦ୍ରମନ୍ତ୍ରୀ ମନ୍ତ୍ରୀ ମଧ୍ୟ ସାମିଲ ହେବେ। ଦିଲ୍ଲୀ ବାଚସ୍ପତି ବିଜେନ୍ଦ୍ର ଗୁପ୍ତା କହିଥିଲେ ଯେ ୧୯୨୫ ଅଗଷ୍ଟ ୨୪ରେ ବିଠଲଭାଇ ପଟେଲ ସେଣ୍ଟ୍ରାଲ ଆସେମ୍ବଲିର ପ୍ରଥମ ଭାରତୀୟ ବାଚସ୍ପତି ନିର୍ବାଚିତ ହୋଇଥିଲେ। ଏହାର ଶହେ ବର୍ଷ ପୂର୍ତ୍ତି ଅବସରରେ ଏହି ସମ୍ମିଳନୀ ଆୟୋଜିତ ହୋଇଛି। ସମ୍ବୋଧନ କରି ଶାହା କହିଛନ୍ତି ଯେ ଦେଶ ସ୍ୱାଧୀନ ହେବା ପରେ କିଛି ଲୋକ ଭାରତର ଉପହାସ କରିଥିଲେ। ଏମାନେ କେମିତି ଦେଶ ଚଳାଇବେ ବୋଲି କହିଥିଲେ। କିନ୍ତୁ ଭାରତ ୮୦ ବର୍ଷ ହେଲା ଗଣତନ୍ତ୍ରର ମୂଳଦୁଆକୁ ଅଧିକ ମଝବୁତ କରିଛି।

**ପିଏମ, ସିଏମ୍‌ଙ୍କୁ ବହିଷ୍କାର ବିଲ୍**

## ଜେପିସିରେ ସାମିଲ ହେବେନି ତିନି ଦଳ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ଗିରଫ ହୋଇ ୩୦ ଦିନ ହେପାଜତ ରହିଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କୁ ହଟାଇବା ପାଇଁ କେନ୍ଦ୍ର ଆଣିଥିବା ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇ ଦିଆଯାଇଛି। ତେବେ ବିରୋଧୀ ଦଳଗୁଡିକ ଏହି ବିଲ୍‌କୁ ବିରୋଧ କରି ଜେପିସିକୁ ବର୍ଜନ କରୁଛନ୍ତି। ଏ ପର୍ଯ୍ୟନ୍ତ ପଶ୍ଚିମବଙ୍ଗ ଟିଏମ୍‌ସି, ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ଆମ ଆଦମୀ ପାର୍ଟି (ଆପ୍) ଜେପିସି କମିଟିରେ ସାମିଲ ହେବେନି ବୋଲି ଘୋଷଣା କରିସାରିଛନ୍ତି। ଅଣ-ବିଜେପି ଶାସିତ ରାଜ୍ୟର ସରକାରଙ୍କୁ ଭୁଶୁଡ଼ାଇବା ପାଇଁ ଏହି ବିଲ୍ ଅଣାଯାଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଟିଏମସି ରାଜ୍ୟସଭା ସାଂସଦ ଡେରେକ ଓ' ବ୍ରାଇନ ଜେପିସିକୁ ମୂଲ୍ୟହୀନ କହିଛନ୍ତି। ଆପ୍ ସାଂସଦ ସଞ୍ଜୟ ସିଂହ କହିଛନ୍ତି ଯେ ଦୁର୍ନୀତିଗ୍ରସ୍ତଙ୍କ ନେତା ଦୁର୍ନୀତି ବିରୋଧୀ ବିଲ୍ କେମିତି ଆଣିପାରିବେ? ଜାଲ୍ ମାମଲାରେ ଫସାଇ ନେତାଙ୍କୁ ଗିରଫ କରି ସରକାର ଭୁଶୁଡ଼ାଇବା ଏହି ବିଲ୍‌ର ଉଦ୍ଦେଶ୍ୟ।

**ରାହୁଲଙ୍କ ଭୋଟର ଅଧିକାର ଯାତ୍ରା**


## ଏସ୍‌ଆଇଆର୍ ଭୋଟ ଚୋରିର ମାଧ୍ୟମ

ପାଟନା, ୨୪।୮ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ଯାଞ୍ଚ ତଥା ଏସ୍‌ଆଇଆରକୁ ବିରୋଧ କରି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆରମ୍ଭ କରିଥିବା 'ଭୋଟର ଅଧିକାର ଯାତ୍ରା' ଅଷ୍ଟମ ଦିନରେ ଅରରିଆରେ ପହଞ୍ଚିଛି। ଏଠାରେ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ସହ ରାହୁଲ ବାଇକ ଚଳାଇ ଯାତ୍ରାରେ ବାହାରିଥିବା ଦେଖାଯାଇଛି। ଏହି ଯାତ୍ରାରେ ବିରୋଧୀ ମେଣ୍ଟ ଇଣ୍ଡିଆର ଅନ୍ୟ ସଦସ୍ୟ ମଧ୍ୟ ସାମିଲ ହୋଇଛନ୍ତି। ଏଠାରେ ତେଜସ୍ୱୀଙ୍କ ସହ ସାମ୍ବାଦିକ ସମ୍ମିଳନୀ କରି ରାହୁଲ ପୁଣି ନିର୍ବାଚନ କମିଶନ (ଇସି)ଙ୍କୁ ନିଶାଣ କରିଛନ୍ତି। ଇସି ଭୋଟ ଚୋରି କରିବା ପାଇଁ ଏସ୍‌ଆଇଆର ଆରମ୍ଭ କରିଛନ୍ତି। ଏହାକୁ ସଂସ୍ଥାଗତ ବନାଇବାକୁ ପ୍ରୟାସ ହେଉଛି। ଲକ୍ଷ ଲକ୍ଷ ଭୋଟରଙ୍କ ନାମ ହଟାଇ ଦିଆଯାଇଛି। ଇସି ବିଜେପି ପାଇଁ କାମ କରୁଛନ୍ତି। ବିରୋଧୀ ଅଭିଯୋଗ କରି ଚାଲିଥିବାବେଳେ ବିଜେପି ଏ ପର୍ଯ୍ୟନ୍ତ ମୁହଁ ଖୋଲୁନାହିଁ। କାରଣ ବିଜେପି ଏବଂ ଇସିଙ୍କ ମଧ୍ୟରେ ଭାଗିଦାରୀ ହୋଇଯାଇଛି।

# ଯୌତୁକ ଜୁଇରେ ଦିନକୁ ଯାଉଛି ୨୦ ମହିଳାଙ୍କ ଜୀବନ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି):

ଉତ୍ତର ପ୍ରଦେଶ ଗ୍ରେଟର ନୋଏଡ଼ାର ନିକ୍କି ହତ୍ୟାକାଣ୍ଡ ସାରା ଦେଶକୁ ବିଚଳିତ କରିଦେଇଛି। ଅଧିକ ଯୌତୁକ ପାଇଁ ପେଟ୍ରୋଲ ପକାଇ ସ୍ୱାମୀ ଏବଂ ଶାଶୁ-ଶଶୁର ତାଙ୍କୁ ନିଆଁ ଲଗାଇ ହତ୍ୟା କରିଥିଲେ। ଏବେ ସମସ୍ତେ ନିକ୍କିଙ୍କ ପାଇଁ ନ୍ୟାୟ ମାଗୁଛନ୍ତି। ଏହି ଘଟଣା ସାରା ଦେଶକୁ ଲଜ୍ଜିତ କରିଦେଇଛି। କିନ୍ତୁ ପୁଅ ଆଗରେ ମାଆକୁ ମାରିଥିବା ପିଶାଚ ସ୍ୱାମୀ ପଶ୍ଚାତାପ କରିବାକୁ ମଧ୍ୟ ଉଚିତ ମଣିନାହିଁ। ଏପରି ସମୟରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ନିଜକୁ ଆଧୁନିକ କହି



ଗର୍ବ କରୁଥିବା ଭାରତୀୟ ସମାଜରେ ଯୌତୁକ ଜନିତ ବଧୂ ହତ୍ୟା ବ୍ୟାଧି ଭଳି ବ୍ୟାପିବାରେ ଲାଗିଛି। ଯୌତୁକର ଲୋଭ ମନୁଷ୍ୟକୁ ପଶୁବତ୍ କରିଦେଉଛି। ଏଥିପାଇଁ ରାକ୍ଷସ ପାଲଟି ମହିଳାଙ୍କ ଜୀବନ ନେବାକୁ ମଧ୍ୟ ପଛାଉ ନାହାନ୍ତି। ସରକାରୀ ତଥ୍ୟ ଅନୁଯାୟୀ ଦେଶରେ ପ୍ରତ୍ୟେକ ଦିନ ଯୌତୁକ ଯୋଗୁଁ ୨୦ ମହିଳାଙ୍କ ମୃତ୍ୟୁ ହେଉଛି।

ଗତ ୨୨ ବର୍ଷ ମଧ୍ୟରେ ଯୌତୁକ ନାମରେ ୧.୮ ଲକ୍ଷ ମହିଳାଙ୍କୁ ହତ୍ୟା କରାଯାଇଛି। ୨୦୧୮ରୁ ୨୦୨୧ ମଧ୍ୟରେ ୩୪, ୪୯୩ ମହିଳାଙ୍କୁ ମାରି ଦିଆଯାଇଛି। କେବଳ ୨୦୨୨ରେ ୬, ୪୫୦ ମହିଳାଙ୍କୁ ହତ୍ୟା କରାଯାଇଥିଲା। ଉତ୍ତର ପ୍ରଦେଶରୁ ସର୍ବାଧିକ ଯୌତୁକ ମାମଲା ସାମ୍ନାକୁ ଆସିଛି। ୟୁପିରେ ଯୌତୁକ ଯୋଗୁଁ ୧୧, ୮୭୪ ମହିଳାଙ୍କ ଜୀବନ ଯାଇଛି। ସେହିପରି ବିହାରରେ ୫,୩୫୪, ମଧ୍ୟପ୍ରଦେଶରେ ୨, ୮୫୯, ପଶ୍ଚିମବଙ୍ଗରେ ୨, ୩୮୯ ଏବଂ ରାଜସ୍ଥାନରେ ୨,୨୪୪ ମହିଳା ଯୌତୁକ ଯୋଗୁଁ ଜୀବନ ହରାଇଛନ୍ତି। ୨୦୨୪ରେ ମହିଳା ବିରୋଧୀ ଅପରାଧକୁ ନେଇ ୨୫, ୭୪୩ ଅଭିଯୋଗ ରୁଜୁ ହୋଇଥିଲା। ଏଥିରେ ସର୍ବାଧିକ ୨୪ ପ୍ରତିଶତ ତଥା ୬, ୨୩୭ ମାମଲା ଘରୋଇ ହିଂସାର ଥିଲା। ସେହିପରି ଯୌତୁକ ଉତ୍ପୀଡ଼ନର ୧୭ ପ୍ରତିଶତ ଅର୍ଥାତ୍ ୪, ୩୮୩ ମାମଲା ରେକର୍ଡ କରାଯାଇଥିଲା।

■ ନନ୍ଦନକାନନରେ କାନ୍ଦୁଛି ଧଳାବାଘ ମୌସୁମୀ

# ଆଖିବୁଜିଲା ରୋଗଗ୍ରସ୍ତ ଶାବକ

ବାରଙ୍ଗ/ନନ୍ଦନକାନନ,୨୪।୮(ସମିସ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଶନିବାର ଏକ ଧଳା ପୁରୁଷ ବାଘ ଛୁଆର ମୃତ୍ୟୁ ଘଟିଛି। ଦୀର୍ଘ ଦିନ ଧରି ଚିକିତ୍ସା ଏବଂ ଯତ୍ନ ସତ୍ତ୍ୱେ ବାଘ ଛୁଆଟିକୁ ବଞ୍ଚାଇ ପାରିନାହାନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଗତ ୭ ଜୁନ୍‌ରେ ଧଳା ବାଘୁଣୀ ମୌସୁମୀ ଏବଂ ସାଧାରଣ ରଙ୍ଗର ବାଘ ରାଜେଶଠାରୁ ୨ଟି ଛୁଆ ଜନ୍ମ ହୋଇଥିଲା। ସେଥିମଧ୍ୟରୁ ପୁରୁଷ ଛୁଆଟି ବହୁତ ଦୁର୍ବଳ ଓ କମ୍ ଓଜନ (୬୫୦ ଗ୍ରାମ୍)ର ରହିଥିଲା। କୁକୁରମାନଙ୍କ ଭଳି ତା'ର ସ୍ୱୁଇମର ପପି ସିଣ୍ଡ୍ରୋମ ବିକୃତି ଦେଖାଦେଇଥିଲା। ଜୁନ୍ ୧୧ରେ ଶାବକଟି କ୍ଷୀରପାନ କରିପାରି ନଥିଲା। ତେଣୁ ତାକୁ ପ୍ରାଣୀ ଶିଶୁପାଳନ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପରୀକ୍ଷା ପରେ ଶାବକର ନାଭିରେ ସଂକ୍ରମଣ, ଶରୀରର ତାପମାତ୍ରା କମ ଏବଂ ସାଧାରଣ ଦୁର୍ବଳତାରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ପରେ ଶାବକଟିକୁ ନେଇ ଏକ ଇନକ୍ୟୁବେଟର୍‌ରେ ରଖାଯାଇଥିଲା ଏବଂ ଅକ୍ସିଜେନ, ଇନଫ୍ରାରେଡ୍ ଥେରାପି ଦିଆଯାଇଥିଲା। ତା'ର ଶରୀରର ବିଭିନ୍ନ ଅଙ୍ଗକୁ ସୁଦୃଢ଼ କରିବା ପାଇଁ ପ୍ରତିଦିନ ଫିଜିଓଥେରାପିର ସହାୟତା ମଧ୍ୟ ନିଆଯାଉଥିଲା। ବିଶେଷଜ୍ଞ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଯତ୍ନ ଏବଂ ଯାଞ୍ଚ ସତ୍ତ୍ୱେ ଶାବକଟିର ସ୍ୱାସ୍ଥ୍ୟାବସ୍ଥା ସୁଧୁରିନଥିଲା। ସବୁବେଳେ ପଡ଼ି ରହିବା ଯୋଗୁଁ ମଳରେ ରକ୍ତ, କାନ ସଂକ୍ରମଣ ଏବଂ ଶରୀରରେ କ୍ଷତ ଆରମ୍ଭ ହୋଇଥିଲା। ଫଳରେ ଶନିବାର ସକାଳେ ଛୁଆଟିର ମୃତ୍ୟୁ ହୋଇଯାଇଥିଲା।

ମୌସୁମୀର ଅନ୍ୟ ମାଈ ସାଧାରଣ ରଙ୍ଗର ବାଘ ଛୁଆଟିର ମଧ୍ୟ ଡାହାଣ ପଛ ଅଙ୍ଗରେ ଜନ୍ମଗତ ସମସ୍ୟା ଥିବାରୁ ଚିକିତ୍ସାଧୀନ ରହିଛି ବୋଲି



ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ କହିଛନ୍ତି। ବାଘ ଛୁଆଟିର ମୃତ୍ୟୁ ପରେ ନନ୍ଦନକାନନରେ ବାଘ ସଂଖ୍ୟା ହ୍ରାସ ପାଇ ୨୮ରେ ପହଞ୍ଚିଛି। ସେଥିମଧ୍ୟରୁ ୧୭ଟି ଅଣ୍ଡିରା ଓ ୧୧ଟି ମାଈ ରହିଛନ୍ତି। ଯେଉଁଥିରେ ୧୯ଟି ସାଧାରଣ ରଙ୍ଗର ବାଘ (୧୧ ପୁରୁଷ, ୮ ମାଈ), ୫ ଧଳାବାଘ (୩ ପୁରୁଷ, ୨ ମାଈ) ଏବଂ ୪ଟି କଳାବାଘ (୩ ପୁରୁଷ,୧ମାଈ) ଅଛନ୍ତି।

## ରାଜ୍ୟରେ 'ପିଏମ୍ ସୂର୍ଯ୍ୟଘର' ଯୋଜନା ମନ୍ଥର

# ୩ ଲକ୍ଷ ଟାର୍ଗେଟ୍; ମାତ୍ର ୨୦ ହଜାର ଘରକୁ ସଂଯୋଗ

ଭୁବନେଶ୍ୱର,୨୪।୮(ସମିସ): ରାଜ୍ୟରେ ପିଏମ୍ ସୂର୍ଯ୍ୟଘର ଯୋଜନା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏକ୍ଷେତ୍ରରେ ରିଆତି ବ୍ୟବସ୍ଥା କରିଥିଲେ ହେଁ ଓଡ଼ିଶାରେ ଏହା ଆଖିଦୃଶିଆ ସଫଳତା ହାସଲ କରିପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ଏହି ଯୋଜନାକୁ ଉପଭୋକ୍ତା ଉପଯୋଗୀ କରିବା ପାଇଁ ଯୋଜନା କରାଯାଉଛି । ସୂଚନା ଅନୁଯାୟୀ ଏଣିକି ଏକ କିଲୋୱାଟ ପର୍ଯ୍ୟନ୍ତ ରୁଫଟପ୍ ସୋଲାର ପ୍ୟାନେଲ ଲଗାଇବା ପାଇଁ ଉପଭୋକ୍ତାଙ୍କୁ ମାତ୍ର ୫ ହଜାର ଟଙ୍କା ଦେବାକୁ ପଡ଼ିବ। ଅବଶିଷ୍ଟ ଅର୍ଥ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦେଉଥିବା ସବସିଡି ଅର୍ଥରୁ ଭରଣା କରାଯିବ। ଉପଯୋଗିତା ଆଧାରିତ ଏକତ୍ରୀକରଣ ମଡେଲ ଅଧିନରେ ଓଡ଼ିଶାର ବିତରକ କମ୍ପାନୀଙ୍କ ଏହି ପ୍ରସ୍ତାବକୁ କେନ୍ଦ୍ର ନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରାଳୟ ଅନୁମୋଦନ ଦେଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଏମ୍ ସୂର୍ଯ୍ୟଘର ଯୋଜନାରେ ଓଡ଼ିଶାକୁ ୩ ଲକ୍ଷ ଟାର୍ଗେଟ୍ ଦିଆଯାଇଥିଲା। କିନ୍ତୁ ଓଡ଼ିଶାରେ ଏହା ଧିମେଇ ଯାଇଛି। ବର୍ତ୍ତମାନ ସୁଦ୍ଧା ମାତ୍ର ୨୦ ହଜାର ସଂଯୋଗ ଦିଆଯାଇ ପାରିଛି। ରାଜ୍ୟରେ ବର୍ତ୍ତମାନ ଯୋଜନା ଅଧୀନରେ ପ୍ରାୟ ୧ ଲକ୍ଷ ୮୦ ହଜାର ଆବେଦନ ଥିବାବେଳେ ଏହାକୁ ରେଗୁଲାର ମିନିଟରିଂ କରାଯିବ



ବୋଲି ବିଭାଗୀୟ ସ୍ତରରେ ନିଷ୍ପତ୍ତି ହୋଇଛି।

ପିଏମ ସୂର୍ଯ୍ୟଘର ଯୋଜନାରେ ଏକ କିଲୋୱାଟ କ୍ଷମତା ବିଶିଷ୍ଟ ରୁଫଟପ୍ ସୋଲାର ପ୍ୟାନେଲ ଲଗାଇବାକୁ ପ୍ରାୟ ୬୦ ହଜାର ଟଙ୍କା ପଡୁଛି। ତନ୍ମଧ୍ୟରୁ କେନ୍ଦ୍ରୀୟ ସବସିଡି ବାବଦରେ ୩୦ ହଜାର ଟଙ୍କା ମିଳୁଥିବା ବେଳେ ରାଜ୍ୟ ସବସିଡି ବାବଦରେ ୨୫ ହଜାର ଟଙ୍କା ପ୍ରଦାନ କରାଯାଉଛି। ଅବଶିଷ୍ଟ ୫ ହଜାର ଟଙ୍କା ଉପଭୋକ୍ତା ବହନ କରୁଛନ୍ତି। ତେବେ ପୂର୍ବରୁ ପ୍ରଥମେ ଉପଭୋକ୍ତାଙ୍କୁ ସମସ୍ତ ଅର୍ଥ ପ୍ରଦାନ କରିବାକୁ ପଡୁଥିଲା। ଘର ଛାତ ଉପରେ ପ୍ୟାନେଲ ଲଗାଯିବା ପରେ ସବସିଡି ଅର୍ଥ ହିତାଧିକାରୀଙ୍କ ଖାତାକୁ ଆସୁଥିଲା। ତେବେ ନୂଆ ଅନୁମୋଦନ ପରେ ୧ କିଲୋୱାଟ ପାଇଁ ଗ୍ରାହକ ମାତ୍ର ୫ ହଜାର ଟଙ୍କା ପ୍ରଦାନ କରିବେ। ଯାହାଫଳରେ ଆବେଦନକାରୀ ଅର୍ଥ ପୈଠ ବେଳେ ଆସ୍ୱସ୍ତି ପାଇବେ ବୋଲି


■ ଉପଭୋକ୍ତାଙ୍କୁ ଉପଯୋଗୀ ହେବ ସୌର ଶକ୍ତି ଯୋଜନା
■ ୫ ହଜାର ଟଙ୍କାରେ ମିଳିବ ୧ କିଲୋୱାଟର ରୁଫ୍‌ଟପ୍ ପ୍ୟାନେଲ

ଜଣାପଡ଼ିଛି। ଅପରପକ୍ଷେ ଏହି ଯୋଜନାରେ ଲାଭ ଉଠାଇବା ପାଇଁ ମଧ୍ୟ କେତେକ ସର୍ତ୍ତ ରଖାଯାଇଛି। ଏହି ପ୍ୟାନେଲ କେବଳ ଛାତ ଉପରେ ଲାଗି ପାରିବ। ଏହାବ୍ୟତୀତ ଅଣ ଛାତ ଉପରେ ଏହାର ବ୍ୟବହାର କରାଯାଇପାରିବ ନାହିଁ। ପ୍ୟାନେଲ ଲାଗି ସାରିବା ପରେ ୫ ବର୍ଷ ଯାଇଁ କମ୍ପାନୀ ଏହାର ରକ୍ଷଣାବେକ୍ଷଣ କରିବ ବୋଲି ଜଣାପଡ଼ିଛି।

ମୃତ୍ୟୁ ବି ଏମିତି ଆସେ...

# ଖେଳୁଖେଳୁ ଚାଲିଗଲା ଜୀବନ

ଶୋକରେ ଭିଜିଲା କାଉନସିଲର କପ୍ ଫୁଟ୍‌ବଲ୍
ପଡ଼ିଆରେ ନ ଥିଲା ଡାକ୍ତରୀ ଟିମ୍ କି ଆମ୍ବୁଲାନ୍ସ
ଚିକିତ୍ସାରେ ବିଳମ୍ବ ଯୋଗୁଁ ମୃତ୍ୟୁ ଅଭିଯୋଗ



ଦେବଗଡ଼, ୨୪।୮ (ସମିସ): ଏମିତି ବି ଆସେ ମୃତ୍ୟୁ। ଖେଳୁଖେଳୁ ପଡ଼ିଆ ମଝିରେ ଚାଲିଗଲା ଜୀବନ। ଦେବଗଡ଼ ଜିଲ୍ଲା ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍‌ରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତକ ହେଲେ, ପୌରାଞ୍ଚଳର ୨ ନମ୍ବର ୱାର୍ଡ ଭୂୟାଁ ସାହିର ପ୍ରକାଶ ନାଏକ (୩୩)। ଦେବଗଡ଼ ଥାନା ପୁଲିସ ପ୍ରକାଶଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ଦେବଗଡ଼ ପୌର ପରିଷଦ ପକ୍ଷରୁ ଜିଲ୍ଲା କ୍ରୀଡ଼ା ସଂସଦ ସହଯୋଗରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଗତ ୨୧ ତାରିଖରୁ କାଉନସିଲର କପ୍ ଫୁଟବଲ ପ୍ରତିଯୋଗିତା ଚାଲିଛି। ଏଥିରେ ଆଜି ୱାର୍ଡ ନଂ ୨ ଏବଂ ୱାର୍ଡ ନଂ ୭ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖେଳ ଚାଲିଥିବା ବେଳେ ପ୍ରକାଶ ହଠାତ ପଡ଼ିଆ ମଧ୍ୟରେ ଟଳି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପ୍ରତିଯୋଗିତା ଆୟୋଜନ ପୂର୍ବରୁ ପଡ଼ିଆରେ ଡାକ୍ତରୀ ଟିମ୍ ଓ ଆମ୍ବୁଲାନ୍ସ ଯୋଗାଇବା ପାଇଁ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ସୂଚନା ଦିଆଯାଇଥିଲା। ହେଲେ ପଡ଼ିଆରେ ଡାକ୍ତର କି ଆମ୍ବୁଲାନ୍ସ ପହଞ୍ଚି ନଥିଲା। ଫଳରେ ଗୁରୁତର ପ୍ରକାଶଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ସହରଠାରୁ ୬ କିମି ଦୂର ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ପଡ଼ିଥିଲା। ଚିକିତ୍ସା ପାଇଁ ନେବାରେ ବିଳମ୍ବ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ରେଡକ୍ରସ୍ ପକ୍ଷରୁ ୧୦ ହଜାର ଓ ପୌର ପରିଷଦ ପକ୍ଷରୁ ୧୦ ହଜାର ଟଙ୍କା ତତ୍କାଳ ସହାୟତା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ଡବଲ ଇଞ୍ଜିନ ସରକାରଙ୍କ ଚାଷୀଙ୍କୁ ଡବଲ ପ୍ରତାରଣା: କଂଗ୍ରେସ

ଭୁବନେଶ୍ୱର,୨୪।୮(ସମିସ): ରାଜ୍ୟରେ ରୁଆ ବେଉଷଣ ସମୟରେ କଳାବଜାର ଓ ସରକାରୀ ବିଫଳତା ଯୋଗୁଁ ୟୁରିଆ ସଙ୍କଟ ସୃଷ୍ଟି ହୋଇଛି। ସରକାର କହିଥିଲେ ୨. ୯୪ ଲକ୍ଷ ଟନ୍ ୟୁରିଆ ପୂର୍ବରୁ ଷ୍ଟକ୍ ଥିଲା ଓ ୪.୫ ଲକ୍ଷ ଟନ୍ ଖରିଫ ପାଇଁ ମିଳିଥିବାରୁ ୭.୯୪ ଲକ୍ଷ ଟନ୍ ଉପଲବ୍ଧ ଅଛି। ସେଥିରୁ ୩.୬୫ ଲକ୍ଷ ଟନ୍ ବିକ୍ରି ହୋଇଛି ଓ ୪.୨୪ ଲକ୍ଷ ଟନ୍ ବିଭିନ୍ନ ଜିଲ୍ଲାରେ ବାକି ରହିଛି। କିନ୍ତୁ ସରକାରଙ୍କର କଥା ଯଦି ସତ, ତା ହେଲେ ଚାଷୀମାନେ କାହିଁକି ସାର ପାଉନାହାନ୍ତି ବୋଲି ରାଜ୍ୟ କଂଗ୍ରେସ ପ୍ରଶ୍ନ କରିଛି।

■ ରାଜ୍ୟରେ ଚରମ ସୀମାରେ ପହଞ୍ଚିଛି ୟୁରିଆ କଳାବଜାର
■ ଚାଷୀଙ୍କ ବିପଦ ସମୟରେ କୃଷିମନ୍ତ୍ରୀ ଦେଉଛନ୍ତି ନିର୍ଲଜ ବକ୍ତବ୍ୟ



ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁ ଅଭିଯୋଗ କରିଛନ୍ତି ଯେ ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବଲାଙ୍ଗିର, ସୁନ୍ଦରଗଡ଼, କଟକ (ନିଶିନ୍ତକୋଇଲି) ଓ ସମୁଦ୍ରତଟୀୟ ଅଞ୍ଚଳରେ ୨୨୬.୫୦ ଦରର ୟୁରିଆ ୫୦୦ ଟଙ୍କାରୁ ୬୦୦ ଟଙ୍କା ବିକ୍ରି ହେଉଛି। ଏପରିକି ନୂଆପଡାରେ ୟୁରିଆ ବ୍ୟାଗପିଛା ୯୦୦ ଟଙ୍କା ଦେବାକୁ ଚାଷୀ ବାଧ୍ୟ ହେଉଛି । ୧୩୫୦ ଟଙ୍କାର ଡିଏପି ୧୭୦୦ ଟଙ୍କାରେ ବିକ୍ରି ହେଉଛି। ମାର୍କଫେଡ୍ ଦ୍ୱାରା ସରକାରୀ ସବସିଡି ୟୁରିଆକୁ ପ୍ରାଇଭେଟ୍ ବେପାରୀଙ୍କୁ ବେପରୁଆ ଭାବେ ବାଣ୍ଟି ଦିଆଯାଉଥିବାରୁ ସେମାନେ କଳାବଜାରୀରେ ଦୁଇଗୁଣା ଦରରେ ବିକୁଛନ୍ତି ବୋଲି ଶ୍ରୀ ସାହୁ ଅଭିଯୋଗ କରିଛନ୍ତି।

ୟୁରିଆ ଅଭାବ କେମିତି ଚାଷୀମାନଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଛି ସେ ବିଷୟରେ ପିସିସି ମୁଖପାତ୍ର ଡ଼ ମନିଷା ଦାସ ପଟ୍ଟନାୟକ ଆଲୋକପାତ କରିବା ସହ କଳାବଜାରୀଙ୍କୁ ଜବତ କରି ଦୋଷୀ ଡିଲର ଓ କର୍ମଚାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ସେହିପରି ଅନ୍ୟତମ ମୁଖପାତ୍ର ଅଶୋକ ସ୍ୱାଇଁ, ରୂପାଦୀପ୍ତା ମହାପାତ୍ର, ବିଭୂତି ଭୂଷଣ ମହାପାତ୍ର କହିଥିଲେ ଯେ ଏହା କେବଳ ସରକାରଙ୍କ ବିଫଳତା ତାହା ନୁହେଁ, ଏହା କୃଷକଙ୍କ ସହିତ ବେଇମାନି । ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ନିଜେ କୃଷିମନ୍ତ୍ରୀ ହୋଇଥିବା ସତ୍ତ୍ୱେ କୃଷକ ମାନେ ସାର ପାଇଁ ଡହଳ ବିକଳ ହେବା ଦୁର୍ଭାଗ୍ୟଜନକ। ତେଣୁ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ପ୍ରଦେଶ କଂଗ୍ରେସ ଅବେହେଳିତ ଚାଷୀ ମାନଙ୍କ ସହିତ ନିକଟସ୍ଥ ସମସ୍ତ କୃଷି କାର୍ଯ୍ୟାଳୟକୁ ଘେରାଉ କରିବାକୁ ବାଧ୍ୟ ହେବ ବୋଲି କଂଗ୍ରେସ କହିଛି।

ଉଚ୍ଚଶିକ୍ଷା ବିବାଗର ଅଜବ ନୀତି

# ତଦନ୍ତ ବଦଳରେ ଅଭିଯୋଗକାରୀଙ୍କୁ ଖୋଜୁଛି

ଭୁବନେଶ୍ୱର, ୨୪।୮(ସମିସ): ବିଜୁ ପଟ୍ଟନାୟକ ବିଜ୍ଞାନ ଓ ଶିକ୍ଷା ମହାବିଦ୍ୟାଳୟରେ ପ୍ରାୟ ୧କୋଟି ୪୪ଲକ୍ଷରୁ ଅଧିକ ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବା ସ୍ପେସାଲ୍ ଅଡିଟ୍‌ରେ ଧରାପଡ଼ିଛି। ଅନିୟମିତତା ଅର୍ଥ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କଠାରୁ ଭରଣା କରିବା ପାଇଁ ସ୍ୱତନ୍ତ୍ର ଅଡିଟ୍ ପ୍ରତିନିଧିଦଳ ସରକାରଙ୍କୁ ସୁପାରିସ୍ କରିଛି। ଫଳରେ ଉଚ୍ଚଶିକ୍ଷା ବିଭାଗ ଅଧ୍ୟକ୍ଷଙ୍କୁ ଅପସାରଣ କରିଥିଲା। ଏପରିକି କୋଟିଏରୁ ଅଧିକ ଟଙ୍କା ତାଙ୍କଠାରୁ ଭରଣା କରିବାର ଥିବାରୁ ତାଙ୍କୁ ଅଧ୍ୟକ୍ଷ ଭାବେ ପୁନଃନିଯୁକ୍ତି ଦିଆଯାଇପାରିବ ନାହିଁ ବୋଲି ବିଭାଗ ପକ୍ଷରୁ ତତ୍କାଳୀନ ସ୍ୱତନ୍ତ୍ର ସଚିବ ପ୍ରମୋଦ କୁମାର ମିଶ୍ର ଉଚ୍ଚ ନ୍ୟାୟାଳୟରେ ସତ୍ୟପାଠ ଦାଖଲ କରିଥିଲେ। ହେଲେ ସରକାର ବଦଳିବା ପରେ ସବୁ ବଦଳି ଯାଇଛି। ଅର୍ଥ ଭରଣା କରିବା ବଦଳରେ ପୁନଃ ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଛି। ଉଚ୍ଚ ନ୍ୟାୟାଳୟରେ ସତ୍ୟପାଠ ଦାଖଲ କରିଥିବା ସ୍ୱତନ୍ତ୍ର ସଚିବ ହିଁ ସମ୍ପୃକ୍ତ ଅଧ୍ୟକ୍ଷଙ୍କୁ ପୁନର୍ବାର ନିଯୁକ୍ତି କରିବାକୁ ଭୁବନେଶ୍ୱର ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଦୋମୁହାଁ ନୀତି ଅବଲମ୍ବନ କରି ଦୁର୍ନୀତିଗ୍ରସ୍ତଙ୍କୁ ପୁରସ୍କୃତ କରିଥିବା ଅଧିକାରୀ ଓ ଉଚ୍ଚଶିକ୍ଷା ବିଭାଗର କାର୍ଯ୍ୟଧାରା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରୋଚକ କଥା ହେଲା, ଏହି ଦୁର୍ନୀତି ଅଭିଯୋଗର ତଦନ୍ତ କରିବା ଦଦଳରେ ଅଭିଯୋଗକାରୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କୁ ଖୋଜୁଛି ଉଚ୍ଚଶିକ୍ଷା

■ ବିଜୁ ପଟ୍ଟନାୟକ କଲେଜରେ ଟଙ୍କା ହେରଫେର୍ ଧରିଥିଲା ସ୍ୱତନ୍ତ୍ର ଅଡିଟ୍
■ ଅଧ୍ୟକ୍ଷଙ୍କଠାରୁ ଅର୍ଥ ଆଦାୟ ବଦଳରେ ଦିଆଯାଇଛି ପୁନଃ ନିଯୁକ୍ତି

ବିଭାଗ। ଶ୍ରୀ ମହାନ୍ତି ଗତ ଏପ୍ରିଲ ୯ ତାରିଖରେ ଉଚ୍ଚଶିକ୍ଷା ବିଭାଗକୁ ମେଲ୍ ଯୋଗେ ଅଭିଯୋଗ କରିଥିଲେ। ନିଜର ଅଧାରକାର୍ଡ ସହ ସମସ୍ତ ପ୍ରମାଣ ସଂଯୋଗ କରିଥିଲେ। ଏହାର ପ୍ରାୟ ଅଢ଼େଇ ମାସ ପରେ ଅର୍ଥାତ୍ ଜୁନ୍ ୨୫ରେ ଅଭିଯୋଗ ଆସିଥିବା ମେଲ୍ ଆଇଡି ଟି ଅଭିଯୋଗକାରୀଙ୍କ ନା ନାହିଁ, ସୁନିଶ୍ଚିତ କରିବାକୁ ବିଭାଗ ପକ୍ଷରୁ ଡାକ ଯୋଗେ ଚିଠି ପଠାଯାଇଥିଲା। ଏହାର ଉତ୍ତର ରଖିବା ସହ ସେ ହିଁ ଅଭିଯୋଗକାରୀ ବୋଲି ଉଚ୍ଚଶିକ୍ଷା ବିଭାଗ ସଚିବଙ୍କୁ ମେଲ୍ ଓ ଡାକ ଯୋଗେ ଅବଗତ କରିଥିଲେ। ହେଲେ ଏହାର ପ୍ରାୟ ଦୁଇ ମାସ ଅର୍ଥାତ ଗତ ୧୩ ତାରିଖରେ ଉଚ୍ଚଶିକ୍ଷା ବିଭାଗ ପୁନଃ ଚିଠି କରି ସମାନ କଥା ଉଲ୍ଲେଖ କରିଛି।

ଅଭିଯୋଗକାରୀଙ୍କ କହିବା କଥା, ମେଲ୍ ମାଧ୍ୟମରେ ଅଭିଯୋଗ କରିବା ଏବଂ ସେହି ମେଲ୍ ଆଇଡି ତାଙ୍କର ବୋଲି ସୁନିଶ୍ଚିତ କରିବା ପରେ ମଧ୍ୟ ଉଦ୍ଦେଶ୍ୟମୂଳକ ଭାବେ ବିଭାଗ ପକ୍ଷରୁ ଏପରି ଚିଠି କରାଯାଉଛି। ବିଭାଗ ନିକଟରେ ହେଉଥିବା ସମସ୍ତ ଅଭିଯୋଗର ମେଲ୍-ଆଇଡି ନିଶ୍ଚିତ କରିବାକୁ ଅଭିଯୋଗକାରୀଙ୍କୁ ଏପରି ଚିଠି କରାଯାଉଛି ନା ଏହା କେବଳ ତାଙ୍କ କ୍ଷେତ୍ରରେ ବୋଲି ପ୍ରଶ୍ନ କରିଛନ୍ତି। ଦୁର୍ନୀତି ଚେର ବହୁ ଦୂରକୁ ଲମ୍ବିଥିବାରୁ ଅଭିଯୋଗର ତଦନ୍ତ ବଦଳରେ ସମୟ ଗଡ଼ାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଘଟଣାର ତ୍ୱରିତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଅନ୍ୟଥା ସଚିବାଳୟ ସମ୍ମୁଖରେ ଆଧାରକାର୍ଡ ଧରି ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ପୂର୍ବ ଶତ୍ରୁତା ନା ଡାହାଣୀ ସନ୍ଦେହ

# ଘରେ ପଶି ମହିଳାଙ୍କ ଗଣ୍ଡି-ମୁଣ୍ଡ ଅଲଗା କରିଦେଲା

ରାଇରଙ୍ଗପୁର/ବହଳଦା,୨୪।୮(ସମିସ): ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ତିରିଂ ଥାନା ଅଧୀନ ଦେଓଗାଁରେ ଶନିବାର ରାତିରେ ଜଣେ ମହିଳାଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତ ମହିଳା ହେଲେ, ଗାଁର ମୋଠାଇ ଗୋଇପାଇଙ୍କ ସ୍ତ୍ରୀ ସୁହାଗି ଗୋଇପାଇ (୩୫)। କେହି ଦୁର୍ବୃତ୍ତ କୌଣସି ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଗଣ୍ଡିରୁ ମୁଣ୍ଡ ଅଲଗା କରିଦେଇଛି। ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଯେନା, ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ, ତିରିଂ ଥାନାଧିକାରୀ ପ୍ରଶାନ୍ତ ଜେନା ପ୍ରମୁଖ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପୁଲିସ୍ ଏନେଇ ଏକ ହତ୍ୟା ମାମଲା ରୁଜୁ କରିଛି। ପୂର୍ବ ଶତ୍ରୁତା କିମ୍ବା ଡାହାଣୀ ସନ୍ଦେହରେ ସୁହାଗିଙ୍କୁ କେହି ହତ୍ୟା କରିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଅପରପକ୍ଷେ,ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।

ସୂଚନାନୁସାରେ, ଶନିବାର ଅପରାହ୍ଣରେ ମୋଠାଇ ଗାଁ ପାଖ ପଡ଼ିଆରେ ଚାଲିଥିବା ଫୁଟବଲ୍ ମ୍ୟାଚ୍ ଦେଖିବାକୁ ଯାଇଥିଲେ। ରାତି ପ୍ରାୟ ୮ଟା ବେଳକୁ ସେ ଘରକୁ ଫେରି ଦେଖିବା ବେଳକୁ ଚୁଲି ପାଖରେ ସୁହାଗିଙ୍କ ରକ୍ତ ଜୁଡୁବୁଡୁ ଶବ ପଡ଼ିଛି ଏବଂ ମୁଣ୍ଡରୁ ପୂରା ଗଣ୍ଡି ଅଲଗା ହୋଇଯାଇଛି। ସୁହାଗି ରୋଷେଇ କରୁଥିବା ବେଳେ କେହି ଦୁର୍ବୃତ୍ତ ପଛରୁ ତାଙ୍କୁ ଏପରି ବୀଭତ୍ସ ହତ୍ୟା କରିଥାଇପାରେ ବୋଲି କୁହାଯାଉଛି।

## ୨୮ରେ ନୂଆଖାଇ

# ସମଲେଶ୍ୱରୀ ମନ୍ଦିରରେ ପହଞ୍ଚିଲା ନୂଆ ଧାନ

ସମ୍ବଲପୁର, ୨୪।୮ (ସମିସ): ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ପୀଠରେ ନବାନ୍ନ ଲାଗି ପାଇଁ ରବିବାର ପୂର୍ବାହ୍ଣରେ ମନ୍ଦିରରେ ନୂଆଁ ଧାନ ଆସି ପହଞ୍ଚିଛି। ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ୍ ବଲବସପୁରର ଚାଷୀ ସୁବାସ ବେହେରା ସରିଆ ଧାନ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କୁ ଏହା ଅର୍ପଣ କରିଛନ୍ତି। ଆସନ୍ତା ୨୮ ତାରିଖ (ଗୁରୁବାର) ନିର୍ଦ୍ଧାରିତ ଶୁଭଲଗ୍ନରେ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବ।

ବ୍ରହ୍ମପଣ୍ଡିତ ମହାସଭାରେ ଗଣନା ପରେ ୨୮ ତାରିଖ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ପୂର୍ବାହ୍ଣ ୧୦ଟା ୩୩ ମିନିଟରୁ ୧୦ଟା ୫୫ ମିନିଟ ମଧ୍ୟରେ ଲଗ୍ନ ନିର୍ଣ୍ଣୟ କରାଯାଇଛି। ନୂତନ ଚାଉଳରୁ ନିର୍ମିତ ପିଠାପଣା, କ୍ଷୀରି ଆଦି ମା' ସମଲେଶ୍ୱରୀଙ୍କଠାରେ ନିର୍ଦ୍ଧାରିତ ଲଗ୍ନରେ ଭୋଗ ଲାଗି ହୋଇଥାଏ। ମନ୍ଦିର ସକାଶେ ପ୍ରଦାନ କରାଯାଇଥିବା ନୂଆଁ ଧାନକୁ ପୂଜକ ପରିବାରର ମହିଳାମାନେ ଖରାରେ ଶୁଖାଇବା ସହ ଭାଜିବା ପରେ କୁଟି ପାରମ୍ପରିକ ପଦ୍ଧତିରେ ଚାଉଳ ପ୍ରସ୍ତୁତ କରିଥା'ନ୍ତି। ଆଜି ନୂଆଁ ଧାନ ପ୍ରଦାନ ସମୟରେ ଶ୍ରୀ ବେହେରାଙ୍କ ଝିଅ ପୂଜାରାଣୀ ଓ ପତ୍ନୀ ପଦ୍ମିନୀ ସାଙ୍ଗରେ ଆସିଥିଲେ।

ସମଲେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜକ ଶ୍ରୀ ରାୟ କହିଛନ୍ତି ଯେ ନୂଆଁଖାଇ ପାଇଁ ସମଲେଶ୍ୱରୀ ମନ୍ଦିରରେ ସମସ୍ତ ପ୍ରସ୍ତୁତି ଚାଲିଥିବା ବେଳେ ଭୋଗ ଲାଗି ପାଇଁ ଆବଶ୍ୟକ ନୂଆଁ ଧାନ



ପହଞ୍ଚି ଯାଇଛି। ବଲବସପୁରର ଚାଷୀ ସୁବାସ ବେହେରା ଗତ ୭ରୁ ୮ ବର୍ଷ ହେଲା ଧାନ ଚାଷ କରି ଆଣି ଦେଉଛନ୍ତି। ଧାନ ସହ କୁରେଇ ପତ୍ର ଓ ସାରୁ ଶାଗ ଆଣିଛନ୍ତି। କୁରେଇ ପତ୍ରରେ ଭୋଗ ଲଗାଯାଉଥିବା ବେଳେ ସାରୁପତ୍ର ମା'ଙ୍କଠାରେ ଭୋଗ ଲାଗିଥାଏ। ଏହି ଧାନ ପୂରା ନହୋଇ କ୍ଷୀର ଧରିଥାଏ। ଯେହେତୁ ଦେବୀଙ୍କଠାରେ ଏହା ନୂଆ ଲାଗିହେବ, ତେଣୁ ଏହା କ୍ଷୀର ଧରିଥିବା ବେଳେ ଅମଳ କରାଯାଏ। କାରଣ, ଧାନ ସମ୍ପୂର୍ଣ୍ଣ ପାକଳ ହେଲେ ତାହା ଚଢ଼େଇ, ଚିରିଗୁଣି ବା ପଶୁପକ୍ଷୀ ଅଇଁଠା କରିଦେବା ଆଶଙ୍କା ଥିବାରୁ ଅଧା ପାକଳ ଓ ଅଧା କ୍ଷୀର ଧରିଥିବା ଧାନକୁ ଅମଳ କରାଯାଏ।

# ମାସେ ହେଲା ସାର ନ ପାଇ ଚାଷୀ ହନ୍ତସନ୍ତ

## ରାଜ୍ୟରେ ସାର ଅଭାବକୁ ସ୍ୱୀକାର କଲେ କୃଷି ମନ୍ତ୍ରୀ

ଭୁବନେଶ୍ୱର, ୨୪।୮(ସମିସ): ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ୍ ରହିଛି। ପୂର୍ବରୁ ରବି ଚାଷ ବେଳର ୪ ଲକ୍ଷ ମେଟ୍ରିକ୍ ଟନ୍ ସାର ବଳକା ରହିଛି। ଆହୁରି ୮ ଲକ୍ଷ ସାର କେନ୍ଦ୍ରରୁ ଅଣାଯାଉଛି। ତେଣୁ ଚାଷୀମାନେ ସାର ପାଇବାରେ କୌଣସି ସମସ୍ୟା ଭୋଗିବେନି। ଖରିଫ୍ ଚାଷ ଆରମ୍ଭରୁ ରାଜ୍ୟ ସରକାର ତଥା କୃଷି ବିଭାଗ ଚାଷୀମାନଙ୍କୁ ଏଭଳି ପ୍ରତିଶ୍ରୁତି ଦେଇଥିଲା। ମାତ୍ର ସାରର ଆବଶ୍ୟକତା ପଡ଼ିବାବେଳକୁ ସ୍ଥିତି ସଂପୂର୍ଣ୍ଣ ବଦଳିଗଲା। ବିଶେଷକରି ଚାଷୀମାନେ ରୁଆ ବେଉଷଣ ସାରି ୟୁରିଆ ସାର ପାଇଁ ସମବାୟ ଆଗରେ ଦିନ ଦିନ ଧରି ଅପେକ୍ଷା କଲେ ବି ସାର ମିଳିଲାନି। ଯେଉଁମାନଙ୍କ ପାଖରେ ଟଙ୍କା ଥିଲା, ସେମାନେ ୨୩୩ଟଙ୍କ କ୍ୱିଣ୍ଟାଲ୍ ଦରରେ ସରକାରୀ ଭାବେ ମିଳୁଥିବା ୟୁରିଆ ସାରକୁ ଖୋଲାବଜାରରୁ ୭ଶହ ଟଙ୍କା ଦେଇ କିଣିଲେ। ମାତ୍ର ଏହି ତିରୋଟାଭାବକୁ ଆଜି କୃଷି ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସ୍ୱୀକାର କରିଛନ୍ତି।

ସାର ପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ସିଂହଦେଓ କହିଛନ୍ତି, ଚାଇନାରୁ ୟୁରିଆ ଆସିବେ ସମସ୍ୟା ଥିଲା; ଏବେ ସ୍ଥିତିରେ ସୁଧାର ଆସିଲାଣି। ଆମେ କେନ୍ଦ୍ର ସରକାରଙ୍କ ସହ କଥା ହେଉଛୁ। ସମସ୍ୟା ସମାଧାନ ଦିଗରେ କାମ କରୁଛୁ। ଖୁବଶୀଘ୍ର ସାର ଅଭାବ ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି। ଶ୍ରୀ ସିଂହଦେଓ ଆହୁରି କହିଛନ୍ତି, ସାର ବିହୀନ ଚାଷ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସାର ଦେଇ ଚାଷ କଲେ, ଉତ୍ପାଦିତ ଦ୍ରବ୍ୟକୁ ବାହାରକୁ ରପ୍ତାନୀ କରାଯାଇପାରିବନି। ପ୍ରାକୃତିକ ଉପାୟରେ ଅର୍ଥାତ୍ ଅର୍ଗାନିକ୍ ଚାଷ କଲେ, ବାହାରକୁ ରପ୍ତାନୀ ହେବ। ଏହାଦ୍ୱାରା ଚାଷୀମାନଙ୍କୁ ତାଙ୍କ ଦ୍ରବ୍ୟର ଉଚିତ ମୂଲ୍ୟ ମିଳିବ ଓ କୃଷି ଅର୍ଥନୀତି ବୃଦ୍ଧି ପାଇବ ବୋଲି ସେ କହିଛନ୍ତି।

ଚଳିତ ବର୍ଷ ଆଗୁଆ ମୌସୁମୀ ବର୍ଷା ହୋଇଥିବାରୁ ଫସଲ ସଅଳ ହୋଇଛି। ତେଣୁ ଜୁଲାଇ ତୃତୀୟ ସପ୍ତାହ ବେଳକୁ ସାରର ଆବଶ୍ୟକତା ବଢ଼ିଯାଇଛି। ମାସେ ଭିତରେ କ୍ଷେତରେ ସାର ପକାଇବା ପାଇଁ ଚାଷୀ ଯୋଜନା କରୁଛି। ଏହି ସମୟ ଭିତରେ ସାର ନ ପକାଇଲେ,



ଆଗାମୀ ଦିନରେ ଛୋଟ ଧାନ ପିଲ ମାରିବ ଓ ବଡ଼ ଧାନ ଗଣ୍ଠି ଧରିବ। ପରେ ପକାଇବାରେ କୌଣସି କାମରେ ଆସିବ ନାହିଁ। ଏବେ ସରକାରୀ ଭାବେ ଯେତିକି ସାର ବିକ୍ରି ହେଉଛି, ତା' ସମୁଦ୍ରକୁ ଶଙ୍ଖେ ଭଳି। ବଡ଼ ଚାଷୀ ସେମାନେ ବାହାର ଦୋକାନରୁ ସାର କିଣିବାକୁ ସକ୍ଷମ ହେଉଛନ୍ତି। ହେଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ସାର କିଣାରୁ ବଞ୍ଚିତ ହେଉଛନ୍ତି। ଗୋଟିଏପଟେ ସରକାର ଧାନର ଏମ୍‌ଏସପି ବୃଦ୍ଧି କରି ଅଧିକ ଚାଷ କରିବାକୁ ପ୍ରୋତ୍ସାହନ ଦେଉଥିବା କଥା କହୁଛନ୍ତି। ମାତ୍ର ପଞ୍ଜୀକରଣଠାରୁ ଆରମ୍ଭ କରି ସାର ବଣ୍ଟନ ଓ ଧାନ ବିକ୍ରି ନାନା ସମସ୍ୟାକୁ ସଂପୂର୍ଣ୍ଣ ଅଣଦେଖା କରାଯାଉଛି। ତୁରନ୍ତ ଏହାର ସମାଧାନ କରିବାକୁ ଚାଷୀ ମହଲରୁ ଦାବି ହେଉଛି।

## ବଦଳୁଛି ଗଣେଶ ପୂଜା ଟ୍ରେଣ୍ଡ

# ମହାଦେବ ବେଶରେ ପୂଜା ପାଇବେ ଶ୍ରୀଗଣେଶ



ନିଶ୍ଚିନ୍ତକୋଇଲି, ୨୪।୮ (ସମିସ)

ଆଉ ଦୁଇ ଦିନ ପରେ ଅଗ୍ରପୂଜ୍ୟ ଗଣନାୟକଙ୍କ ପୂଜା କରାଯିବ। ଏହି ଅବସରରେ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ବିଭିନ୍ନ ଆକର୍ଷଣୀୟ ଗଣେଶ ମେଢମାନ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସହରାଞ୍ଚଳ ଭଳି ଗ୍ରାମାଞ୍ଚଳରେ ମଧ୍ୟ ବଦଳୁଛି ଗଣେଶ ପୂଜାର ଟ୍ରେଣ୍ଡ। ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ବିଭିନ୍ନ କ୍ଲବ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକରେ ପ୍ରତ୍ୟେକ ବର୍ଷ ବଡ଼ ଧୂମଧାମରେ ଗଣେଶ ପୂଜା ପାଳନ କରାଯାଉଥିଲା ବେଳେ ଚଳିତ ବର୍ଷ ମଧ୍ୟ ଯାକଜକମରେ ପାଳନ କରାଯିବ ବୋଲି ଜୋରଦାର ଉଦ୍ୟମ ଚାଲିଛି। ବିଶେଷ କରି ପୂଜା ମଣ୍ଡପ ଗୁଡ଼ିକରେ

### ଭୋଗ ଲାଗିବ ୧ କ୍ୱିଣ୍ଟାଲ ମୋତିଚୁର ଲଡୁ

ସାଧାରଣ ଗଣେଶ ମୂର୍ତ୍ତି ନିର୍ମାଣକୁ ଅଧିକ ଗୁରୁତ୍ୱ ନ ଦିଆଯାଇ ଅନ୍ୟାନ୍ୟ ଦେବାଦେବୀଙ୍କ ବେଶରେ ଗଣେଶ ମୂର୍ତ୍ତି ତିଆରି କରାଯାଇଥିବା ଦେଖାଯାଇଛି। ନିଶ୍ଚିନ୍ତକୋଇଲି ମହାବୀର କ୍ଲବରେ ବିଗତ ୬୦ବର୍ଷ ଧରି ଗଣନାୟକଙ୍କ ପୂଜାର୍ଚ୍ଚନା ହୋଇ ଆସୁଥିଲାବେଳେ ଚଳିତ ବର୍ଷ ଏକ ନିଆରା ଢଙ୍ଗରେ ଗଣେଶ ପୂଜା ପାଳନ ପାଇଁ ନିଷ୍ପତ୍ତି ହୋଇଛି। ଏହି କ୍ଲବର ପୂଜା ମଣ୍ଡପରେ ୨୫ଫୁଟ ଉଚ୍ଚତା ବିଶିଷ୍ଟ ଏକ ଗଣେଶ ମୂର୍ତ୍ତି ନିର୍ମାଣ କରାଯାଇ ବର୍ତ୍ତମାନ ଖଡ଼ିଦେବା କାର୍ଯ୍ୟ ଚାଲିଛି। ଏହି କ୍ଲବରେ ବିଗତ ବର୍ଷ ମାନଙ୍କରେ ନୂଆ ନୂଆ ବେଶରେ ଗଣେଶଙ୍କ ମୂର୍ତ୍ତି ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲେ ମଧ୍ୟ ଏ ବର୍ଷ ମହାଦେବଙ୍କ ବେଶରେ ଆକର୍ଷଣୀୟ ଗଣେଶ ମୂର୍ତ୍ତି ନିର୍ମାଣ କରାଯାଇଛି। ଏହି ଗଣେଶ ମୂର୍ତ୍ତିଙ୍କ ନିକଟରେ ୧ କ୍ୱିଣ୍ଟାଲ ବିଶିଷ୍ଟ ଏକ ମୋତିଚୁର ଲଡୁ ଭୋଗ କରାଯିବ ବୋଲି ଜଣାଯାଇଛି। ଅପରପକ୍ଷରେ ଧୁମ୍‌ଧାମ୍ ସାଜସଜ୍ଜା ସହିତ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମହାଆଡ଼ମ୍ବରରେ ପାରମ୍ପାରିକ ବାଦ୍ୟ, ନୃତ୍ୟ ଓ ଆତସବାଜି ସହ ଭସାଣୀ କାର୍ଯ୍ୟକ୍ରମ ହେବ ବୋଲି କ୍ଲବ ପକ୍ଷରୁ ସ୍ଥିର କରାଯାଇଛି। ଏହି ଗଣେଶ ପୂଜା ୧୦ଦିନ ଧରି ଅନୁଷ୍ଠିତ ହେବ ପ୍ରତ୍ୟେକ ଦିନ ଭଜନ ସନ୍ଧ୍ୟା ଓ ଅନ୍ୟାନ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯିବ ବୋଲି ଜଣାଯାଇଛି। କ୍ଲବର ସଭାପତି ଜ୍ୟୋତିରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ସମ୍ପାଦକ ସନ୍ତୋଷ ଦାସ, ସଭ୍ୟ ଦେବେନ୍ଦ୍ର ସାହୁ, ରାଜକିଶୋର ପଲେଇ, ମାନସରଞ୍ଜନ ସାହୁ, ମାନସ ସାହୁ, ଶିବଶଙ୍କର ସାହୁ, ଅଶୋକ ପଲେଇ, ତ୍ରିଲୋଚନ ଦାସ, ଦେବୀପ୍ରସାଦ ସ୍ୱାଇଁ, ବିଶ୍ୱରଞ୍ଜନ ଦାସ, ସତ୍ୟପ୍ରକାଶ ବେହେରା, ପଙ୍କଜ ମହାନ୍ତି, ଦେବେନ୍ଦ୍ର ଦଳେଇ, ସୁଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

### ମୂର୍ତ୍ତି ନିର୍ମାଣରେ ନିମଗ୍ନ କାରିଗର



ନରସିଂହପୁର, ୨୪।୮ (ସମିସ): ଆଉ କେଇଟା ଦିନ ପରେ ଗଣେଶ ପୂଜା। ଏହି ପରିପ୍ରେକ୍ଷୀରେ ଅଗ୍ରପୂଜ୍ୟ ଗଣପତିଙ୍କ ମୃଣ୍ମୟୀ ମୂର୍ତ୍ତିରେ ଦର୍ଶକଙ୍କ ମନକୁ କିଣିବା ପାଇଁ କାରିଗର ଲାଗିପଡ଼ିଛନ୍ତି। ସେହିଭଳି ଜଣେ କାରଗର ହେଉଛନ୍ତି ବାଲିସାହି ପଞ୍ଚାୟତର ନୂଆଗାଁ ଗ୍ରାମର ଦୁର୍ଗା ଦାସ। ସେ ଖାଲି ଗଣେଶ ମୂର୍ତ୍ତି ନୁହେଁ ପ୍ରତ୍ୟେକ ପର୍ବପର୍ବାଣୀରେ ଦୁର୍ଗା ମୂର୍ତ୍ତିଠାରୁ ଆରମ୍ଭ କରି ଖୁଦୁରୁକୁଣୀ ଓଷାରେ ମା' ମଙ୍ଗଳା, କାଳୀ ପୂଜା, ସରସ୍ୱତୀ ପୂଜା ଭଳି ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି କାର୍ଯ୍ୟ କରିଥାନ୍ତି। ଏପରି ସେ ବହୁ ସମୟ ଆଖପାଖ ଅଞ୍ଚଳରେ ମଧ୍ୟ ବିଭିନ୍ନ ମୂର୍ତ୍ତି ନିର୍ମାଣ ପାଇଁ ଯାଇଥାନ୍ତି। ତାଙ୍କ ଏଭଳି ନୈପୁଣ୍ୟକୁ ସମଗ୍ର ଅଞ୍ଚଳରେ ପ୍ରଶଂସା କରାଯାଇଛି।

## କମିସନରେଟ ପୁଲିସ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ

ଚୌଦ୍ୱାର, ୨୪।୮ (ସମିସ): ଚଳିତ ବର୍ଷର ଗଣେଶ ପୂଜା ଓ ବିସର୍ଜନ ଉତ୍ସବ ପାଇଁ କମିସନରେଟ ପୁଲିସ ତରଫରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଛକସ୍ଥିତ ପୌର ଟାଉନହଲରେ ଚୌଦ୍ୱାର ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜୋନ-୧ ଏସିପି ଅରୁଣ କୁମାର ସ୍ୱାଇଁ ଯୋଗଦେଇ ଗଣେଶ ପୂଜାକୁ ଶୃଙ୍ଖଳାର ସହ ପାଳନ କରିବା ନିମିତ୍ତ ଚୌଦ୍ୱାର ଥାନା ଅଧୀନରେ ଅନୁଷ୍ଠିତ ହେବାକୁ ଥିବା ୧୧୦ଟି ଗଣେଶ ପୂଜା କମିଟିର କର୍ମକର୍ତ୍ତାଙ୍କ ସହିତ




ଆଲୋଚନା କରିଥିଲେ। ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ୨୭ତାରିଖ ପୂଜା ପରେ ୩ଟି ରବିବାର ଅର୍ଥାତ ୩୧, ୭ ଓ ୧୪ତାରିଖରେ ପର୍ଯ୍ୟାୟକ୍ରମେ ମେଢ ବିସର୍ଜନ କରାଯିବ। ସନ୍ଧ୍ୟା ୭ଟାରୁ ୧୦ଟା ସମୟସୀମା ମଧ୍ୟରେ ମେଢ ବିସର୍ଜନ କାର୍ଯ୍ୟ ଶେଷ ହେବ। ଜାତୀୟ ରାଜପଥରେ ମେଢ ବିସର୍ଜନ ଶୋଭାଯାତ୍ରା ଉପରେ କଟକଣା ଲାଗୁ କରାଯାଇଛି। ଶବ୍ଦ ପ୍ରଦୂଷଣ, ବାଣଫୁଟା, ପ୍ରତ୍ୟେକ ପୂଜା ମଣ୍ଡପରେ ଅଗ୍ନି ପ୍ରତିଷେଧକ ବ୍ୟବସ୍ଥା, ପୂଜା ପେଣ୍ଡାଲମାନଙ୍କରେ ସିସିଟିଭି ବ୍ୟବସ୍ଥା, ବିକୃତ ମୂର୍ତ୍ତି ନିର୍ମାଣ ନ କରିବା ଆଦି ଉପରେ ଏସିପି ସୂଚନା ପ୍ରଦାନ କରିଥିଲେ। ଏଥିସହ ଅସ୍ଥାୟୀ ପୂଜା ମଣ୍ଡପ ପାଇଁ ସ୍ଥାନୀୟ ଆରଆଣ୍ଡବି, ଅଗ୍ନିଶମ, ତହସିଲ ଓ ଡିସିପିଙ୍କ କାର୍ଯ୍ୟାଳୟରୁ ଅନୁମତି ଆଣିବା ଜରୁରି ବୋଲି ଏସିପି ପ୍ରକାଶ କରିଥିଲେ। ପୂଜା ଓ ଭସାଣ ସମୟରେ ସମସ୍ତ ପୂଜା କମିଟି ଓ କ୍ଲବ କର୍ମକର୍ତ୍ତାମାନେ କୌଣସି ନିଶାଦ୍ରବ୍ୟ ସେବନ କରିବେ ନାହିଁ ବୋଲି ଶପଥପାଠ କରିବା ପାଇଁ ଆଇଆଇସି ଶ୍ରୀ ସାହୁ ଅନୁରୋଧ କରିଥିଲେ। ଅତିରିକ୍ତ ଆଇଆଇସି ସସ୍ମିତା ଖିଲାର ଧନ୍ୟବାଦ ଦେଇଥିଲେ।

## +୨ ବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

ନିଶ୍ଚିନ୍ତକୋଇଲି, ୨୪।୮ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଖଣ୍ଡସାହି +୨ ହରପ୍ରିୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରେ ନାମ ଲେଖାଇଥିବା ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କିଶନ ଶତପଥୀଙ୍କ



ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଦେବାଲୋକ ଏଜୁକେସନ ଟ୍ରଷ୍ଟର ସହସମ୍ପାଦକ ମନୋଜ ସାମଲ, ମୁଖ୍ୟବକ୍ତା ଭାବେ ଦେବ୍ ମହାନ୍ତି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଶ୍ରୀନିବାସ ମିଶ୍ର, ସମ୍ମାନିତ ଅତିଥି ଭାବେ ସ୍କୁଲର ପ୍ରଶାସନିକ ଅଧିକାରୀ ରାଜେଶ ଷଡ଼ଙ୍ଗୀ, ସିଏ ଜାହିର ଆଲମ୍, ଲୋକସମ୍ପର୍କ ଅଧିକାରୀ ସନ୍ଦୀପ୍ତ ସାମନ୍ତରାୟ, ପ୍ରଶାସନିକ ଅଧିକାରୀ ଭବାନୀଶଙ୍କର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଉପାଧ୍ୟକ୍ଷ ଗୌରାଙ୍ଗଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟ ପ୍ଲାଟିନମ ଜୁବିଲି ପାଇଁ ପ୍ରସ୍ତୁତି ବୈଠକ

କଣ୍ଟାପଡ଼ା, ୨୪।୮ (ସମିସ): କଣ୍ଟାପଡ଼ା ବ୍ଲକ ସୁନ୍ଦରଗ୍ରାମ ଉଚ୍ଚ ବିଦ୍ୟାଳୟକୁ ୭୫ବର୍ଷ ପୂରିଛି। ୭୫ ବର୍ଷର ଏହି ବିଦ୍ୟାଳୟର ପ୍ଲାଟିନମ ଜୁବିଲି ପାଳନ ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ପ୍ଲାଟିନମ ଜୁବିଲି ସଭାପତି ସୁଶାନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।



ପ୍ଲାଟିନମ୍ ଜୁବିଲିର ଲୋଗୋକୁ ପୁରାତନ ଛାତ୍ର ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଭ୍ରମରବର ପ୍ରଧାନ, ସଚ୍ଚିଦାନନ୍ଦ ଦାସ ଓ ରାମ ପ୍ରସାଦ ମହାନ୍ତି ଉନ୍ମୋଚନ କରିଥିଲେ। ପୁରାତନ ଛାତ୍ର ପ୍ଲାଟିନମ ଜୁବୁଲୀ ସମ୍ପାଦକ ଙ୍ଗ ଫଣିଭୂଷଣ ମହାନ୍ତିଙ୍କ ପ୍ରସ୍ତାବକ୍ରମେ ୪ଟି କମିଟି ଗଠନ କରାଯାଇଥିଲା। ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇବ ଏଥିପାଇଁ ଯେଉଁ ଛାତ୍ରଛାତ୍ରୀମାନେ ଲେଖା ପଠାଇବା ପାଇଁ ଇଚ୍ଛୁକ ସେମାନେ ଆସନ୍ତା ଅକ୍ଟୋବର ମାସ ୧୫ ତାରିଖ ସୁଦ୍ଧା ବିଦ୍ୟାଳୟର ଶିକ୍ଷକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସଂଗ୍ରାମ କେଶରୀ ରାଉତରାୟ ଓ ପୁରାତନ ଛାତ୍ର ଜିତେନ୍ଦ୍ର ମହାନ୍ତିଙ୍କ ନିକଟକୁ ଲେଖା ପଠାଇବା ପାଇଁ ପୁରାତନ ଛାତ୍ରଛାତ୍ରୀ ଅନୁରୋଧ କରିଛନ୍ତି। ଏହି ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ପୁରାତନ ଛାତ୍ରଛାତ୍ରୀ ଆର୍ଥିକ ସମ୍ବଳ ଯୋଗାଇଦେବାକୁ ଆଜିର ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପୁରାତନ ଛାତ୍ରଛାତ୍ରୀ ନିବେଦନ କରିଛନ୍ତି।

## ବିଶ୍ୱନାହାକାଣୀରେ ସ୍ୱାସ୍ଥ୍ୟ ଓ ରକ୍ତଦାନ ଶିବିର

ଟାଙ୍ଗୀ, ୨୪।୮ (ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଇକୋ କ୍ଲବ ଓ କିରଣ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ସମ୍ମାନିତ ଅତିଥି ଭାବେ ସ୍ଥାନୀୟ



ସରପଞ୍ଚ ଦିପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, କିରଣ ଫାଉଣ୍ଡେସନର ମୋହନ ଦାସ, ଲକ୍ଷ୍ମୀଧର ମହାରଣା ପ୍ରମୁଖ ଯୋଗଦେଇ ରକ୍ତଦାତା ଓ ବିଭିନ୍ନ ରୋଗରେ ପୀଡିତ ରୋଗୀଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଶିବିରରେ ୭୦ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ଏଥିସହ ଏସସିବି ମେଡିକାଲର ମେଡିସିନ, ନ୍ୟୁରୋଲୋଜି, ପେଡ଼ିଆଟ୍ରିକ୍ସ, ଅର୍ଥପେଡ଼ିକ ବିଭାଗର ବରିଷ୍ଠ ଚିକିତ୍ସକଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। କଲେଜର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଯୁବଗୋଷ୍ଠୀ ସହଯୋଗ କରିଥିଲେ।

## ସାଲେପୁର ବିଜେଡିର କାର୍ଯ୍ୟକାରିଣୀ ବୈଠକ

ସାଲେପୁର, ୨୪।୮ (ସମିସ): ଆଜି ସାଲେପୁର ବିଜୁ ଜନତା ଦଳ ପକ୍ଷରୁ ଏକ କାର୍ଯ୍ୟକାରିଣୀ ବୈଠକ ବାଲିସାହି ପଞ୍ଚାୟତ ମଣ୍ଡପଠାରେ ବିଜେଡି ବ୍ଲକ ସଭାପତି ଅନନ୍ତ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବହୁ ସଂଖ୍ୟକ ବରିଷ୍ଠ ନାଗରିକ ବିଜେଡି ଦଳକୁ ୱାର୍ଡସ୍ତରରୁ ନିର୍ବାଚନମଣ୍ଡଳୀ ସ୍ତର ପର୍ଯ୍ୟନ୍ତ ଅଧିକ ସକ୍ରିୟ କରିବା ପାଇଁ ଶପଥ ନେଇଥିଲେ। ବୈଠକରେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ଦାଶ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି,



ସରପଞ୍ଚ ପବିତ୍ର ସାମଲ, ନବକିଶୋର କର, ଜ୍ଞାନରଞ୍ଜନ ପଟ୍ଟନାୟକ, ଅଶୋକ ଭୂୟାଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା, ପୂର୍ବତନ ସରପଞ୍ଚ କମଳାକାନ୍ତ ନାୟକ ପ୍ରମୁଖ ଯୋଗଦେଇ ବିଜେଡି ସଂଗଠନକୁ ନିର୍ବାଚନମଣ୍ଡଳୀରେ ସୁଦୃଢ଼ କରିବା ପାଇଁ ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଗୁଲରେଜ ଅଲ୍ଲୀ, ରାଜେଶ ମହାନ୍ତି, ସୌମ୍ୟରଞ୍ଜନ ମଲ୍ଲ, ବିନୋଦ ମଲ୍ଲିକ, ଜୟରାମ ବେହେରା, ଅଶ୍ୱିନୀ ଦାସ, ସମିତିସଭ୍ୟା ପୁଷ୍ପିତା ଭୂୟାଁ, ଜିଲ୍ଲାପରିଷଦ ସଭ୍ୟା ନମିତା ସେଠୀ ସମେତ ଶତାଧିକ ବିଜେଡି ନେତା-କର୍ମୀ ଉପସ୍ଥିତ ଥିଲେ।

## ଧରିତ୍ରୀ ମାତା ପାଇଁ ରବିବାର କାର୍ଯ୍ୟକ୍ରମ

ସାଲେପୁର, ୨୪।୮ (ସମିସ): ସ୍ୱେଚ୍ଛାସେବୀ ସଂଗଠନ ବ୍ରହ୍ମଚେତନା ପରିଷଦ ଆନୁକୂଲ୍ୟରେ ଧରିତ୍ରୀ ମାତା ପାଇଁ ରବିବାର ନାମରେ ଏକ ସମୟ ଉପଯୋଗୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ



ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ହୋଇ ଆପନା ଘର ଅନୁଷ୍ଠାନ ପରିସରରେ ବିଭିନ୍ନ କିସମର ଫୁଲଫଳ ଗଛ ରୋପଣ କରାଯାଇଥିଲା। ପରେ ଆଶ୍ରମର ପ୍ରତିଷ୍ଠାତା ଶୁକଦେବ ଅଗ୍ରୱାଲଙ୍କୁ ମାନପତ୍ର ସହ ସେବାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରିଷଦର ସମ୍ପାଦକ କବି ସୁକାନ୍ତ କୁମାର ନନ୍ଦ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିବାବେଳେ ପ୍ରଦୀପ୍ତ ମିଶ୍ର ଯୋଗ ଦେଇଥିଲେ। ଏଠାରେ ଥିବା ୮୦ଜଣ ମାନସିକ ବିକୃତ ପ୍ରଭୁଜୀଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା। ଏହି ସଭାରେ ବ୍ରାହ୍ମଣ ମହାସଭା ଓ କଟକ ଶକ୍ତିବାହିନୀର ଅନ୍ୟ ମହିଳା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଷଦର ରାଜ୍ୟ ସଂଯୋଜକ ମନୋଜ ପଣ୍ଡା, କୋଷାଧ୍ୟକ୍ଷ ହୃଷିକେଶ ନନ୍ଦ, ସଭ୍ୟ ବିଶ୍ୱନାଥ ପ୍ରଧାନ, କଟକ ଜିଲ୍ଲା ପ୍ରଭାରୀ ଦିଲ୍ଲୀପ ପାଣିଗ୍ରାହୀ, ଲଳିତମୋହନ ଗୁମାନସିଂହ, ସୁମିତ୍ରା ବେହୁରା, ଜନ୍ମେଜୟ କଲ୍ୟାଣୀ ମିଶ୍ର, ଶଶିଭୂଷଣ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ପରମାନନ୍ଦ ମୁଦୁଲି ଧନ୍ୟବାଦ ଦେଇଥିଲେ।

## କଟକ କଲେଜରେ ଏଡ୍‌ସ ସଚେତନତା


 କଟକ, ୨୪।୮ (ସମିସ): କଟକ କଲେଜ ରେଡକ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ (ଆର୍‌ଆର୍‌ସି) ତରଫରୁ ଏଡ୍ସ ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷା ଡ. ସୁସ୍ମିତା ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏସ୍‌ସିବି ମେଡିକାଲ କଲେଜ ଆଇସିଟିସି କାଉନ୍ସେଲର ନିବେଦିତା ପରିଡ଼ା ଓ କଟକ କଲେଜ ଏନ୍‌ଏସ୍‌ଏସ୍ ଅଫିସର ଡ. ରୁନୁବାଳା ମହାରଣା ଯୋଗଦେଇ ଏଡ୍ସ ରୋଗର କାରଣ ନିରାକରଣ ଓ ଏଥିନିମନ୍ତେ ଆବଶ୍ୟକୀୟ ସଚେତନତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ରେଡ୍‌କ୍ରସ୍ ଅଫିସର ଅଧ୍ୟାପକ କୁମାର ପ୍ରଦୀପ୍ତ ମିଶ୍ର, ପଦାର୍ଥ ବିଜ୍ଞାନ ମୁଖ୍ୟ ଅଧ୍ୟାପକ ମଣ୍ଟୁ ଜେନା




ଓ ଆକାଉଣ୍ଟାଟ୍ ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ୟୁନିଟ୍ ତରଫରୁ ସଚେତନତା ଧର୍ମୀ ବକ୍ତୃତା, କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ବିଜେତାଙ୍କୁ ଅଧ୍ୟକ୍ଷା ଓ ଉପସ୍ଥିତ ଅତିଥିବୃନ୍ଦ ଟ୍ରଫି ସହିତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଟିମ୍ ଲିଡର ଶୁଭଲକ୍ଷ୍ମୀ ପ୍ରଧାନ, ସୁଜଲ ସ୍ୱାଇଁ, ନାଜମିନ୍ ସୁଲତାନା, ଅମିତ୍ ସ୍ୱାଇଁ ଓ ରଶ୍ମୀ ରଞ୍ଜନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଶିଷ୍ଟ ଆଧ୍ୟାତ୍ମିବାଦୀଙ୍କ ପରଲୋକ


ଚୌଦ୍ୱାର, ୨୪।୮ (ସମିସ): ଚୌଦ୍ୱାର ଅଞ୍ଚଳର ବରିଷ୍ଠ ନାଗରିକ, ସୁଲେଖକ, ଆଧ୍ୟାତ୍ମିବାଦୀ ବିବେକାନନ୍ଦ ପଟ୍ଟନାୟକ (୯୬)ଙ୍କ ରବିବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କ ରଚିତ ଜ୍ଞାନ ଦର୍ପଣ, ମାୟାବବଣ ଆଦି ପୁସ୍ତକ ପାଠକ ମହଲରେ ବେଶ ଅଦୃତ ହୋଇଥିଲା। ସ୍ଥାନୀୟ ଗୋପବନ୍ଧୁ ହାଇସ୍କୁଲ, ଓଟିଏମ ହାଇସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ହାଉସିଂବୋର୍ଡ କମ୍ୟୁନିଟି ୱେଲଫେୟାର ସେଣ୍ଟରର ସଭାପତି ତଥା ନିଗମାନନ୍ଦ ଆଶ୍ରମ, ବିରାଟେଶ୍ୱରୀ ପୂଜା କମିଟିର ଉପଦେଷ୍ଟା ଭାବରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଥିଲା। ତ୍ରିମ୍ଭ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ବଳରାମ କର, ଚୌଦ୍ୱାର ସାହିତ୍ୟ ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟ ରାଜୀବ ମହାନ୍ତି, ବିଜେପି ଓବିସି ମୋର୍ଚ୍ଚା ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ଅଧ୍ୟାପକ ପବିତ୍ର ମୋହନ ଭୂୟାଁ, ସାମ୍ବାଦିକ ଗଙ୍ଗାଧର ସାହୁ, ସତ୍ୟବ୍ରତ ଦାସ, ଶିଶୁବଜାର ସମ୍ପାଦକ ଦିବ୍ୟଜ୍ୟୋତି ପାଣିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ହାଉସିଂବୋର୍ଡସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମରଶରୀର ନିକଟରେ ତାଙ୍କର ଦୁଇପୁଅ ବିଶ୍ୱ ପ୍ରକାଶ ପଟ୍ଟନାୟକ, ଚନ୍ଦ୍ର ପ୍ରକାଶ ପଟ୍ଟନାୟକ ସମେତ ଝିଅ, ଜ୍ୱାଇଁ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

## ସମାଜସେବୀଙ୍କ ପରଲୋକ

ସାଲେପୁର, ୨୪।୮ (ସମିସ): ବେତେଇ ଗ୍ରାମର ତଥା ସାଲେପୁର-କୁଆଁପାଳ ରୋଡ୍‌ର ସର୍ବପୁରାତନ ବ୍ୟବସାୟୀ ତଥା ସମାଜସେବୀ ମୀନକେତନ ସାହୁଙ୍କ ୭୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେବ ବାର୍ଦ୍ଧକ୍ୟ ଜନିତ କାରଣରୁ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ଗତକାଲି ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ



ହୋଇଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଅନ୍ନପୂର୍ଣ୍ଣା ସାହୁ, ବଡ଼ପୁଅ ଅଶୋକ ସାହୁ, ରାଜେଶ ସାହୁ, ଦିଲ୍ଲୀପ ସାହୁ, ବୋହୂ ଅନିତା ସାହୁ, ସସ୍ମିତା ସାହୁ, ଶୁଭଶ୍ରୀ ସାହୁ, ନାତିନାତୁଣୀ ଓ ବନ୍ଧୁପରିଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ଅଶୋକ ସାହୁ ମୁଖାଗ୍ନୀ ଦେଇଥିଲେ।

## ବୈକୁଣ୍ଠ ସାହିତ୍ୟ ସଂସଦ ଆନୁକୂଲ୍ୟରେ ମୌସୁମୀ ଆସର

ବଡ଼ମ୍ବା, ୨୪।୮ (ସମିସ): ବୈକୁଣ୍ଠ ସାହିତ୍ୟ ସଂସଦ ବଡ଼ମ୍ବା ଆନୁକୂଲ୍ୟରେ ମୌସୁମୀ ଆସର ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରବିବାର ଅନୁଷ୍ଠାନର ସଭାପତି କବି ତଥା ଶିକ୍ଷାବିତ ଜଗନ୍ନାଥ ବାରିକଙ୍କ ଅଧ୍ୟକ୍ଷତାରେ ରାଜ ବିଶ୍ୱମ୍ଭର କ୍ଲବ ପରିସରରେ ଅନୁଷ୍ଠିତ ଏହି ଆସରକୁ ସଂସ୍କୃତ ବିଭାଗ ଅଧ୍ୟାପକ ଡ. ସାରଦାନନ୍ଦ ଦାଶ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କ ବେଦଧ୍ୱନିରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସେବାନିବୃତ



ବ୍ୟାଙ୍କ ପ୍ରବନ୍ଧକ ବିପିନ ବିହାରୀ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ସୁଦାମ ସୋଲମନ ଗୋଛି ଏବଂ ସମ୍ମାନିତ ଅତିଥିଭାବେ ରାଧାକୃଷ୍ଣ ସାହିତ୍ୟ ସଂସଦର ପ୍ରତିଷ୍ଠାତା ନାରାୟଣ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ସାହିତ୍ୟ ଆସରରେ ବଡ଼ମ୍ବା ସମେତ ବିଭିନ୍ନ ସ୍ଥାନ ମାନଙ୍କରୁ ବହୁ ସାହିତ୍ୟିକ, କବୟିତ୍ରୀ ଓ ସାହିତ୍ୟାନୁରାଗିମାନେ ଯୋଗଦେଇ ବର୍ଷା ଏବଂ ବର୍ଷାଋତୁ ସମ୍ବନ୍ଧୀୟ କବିତା ଓ ତଥ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଡ଼ମ୍ବାର ଖ୍ୟାତନାମା ସାହିତ୍ୟିକ, ବାଗ୍ମୀ, ଦୁର୍ଯ୍ୟୋଧନ ବରାଳ ସ୍ୱତନ୍ତ୍ର ଅତିଥି ତଥା ସମାଲୋଚକ ଭାବେ ଯୋଗଦେବା ସହ ଆବୃତ୍ତି ହୋଇଥିବା କବିତା ସମୂହର ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ବିଶ୍ୱାଳ, ଶିକ୍ଷାବିତ ଧନେଶ୍ୱର ସ୍ୱାଇଁ, କୃଷ୍ଣଚନ୍ଦ୍ର ରାଉତ, କାର୍ତ୍ତିକଚନ୍ଦ୍ର ପୁହାଣ, ସୁଶୀଲ ଜେନା, ପ୍ରଭାକର ମହାପାତ୍ର, ଆଇନଜୀବୀ ସନ୍ତୋଷ ବେହେରା, ଅଧ୍ୟାପକ ଅରବିନ୍ଦ ନାୟକ, ଜ୍ଞାନେନ୍ଦ୍ର ରାଉତ, ସାମ୍ବାଦିକ ଚିନ୍ମୟାନନ୍ଦ ମହାନ୍ତି, ସହଦେବ ମଲ୍ଲିକ, ନିଗମାନନ୍ଦ ନାୟକ, ଗୋବିନ୍ଦ ଚନ୍ଦ୍ର ସିଂ ସାମନ୍ତ, ନିହାର ରଞ୍ଜନ ମିଶ୍ରଙ୍କ ସମେତ ବହୁ ସାହିତ୍ୟାନୁରାଗୀ ଉପସ୍ଥିତ ରହିଥିଲେ। ବୈକୁଣ୍ଠ ସାହିତ୍ୟ ସଂସଦ ସମ୍ପାଦକ ଗିରିଜା ପ୍ରସାଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଅନୁଷ୍ଠାନର ସଦସ୍ୟ ଶିବ ନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଭାଣପୁର ଦୁର୍ଗାପୂଜା କମିଟି ପକ୍ଷରୁ ବନ୍ଧୁମିଳନ ଓ ପ୍ରସ୍ତୁତି ବୈଠକ

## ରୌପ୍ୟ ଅଳଙ୍କାରରେ ଝଟକିବେ ପାର୍ଶ୍ୱ ଦେବାଦେବୀ

ଫୁଲନଖରା, ୨୪।୮ (ସମିସ)

କଟକ ମହାନଗର ନିଗମ ୫୮ନଂ ୱାର୍ଡ ଅନ୍ତର୍ଗତ ଭାଣପୁର ଦୁର୍ଗା ପୂଜା କମିଟି ତରଫରୁ ଏକ ଶାରଦୀୟ ବନ୍ଧୁମିଳନ ଓ ପ୍ରସ୍ତୁତି ବୈଠକ ଉତ୍ସବ ପୂଜା କମିଟିର ସଭାପତି ପ୍ରମୋଦ କୁମାର ଓଝାଙ୍କ ପୌରହିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅତିଥି ଭାବରେ ସ୍ଥାନୀୟ କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ସଦର ଥାନାଞ୍ଚଳ ଆଞ୍ଚଳିକ ଶାନ୍ତି କମିଟିର କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତି ଓ ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ଯୋଗଦେଇଥିବା ବେଳେ ପୂଜା କମିଟିର ଉପସଭାପତି ଶରତ ଜେନା, ଭାଣପୁର




ଗ୍ରାମ୍ୟ କମିଟିର ସଭାପତି ଲକ୍ଷ୍ମୀଧର ଜେନା, ସମ୍ପାଦକ ଦିଲ୍ଲୀପ ନାୟକ, ପୂର୍ବତନ ପୂଜା କମିଟି ସମ୍ପାଦକ ସନାତନ ସାହୁ, ପୂର୍ବତନ ଗ୍ରାମ୍ୟ କମିଟି ସମ୍ପାଦକ ତ୍ରିଲୋଚନା ପରିଡ଼ା, ମହେଶ୍ୱର ଭଟ୍ଟ, ତ୍ରିଲୋଚନା ଦାସ, ଶରତ ଭଟ୍ଟ ପ୍ରମୁଖ ଉପସ୍ଥିତ ଥିଲେ। ଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ସମସ୍ତେ ଏହି ପର୍ବକୁ ଶାନ୍ତିଶୃଙ୍ଖଳା ସହିତ ପ୍ରଶାସନର ସମସ୍ତ ନୀତିନିୟମକୁ ମାନି ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ୬ଦଶନ୍ଧି ଧରି ମହାଦେବଙ୍କ ପୂଜା ପରେ ଗତ ବର୍ଷଠାରୁ ଆରମ୍ଭ ହୋଇଥିବା ଦୁର୍ଗାପୂଜାକୁ ଚଳିତ ବର୍ଷ ଆହୁରି ଜାକଜମକରେ କରିବା ପାଇଁ ୧୨ ଲକ୍ଷ ଟଙ୍କାର ଆକଳନ କରାଯାଇଛି ବୋଲି ପୂଜା କମିଟିର ସମ୍ପାଦକ ଅଜିତ ରାଉତ ପ୍ରକାଶ କରିବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନବମୀରେ ଦହିପଖାଳ ଓ ଦଶମୀରେ ଖିରୀ ଭୋଗ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବ ବୋଲି ସଭାପତି ଶ୍ରୀ ଓଝା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଭାତ ଜେନା, ନରେଶ ନାୟକ, ସନାତନ ରାଉତ, ରାଜେଶ ଜେନା, ପରମାନନ୍ଦ ଭଟ୍ଟ, ହଜାରୀ ଜେନା, ସୁଜିତ୍ ସାହୁ ଓ ଲକ୍ଷ୍ମଣ ଭଟ୍ଟ ପ୍ରଭୃତି ପରିଚାଳନା କରିଥିବା ବେଳେ ପୂଜା କମିଟିର କୋଷାଧ୍ୟକ୍ଷ ରାଜେଶ ଭଟ୍ଟ ଧନ୍ୟବାଦ ଦେଇଥିଲେ।

# କଟକ ସିଟି



## କଟକରେ ଇଶା ଗ୍ରାମୋତ୍ସବମ୍

# ମଙ୍ଗଳା କ୍ଲବ୍, ଆଶ୍ରମପାଟଣା ଚାମ୍ପିଅନ



**କଟକ, ୨୪।୮ (ସମିସ):** ଓଏମପିସ୍ଥିତ ୬ଷ୍ଠ ବାଟାଲିୟନ ଗ୍ରାଉଣ୍ଡରେ ଦୁଇଦିନ ଧରି ଚାଲିଥିବା ଇଶା ଗ୍ରାମୋତ୍ସବମ୍ ଆଜି ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ବର୍ଗରେ ଆୟୋଜିତ ଭଲିବଲ ଟୁର୍ଣ୍ଣାମେଣ୍ଟରେ ମା' ମଙ୍ଗଳା କ୍ଲବ ଚାମ୍ପିଅନ ହୋଇଥିବା ବେଳେ ଜୟପୁର କ୍ଲବ ରନର୍ସଅପ ହୋଇଥିଲା। ସେହିପରି ମହିଳା ବର୍ଗର ଖେଳାଳିଙ୍କୁ ନେଇ ଥ୍ରୋ ବଲ ପ୍ରତିଯୋଗିତା ହୋଇଥିଲା। ଏଥିରେ ଆଶ୍ରମ ପାଟଣା ଓ ଗୋଲ୍ଡେନ ଷ୍ଟାର କ୍ଲବ ଯଥାକ୍ରମେ ଚାମ୍ପିଅନ ଓ ରନର୍ସଅପ ହୋଇଛନ୍ତି।

ଇଶା ଫାଉଣ୍ଡେସନର ପ୍ରତିଷ୍ଠାତା ସଦ୍‌ଗୁରୁଙ୍କ ଦିଗଦର୍ଶନରେ ଏହି ଉତ୍ସବ ଭାରତବ୍ୟାପୀ ଆୟୋଜନ କରାଯାଉଛି। ପ୍ରଥମଥର ଇଶା ଗ୍ରାମୋତ୍ସବମ୍ ଓଡ଼ିଶାରେ ହେଉଥିବା ବେଳେ କଟକ କ୍ଲଷ୍ଟରରେ ଦୁଇଟି ପ୍ରତିଯୋଗିତା ହୋଇଥିଲା। ଗ୍ରାମାଞ୍ଚଳର କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିବା ଗ୍ରାମୋତ୍ସବମ୍‌ର ମୂଳ ଲକ୍ଷ୍ୟ। କଟକରେ ଆୟୋଜିତ ପ୍ରତିଯୋଗିତାରେ ପ୍ରାୟ ୪୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ଏଠାରେ କ୍ଲଷ୍ଟର ସ୍ତରୀୟ ପ୍ରତିଯୋଗିତା ଶେଷ ହୋଇଛି। ପୁରୀ, ଖୋର୍ଦ୍ଧା, କଟକ, ଢେଙ୍କାନାଳ ଓ ବଲାଙ୍ଗୀରରେ ପ୍ରତିଯୋଗିତା ନିମନ୍ତେ ମୋଟ୍ ୩ହଜାର ଖେଳାଳି ପଞ୍ଜୀକରଣ କରିଛନ୍ତି। ଆଗାମୀ ଦିନରେ ଡିଭିଜନାଲ ସ୍ତରୀୟ ଓ ଶେଷରେ ଗ୍ରାଣ୍ଡ ଫାଇନାଲ ହେବ। ପ୍ରକାଶଯୋଗ୍ୟ, ୨୦୦୪ ମସିହାରେ ସଦ୍‌ଗୁରୁ ଗ୍ରାମୋତ୍ସବମ୍‌ର ଶୁଭାରମ୍ଭ କରିଥିଲେ। ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, କେରଳ, ତାମିଲନାଡୁ, ତେଲେଙ୍ଗାନା, ପୁଡୁଚେରୀରେ ବୃହତ୍ତ ସଫଳତା ପରେ ଏବେ ଓଡ଼ିଶାରେ ଏହା ଆୟୋଜନ କରାଯାଉଛି।

## ସମ୍ପ୍ରସାରଣ ପ୍ରକଳ୍ପ; ତୁଟିବ ଏସ୍‌ସିବିର ପୁରୁଣା ସମସ୍ୟା

# ପାଇପ୍‌ରେ ପଠାଯିବ ଔଷଧ, ରକ୍ତ ଓ ରିପୋର୍ଟ

**କଟକ, ୨୪।୮ (ସମିସ)**

ବଡ଼ ମେଡିକାଲ ଆସୁଥିବା ରୋଗୀଙ୍କ ପାଇଁ ରକ୍ତ ପରୀକ୍ଷା କରାଇବା ଓ ରିପୋର୍ଟ ପାଇବା ଏକ କଷ୍ଟକର ବ୍ୟାପାର। ପୂର୍ବରୁ ରକ୍ତ ନମୁନା ଧରି ଧାଡ଼ିରେ ଛିଡ଼ା ହେବାକୁ ପଡୁଥିଲା। ଏବେ ଠିକା ଭିତ୍ତିରେ ନିଯୁକ୍ତ ଆଟେଣ୍ଡାଣ୍ଟମାନେ କେତେକ ୱାର୍ଡରୁ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରି ନେଉଛନ୍ତି ଓ ରିପୋର୍ଟ ଆଣି ଦାଖଲ କରୁଛନ୍ତି। ତେବେ ସମ୍ପ୍ରସାରଣ ପ୍ରକଳ୍ପ ଶେଷ ହେଲେ ଅନେକ ଅତ୍ୟାଧୁନିକ ବ୍ୟବସ୍ଥା ପରିଲକ୍ଷିତ ହେବ। ନୂତନ କ୍ଲିନିକାଲ କୋଠାରେ ନ୍ୟୁମାଟିକ ଟ୍ୟୁବ ଲାଗିବ ବୋଲି ଓଡ଼ିଶା ବ୍ରିଜ ଆଣ୍ଡ କନଷ୍ଟ୍ରକସନ କର୍ପୋରେସନ ଲିମିଟେଡ(ଓବିସିସି) ପକ୍ଷରୁ ସୂଚନା ଦିଆଯାଇଛି। ନ୍ୟୁମାଟିକ ଟ୍ୟୁବ ଅନେକାଂଶରେ ରୋଗୀ ସେବାକୁ ସରଳ ଓ ସହଜ କରିଦେବ। ମେଡିକାଲର ବିଭିନ୍ନ ରେକର୍ଡ ଠାରୁ ଆରମ୍ଭ କରି ରୋଗୀଙ୍କ ଔଷଧ ଓ ରକ୍ତ ନମୁନା ବି ଆଗକୁ ପାଇପ୍ ଯୋଗେ ପଠାଯିବ। ଏହାଛଡ଼ା ଅଳିଆ, ଆବର୍ଜନା ଉଠାଇବା ପାଇଁ ଲୋକବଳ ଆବଶ୍ୟକ ହେବେ ନାହିଁ କିମ୍ବା କପଡ଼ା ସଫା କରିବା ନିମନ୍ତେ ଚିନ୍ତା ରହିବ ନାହିଁ। ଏଥି ପାଇଁ ମଧ୍ୟ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି, ଯାହା ସ୍ୱୟଂଚାଳିତ ହେବ ବୋଲି ଓବିସିସି ପକ୍ଷରୁ କୁହାଯାଇଛି।

ନ୍ୟୁମାଟିକ ଟ୍ୟୁବ ସିଷ୍ଟମ୍ ତଥା ପିଟିଏସ୍ ଏକ ଅତ୍ୟାଧୁନିକ ବ୍ୟବସ୍ଥା, ଯାହା ବିଦେଶର ଅନେକ ପ୍ରତିଷ୍ଠିତ ହସ୍ପିଟାଲ ଗୁଡିକରେ ଦେଖିବାକୁ ମିଳେ। ଏହି ବ୍ୟବସ୍ଥା ଏସସିବି ମେଡିକାଲର ନୂଆ କ୍ଲିନିକାଲ କୋଠା ଗୁଡିକରେ ଲାଗୁ କରାଯିବ। ଓବିସିସି ପକ୍ଷରୁ ମିଳିଥିବା ସୂଚନା ମୁତାବକ, ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଇବାକୁ ହେଲେ, ରକ୍ତ ସଂଗ୍ରହ କରି ଏହାକୁ ଟ୍ୟୁବ୍‌ରେ ରଖାଯିବ। ଟ୍ୟୁବ ପାଇପଟି ୨୦୦ ଏମଏମ ଡାଏମିଟର ବିଶିଷ୍ଟ ହେବ। ମୁଖ୍ୟତଃ ୪ଟି ବ୍ୟବସ୍ଥା କ୍ଷେତ୍ରରେ ଏହି ଟ୍ୟୁବ କାର୍ଯ୍ୟ କରିବ। ଏହାର ପରିଚାଳନା ନିମନ୍ତେ ବିଭିନ୍ନ ୱାର୍ଡରେ ୧୦୭ଟି ଷ୍ଟେସନ ରହିବ। ରୋଗୀଙ୍କ ରକ୍ତନମୁନା ପରୀକ୍ଷା ପାଇଁ ପଠାଇବାକୁ ହେଲେ ରକ୍ତ ସଂଗ୍ରହ କରି ଷ୍ଟେସନ ଜରିଆରେ ଟ୍ୟୁବରେ ରଖାଯିବ। ନିଦାନ କେନ୍ଦ୍ର ପର୍ଯ୍ୟନ୍ତ ଏହା ଆପେଆପେ ପହଞ୍ଚିଯିବ। କେବଳ ସେତିକି ନୁହେଁ ରୋଗୀଙ୍କ ଔଷଧ, ରକ୍ତ ୟୁନିଟ ଓ ବିଭିନ୍ନ କାଗଜପତ୍ର ମଧ୍ୟ ପାଇପ ଯୋଗେ ପଠାଯାଇ ପାରିବ। କେବଳ ପଠାଯିବା ନୁହେଁ, ଅନ୍ୟ ବିଭାଗରୁ ପଠାଯାଉଥିବା ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ମଧ୍ୟ ଷ୍ଟେସନ ଜରିଆରେ ଗ୍ରହଣ କରାଯିବ। ଲୋକବଳ ଅନାବଶ୍ୟକ ହୋଇ ପଡ଼ିବା ସହ ସମୟ ଅପଚୟ ହେବାରୁ ରକ୍ଷା ମିଳିବ ବୋଲି ଓବିସିସିର ଜନୈକ ବରିଷ୍ଠ ଯନ୍ତ୍ରୀ କହିଛନ୍ତି। ସେହିପରି ନର୍ସ କଲ୍ ସିଷ୍ଟମ, ଅଡିଓ ଭିଜୁଆଲ ସିଷ୍ଟମ, ଇନଫରମେସନ ଡିସପ୍ଲେ ସିଷ୍ଟମ ଭଳି ଅନେକ ବ୍ୟବସ୍ଥା ନୂତନ କୋଠାରେ ଉପଲବ୍ଧ ରହିବ।

ପ୍ରକାଶଯୋଗ୍ୟ, ୨୬୩୬ କୋଟି ଟଙ୍କା ବ୍ୟୟରେ ୪ଟି କ୍ଲିନିକାଲ କୋଠା ନିର୍ମାଣ କରାଯାଉଛି। ଏବେ ସୁଦ୍ଧା ନିର୍ମାଣ କାର୍ଯ୍ୟ ୫୦ ପ୍ରତିଶତ ଶେଷ ହୋଇଛି। ମୋଟ ବଜେଟର ୪୩ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି। କ୍ଲିନିକାଲ କୋଠା ନିର୍ମାଣ କାର୍ଯ୍ୟ ଆସନ୍ତା ଜୁନରେ ଶେଷ କରିବାକୁ ଟାର୍ଗେଟ ରଖାଯାଇଛି। ତେବେ କ୍ଲିନିକାଲ କୋଠା ପୂର୍ବରୁ ଡାକ୍ତର ଓ ଷ୍ଟାଫଙ୍କ ରହଣୀ ନିମନ୍ତେ ନିର୍ମାଣ କରାଯାଉଥିବା ଆବାସିକ(ରେସିଡେନସିଆଲ) କୋଠା ନିର୍ମାଣ ଆଗ ସରିବ। ଏପ୍ରିଲ ମାସ ସୁଦ୍ଧା ୧୩ଟି ଯାକ ଆବାସିକ କୋଠା ନିର୍ମାଣ ଶେଷ କରାଯିବ। ଏଥି ପାଇଁ ୮୪୬କୋଟି ଟଙ୍କାର ବଜେଟ ଧାର୍ଯ୍ୟ ହୋଇଛି। ଏଥିରୁ ୫୩ ପ୍ରତିଶତ ଅର୍ଥ ଏବେ ସୁଦ୍ଧା ବିନିଯୋଗ ହୋଇଛି।

**ବିଭିନ୍ନ ୱାର୍ଡରେ ଲାଗିବ ନ୍ୟୁମାଟିକ୍ ଟ୍ୟୁବ୍ ସିଷ୍ଟମ୍**

**ନେଣଦେଣ ପାଇଁ ପ୍ରସ୍ତୁତ କରାଯିବ ୧୦୭ଟି ଷ୍ଟେସନ**

**ଜୁନ୍‌ରେ ସରିବ କ୍ଲିନିକାଲ କୋଠା, ଏପ୍ରିଲ ସୁଦ୍ଧା ରେସିଡେନ୍ସିଆଲ ବ୍ଲକ୍**



## କଟକ ମହାନଗର ଶାନ୍ତି କମିଟିର ଦୁର୍ଗାପୂଜା ପ୍ରସ୍ତୁତି ମହାସଭା

# ପଲିଥିନ୍‌ମୁକ୍ତ ପୂଜା, ଡିଜେମୁକ୍ତ ରୋଶଣି ଓ ନିଶାମୁକ୍ତ ଭସାଣିକୁ ଗୁରୁତ୍ୱ



**କଟକ, ୨୪।୮ (ସମିସ):** ପଲିଥିନ୍‌ମୁକ୍ତ ପୂଜା-ଡିଜେମୁକ୍ତ ରୋଶଣି-ନିଶାମୁକ୍ତ ଭସାଣିର ଆହ୍ୱାନ ସହ ସେପ୍ଟେମ୍ବର ୨୮ ମହାଷଷ୍ଠୀରୁ ଦୁର୍ଗାପୂଜା ଆରମ୍ଭ ହୋଇ ଅକ୍ଟୋବର ୩ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କଟକ ମହାନଗର ଶାନ୍ତି କମିଟିର ମହାସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମଣିସାହୁଛକ ପୂଜା କମିଟି ନିମନ୍ତ୍ରଣକ୍ରମେ ସ୍ଥାନୀୟ କ୍ୟାଣ୍ଟନମେଣ୍ଟ ରୋଡ଼ଠାରେ ଅନୁଷ୍ଠିତ ଏହି ମହାସଭାରେ ଶାନ୍ତି କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ପୂଜା କମିଟିର ଆଇନ ପରାମର୍ଶଦାତା ପ୍ରଦୀପ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ସହ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସାଧାରଣ ସମ୍ପାଦକ ଭିକାରୀ ଦାସ ବିବରଣୀ ଉପସ୍ଥାପନ କରିଥିଲେ। ସେଗୁଡ଼ିକ ହେଲା ରାତ୍ର ୧୨ଟା ପର୍ଯ୍ୟନ୍ତ ମାଇକ ବଜାଇବା ପାଇଁ ଅନୁମତି ପ୍ରଦାନ, ପୂର୍ବବର୍ଷ ଭଳି ମେଢ଼ ଯାତାୟାତ ପଦ୍ଧତିକୁ ଅନୁପାଳନ, ଚାନ୍ଦିନୀଚୌକର ପରମ୍ପରା ମେଳଣରେ ଯୋଗଦେବାକୁ ଅନୁମତି, ଶୋଭାଯାତ୍ରାକାରୀଙ୍କ ମଧ୍ୟାହ୍ନ ଭୋଜନ ନିମନ୍ତେ ଏଲଆଇସି ଅଫିସ ସମ୍ମୁଖ ପଡ଼ିଆରେ ମେଢ଼ ରଖିବା, ଷଷ୍ଠୀଠାରୁ ଦ୍ୱାଦଶୀ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ, ରିଆତି ମୂଲ୍ୟରେ ମଣ୍ଡପଗୁଡ଼ିକୁ ବିଦ୍ୟୁତ ସେବା, ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ, ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପୁଲିସ କଣ୍ଟ୍ରୋଲ ରୁମ, ପାନୀୟ ଜଳ ଓ ଭ୍ରାମ୍ୟମାଣ ଶୌଚାଳୟ, ମେଢ଼ ବିସର୍ଜନ ନିମନ୍ତେ ଦେବୀଗଡ଼ା ରାସ୍ତାର ମରାମତି ବା ପୁନଃନିର୍ମାଣ କରିବା ସହ ସମ୍ପୂର୍ଣ୍ଣ ଅଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ କରିବା, ସମଗ୍ର ଅଞ୍ଚଳକୁ ଆଲୋକୀକରଣ ସହ ମୂର୍ତ୍ତି ବିସର୍ଜନ ନିମନ୍ତେ ୪/୫ଟି ଜଳପୂର୍ଣ୍ଣ କଂକ୍ରିଟ କୃତ୍ରିମ ପୋଖରୀ ନିର୍ମାଣ, ସହରର ମୁଖ୍ୟ ଓ ଗଳିକନ୍ଦି ରାସ୍ତାଘାଟ ମରାମତି ବା ପୁନଃନିର୍ମାଣ ସହ ଅଳିଆ ଆବର୍ଜନା ପରିଷ୍କାର, ରାସ୍ତାର ଷ୍ଟ୍ରିଟ ଲାଇଟଗୁଡ଼ିକୁ କାର୍ଯ୍ୟକ୍ଷମ, ଆବଶ୍ୟକସ୍ଥଳେ ଡ୍ରେନରେ ସ୍ଲାବ ପକାଇବା, ମେଢ଼ ଯାତାୟାତ ପାଇଁ ଗଛଡାଳ କାଟିବା ସହ କେବୁଲ, ବିଦ୍ୟୁତ ଓ ଟେଲିଫୋନ ତାରଗୁଡ଼ିକ ଅପସାରଣ, ରାସ୍ତାରେ ବ୍ଲିଚିଙ୍ଗ ପାଉଡର ପକାଇବା ଏବଂ ବିଭିନ୍ନ ପୂଜା କମିଟି ପକ୍ଷରୁ କରାଯାଉଥିବା ତୋରଣ ଓ ସାଂସ୍କୃତିକ ମଣ୍ଡପଗୁଡ଼ିକର ଶୁଳ୍କ ସମ୍ପୂର୍ଣ୍ଣଭାବେ ଛାଡ଼ କରିବାକୁ ରାଜ୍ୟ ସରକାର ଓ ମହାନଗର ନିଗମକୁ ନିବେଦନ କରାଯାଇଛି। ବିଶେଷଭାବେ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ସମ୍ମାନ ଜଣାଇ ତୋରଣ ଓ ଆଲୋକ ସଜ୍ଜା କରିବା ଏବଂ ଜୋରଜବରଦସ୍ତ ଚାନ୍ଦା ଆଦାୟ ନ କରିବାକୁ ପୂଜା କମିଟିମାନଙ୍କୁ ଶ୍ରୀ ଦାସ ନିବେଦନ କରିଥିଲେ। ଏହି ମହାସଭାରେ କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ମହାନଗର ନିଗମ ମେୟର ସୁବାସ ସିଂହ, ବାରବାଟୀ-କଟକ ବିଧାୟିକା ଇଂ.ସୋଫିଆ ଫିର୍ଦ୍ଦୋଷ, ପୂର୍ବତନ ବିଧାୟକ ଡ଼. ପ୍ରଭାତରଞ୍ଜନ ବିଶ୍ୱାଳ ଓ ଇଂ. ମହମ୍ମଦ ମୋକିମ, ବରିଷ୍ଠ ବିଜେପି ନେତା ନୟନକିଶୋର ମହାନ୍ତି, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ସିଏମସି କମିଶନର ସୁଶ୍ରୀ କିରଣଦୀପ କୌର ସାହୋତା, ଡିସିପି ଜଗମୋହନ ମୀନା, ଏଡ଼ିସିପି ଦେବଦତ୍ତ କର, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, କଟକ ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ, ବିଜେଡି ନେତା ମଧୁସୂଦନ ସାହୁ, କଂଗ୍ରେସ ନେତା ସୁରେଶ ମହାପାତ୍ର, ସିପିଆଇ ନେତା ଅମରେନ୍ଦୁ ମହାନ୍ତି, ବିଜେପି ନେତା ଲଲାଟେନ୍ଦୁ ବଡୁ ଓ ସିପିଆଇ(ଏମ) ନେତା ବଦ୍ରିନାରାୟଣ ଦାସ ଏବଂ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ପ୍ରଦୀପ ସିହ୍ନା, ନୃସିଂହ ଚୌଧୁରୀ, ଦେବାଶିଷ ରାୟ, ନରେଶ ସାହୁ, ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଓ ଧରଣୀଧର ନାୟକ, ଶିବେନ୍ଦ୍ର ହାତୀ, ଗୌତମ ପରିଡ଼ା, ତାପସ ପ୍ରହରାଜ, ଶ୍ରୀମନ୍ତ ଦାସ, ନୀଳକଣ୍ଠ ମହାନ୍ତି, ଧର୍ମେଶ ନାୟକ ଓ ଡ଼. ଦ୍ୱିପାୟନ ପଟ୍ଟନାୟକ ପ୍ରମୁଖ ଭାଷଣ ଦେଇଥିଲେ। ଶେଷରେ ମଣିସାହୁ ଛକ ପୂଜା କମିଟି ସମ୍ପାଦକ ରାକେଶ ସାହୁ ଧନ୍ୟବାଦ ଦେଇଥିଲେ। କଟକ ମହାନଗର କୋଣ-ଅନୁକୋଣର ସମସ୍ତ ପୂଜା କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ରହି ଏହି ମହାସଭାକୁ ସଫଳ କରାଇଥିଲେ।

**ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ସମ୍ମାନ ଜଣାଇ ତୋରଣ ଓ ଆଲୋକ ସଜ୍ଜା କରିବାକୁ ପରାମର୍ଶ**

## ଦୁର୍ଘଟଣାରେ ଜଣେ ମୃତ

**କଟକ, ୨୪।୮ (ସମିସ):** ମର୍କତନଗର ଫେଜ୍-୨ ଥାନା ଅନ୍ତର୍ଗତ ଏନ୍‌ଏଲ୍‌ୟୁ ମୁଖ୍ୟ ଫାଟକ ସମ୍ମୁଖରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ଅନ୍ୟ ଜଣେ ଗୁରୁତର ଆହତ ହୋଇ ଏସ୍‌ସିବିରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ହେଉଛନ୍ତି, ନରାଜ କୈବର୍ତ୍ତ୍ୟ ସାହିର ଭାବଗ୍ରାହୀ ଧଳ (୫୦)। ଗୁରୁତର ଆହତ ହୋଇଥିବା ଓଲା ସ୍କୁଟି ଚାଳକଙ୍କ ପରିଚୟ ମିଳିପାରିନାହିଁ। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଭାବଗ୍ରାହୀ ଏକ ବାଇକ୍‌ରେ ଜୁଡ଼ିସିଆଲ୍ ଏକାଡେମୀ ପଟୁ ନରାଜ ଆଡକୁ ଯାଉଥିବା ବେଳେ ସମ୍ମୁଖରୁ ଜଣେ ଯୁବକ ଓଲା ଗାଡିରେ ଦ୍ରୁତ ଗତିରେ ଆସୁଥିଲା। ଏନ୍‌ଏଲ୍‌ୟୁ ଗେଟ୍ ସମ୍ମୁଖରେ ବାଇକ୍ ଓ ଓଲା ସ୍କୁଟି ମୁହାଁମୁହିଁ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ଭାବଗ୍ରାହୀ ପଡ଼ିଯିବା ପରେ ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ମର୍କତନଗରସ୍ଥିତ ଏକ ଘରୋଇ ହସ୍ପିଟାଲ୍‌କୁ ପଠାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ। ସେହିପରି ଓଲା ଗାଡିରେ ଯାଉଥିବା ଯୁବକ ଜଣକ ଧକ୍କା ହେବା ପରେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ଜନସାଧାରଣ ଆମ୍ବୁଲାନ୍ସ ଯୋଗେ ଏସ୍‌ସିବି ପଠାଇଥିଲେ। ଘଟଣାସ୍ଥଳରେ ଫେଜ୍-୨ ଥାନା ପୁଲିସ ପହଞ୍ଚି ଗାଡି ୨ଟିକୁ ଜବତ କରିଥିବା ଜଣାପଡ଼ିଛି।

## ଟ୍ରମ୍ପଙ୍କ ଟାରିଫ୍ ବିରୋଧରେ ପ୍ରତିକ୍ରିୟା

# ଉତ୍କଳ ସେବକ ସାମଜର ସ୍ୱଦେଶୀ ଜାଗରଣ ଅଭିଯାନ



**କଟକ, ୨୪।୮ (ସମିସ):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତରୁ ରପ୍ତାନୀ ହେଉଥିବା ସାମଗ୍ରୀ ଉପରେ ପଚାଶ ପ୍ରତିଶତ ଟାରିଫ ଘୋଷଣାକୁ ଆମର ଦ୍ରୁତ ପ୍ରଗତିଶୀଳ ଅର୍ଥନୀତି ପ୍ରତି ଆମେରିକାର ଇର୍ଷାର ପ୍ରତିଫଳନ ବୋଲି ସାମାଜିକ ସଂଗଠନ ଉତ୍କଳ ସେବକ ସମାଜର ସମ୍ପାଦକ ଡ. ଅମୀୟ ଭୂଷଣ ବିଶ୍ୱାଳ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏଥିସହିତ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇ ଗାନ୍ଧିନୀତି ଆପଣାଇବା ସହିତ ସ୍ୱଦେଶୀ ସେବା ଓ ଦ୍ରବ୍ୟ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ସାମଗ୍ରିକ ଜନସଚେତନତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱଦେଶୀ ଜାଗରଣ ଅଭିଯାନ କଟକର ବିଭିନ୍ନ ସ୍ଥାନ ପରିକ୍ରମା କରି ସ୍ୱଦେଶୀ ବ୍ୟବହାରର ଭାରତୀୟ ଅର୍ଥନୀତି ଉପରେ ଥିବା ସୁଦୂରପ୍ରସାରୀ ପ୍ରଭାବକୁ ଲୋକମାନଙ୍କୁ ବୁଝାଇବା ସହିତ ପ୍ରଚାରପତ୍ର ବଣ୍ଟନ କରିଥିଲେ। କଟକ ସହରର ମୁଖ୍ୟ ରାସ୍ତା ଦେଇ ସଚେତନତା ରାଲି ହେବା ସହିତ କଲେଜ ଛକ, ରାଣୀହାଟର ଘଣ୍ଟା ଛକ, ଷ୍ଟାଡିୟମର ହର୍ସ୍ ଗେଟ୍, ଜୁଡିସିଆଲ୍ ଏକାଡେମୀ ଛକ, ସିଡିଏ, ବାଦାମବାଡି ଛକ, ପ୍ରେସ୍ ଛକ, ନୂଆବଜାର ଛକ ଠାରେ ପଥପ୍ରାନ୍ତ ସଭା କରି ସଚେତନତା ବାର୍ତ୍ତା ପ୍ରଦାନ ପୂର୍ବକ ଜନସଚେତନତା ସୃଷ୍ଟି କରଥିଲେ। ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ଅଧିକରୁ ଅଧିକ ଆୟୋଜନ କରାଯିବ ବୋଲି କାର୍ଯ୍ୟକ୍ରମର ସଂଯୋଜକ ତଥା ଉତ୍କଳ ସେବକ ସମାଜର ନିର୍ଦ୍ଦେଶକ ଇଂ ଅନ୍ୱୟ ଅଭିନବ ପ୍ରକାଶ କରିଛନ୍ତି। ମଳୟ ଷଡଙ୍ଗୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରମୋଦ ଓଝା, ଚିତ୍ତ ରଞ୍ଜନ ମହାନ୍ତି, ବାସୁଦେବ ରାଉତ, ରାଜେଶ ମନ୍ଥନ, ବିକ୍ରମ କେଶରୀ ବାରିକ୍, ଲିସା ମହାରଣା, ସୁଶ୍ରୀ ସୂର୍ଯ୍ୟସ୍ନାତା, ରାଜଲକ୍ଷ୍ମୀ ମହାନ୍ତି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ରେଭେନ୍ସା କଲିଜିଏଟ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ପ୍ରାକ୍ତନ ଛାତ୍ର ତଥା ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଆଦିତ୍ୟ ମହାପାତ୍ର 'କୃତ ବିଦ୍ୟା ସମ୍ମାନ'ରେ ସମ୍ମାନିତ



# ଖାନନଗରରେ ପ୍ରଥମ ଥର ୨୫ ଫୁଟ୍‌ର ଗଣେଶ

## ଶିବା କ୍ଲବ୍, ଖାନନଗର-ନୂଆସାହି

**କଟକ, ୨୪।୮ (ସମିସ)**

ପାର୍ବଣର ପ୍ରଥମ ପର୍ଯ୍ୟାୟ ଭାଦ୍ରବ ଶୁକ୍ଳ ଚତୁର୍ଥୀ ଦିନରେ ରୌପ୍ୟନଗରୀକୁ ଆସିବେ ଗଜାନନ। ପାର୍ବଣର ପହିଲି ଚିଟାଉ ଧରି ହଜାର ବର୍ଷର ସହରରେ ପୂଜା ପାଇବେ ଶ୍ରୀଗଣେଶ...ଦୁଲୁକିବ କଟକ। ବାଜା, ବାଣ ଓ ଆକର୍ଷଣୀୟ ଆଲୋକ ସଜ୍ଜାରେ ଝଲସି ଉଠିବ ମହାନଦୀବିହାରରୁ ମର୍କତନଗର। ମହାନଦୀ ଆଉ କାଠଯୋଡ଼ି'ର ହୃଦୟ ଚିରା ବକ୍ଷ'ରେ ଏ ସହରରେ ଶୁଭିବ 'ବକ୍ରତୁଣ୍ଡ ମହାକାୟ, ସୂର୍ଯ୍ୟକୋଟି ସମପ୍ରଭଃ.. ନିର୍ବିଘ୍ନ କୁରୁମେ ଦେବୋ, ସର୍ବକାର୍ଯ୍ୟେଷୁ ସର୍ବଦା'.. କଟକିଆ ବରାଦ ଦେଇ ନିର୍ଦ୍ଧୁମ୍ ପିଟିବେ ଶିଙ୍ଘ ବାଜା, ଦୁଲୁଦୁଲି, ମାଦଳ, ପଞ୍ଜାବୀ ବାଜା, ଘଣ୍ଟ ସଂଗକୁ ବ୍ୟାଣ୍ଡ ବାଜା। ମୂର୍ତ୍ତି ଗଢ଼ା ଚାଲିଲାଣି। ପୂଜାର ପୂର୍ବପ୍ରସ୍ତୁତିର ଝଲକକୁ ନେଇ ଆରମ୍ଭ ବିଶେଷ ଉପସ୍ଥାପନା.... ଆସୁଛନ୍ତି ଗଜାନନ।

ଏଥର ଖାନନଗରରେ ପ୍ରଥମ ଥର ପାଇଁ ୨୫ ଫୁଟର ଗଣେଶ ମୂର୍ତ୍ତି ପୂଜା ପାଇବେ। 'ଅମ୍ଳଜାନ' ସମାଜ ଓ ସଭ୍ୟତା ତଥା ଜୀବନ ପାଇଁ ଜରୁରୀ ଥିବା ବେଳେ ସମ୍ପ୍ରତି ମାନବ ସମାଜ କେମିତି ପ୍ରକୃତିକୁ ନଷ୍ଟ କରୁଛି। ସହରାଞ୍ଚଳରେ ମାତ୍ରାଧିକ ପ୍ରଦୂଷଣ ସାଙ୍ଗକୁ ଗଛ କାଟିବା ଭଳି ସମସ୍ୟା ପରିବେଶକୁ ବିନାଶ ଦିଗକୁ ନେଉଛି। ଅନ୍ୟପଟେ ମାତ୍ରାଧିକ ଶିଳ୍ପାୟନ ଯୋଗୁଁ ପ୍ରଦୂଷଣଜନିତ ସମସ୍ୟା ଏବେ ଆକାଶଛୁଆଁ। ଏଭଳି ସ୍ଥିତିରେ ପରିବେଶ ପ୍ରଦୂଷଣକୁ ରୋକିବା ସହିତ ମାତ୍ରାଧିକ ଚାରା ରୋପଣ ଜରୁରୀ ଅଟେ। ଏଭଳି ଏକ ଥିମ୍‌କୁ ନେଇ ଶିବା କ୍ଲବ୍ ତା'ର ସାଜସଜ୍ଜା କରୁଛି। ଅକ୍ସିଜେନ୍ ଥିମ୍ ନାମରେ ଏଥର ଗଣେଶ ପୂଜାକୁ କରାଯାଉଛି ବୋଲି କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି। ପୂଜା ନିମନ୍ତେ ଅକ୍ସିଜେନ୍ ଥିମ୍‌କୁ ଦୃଷ୍ଟିରେ ରଖି ସମଗ୍ର ସାହିକୁ 'ଜଙ୍ଗଲ' ସଦୃଶ ସଜାଯାଉଥିବା ବେଳେ ମଣ୍ଡପର ସାଜସଜ୍ଜା ଓ ରଙ୍ଗ କାରୁକାର୍ଯ୍ୟ ଜଗତସିଂହପୁର ଓ ସମ୍ବଲପୁରର ମିସ୍ତ୍ରି କରୁଛନ୍ତି। ଅନ୍ୟପଟେ ଏଥର କ୍ଲବ୍ ପକ୍ଷରୁ ପୂଜା ବଜେଟ ୭ଲକ୍ଷ ଟଙ୍କା ରଖାଯାଇଛି। ପୂଜା ପରଦିନ ୧ହଜାର ଲୋକଙ୍କୁ ପ୍ରସାଦ ବଣ୍ଟନ କରାଯିବ। ଗଣେଶ ମୂର୍ତ୍ତି କାଠଗଡ଼ା ସାହିର କାରିଗର ଗଢୁଥିବା ଜଣାପଡ଼ିଛି। ୭ତାରିଖରେ ଭସାଣି କାର୍ଯ୍ୟକ୍ରମ କରାଯିବ। ବ୍ରହ୍ମପୁରର କୁମ୍‌କୁମ୍ ମ୍ୟୁଜିକ୍ ବ୍ୟାଣ୍ଡ ପ୍ରମୁଖ ଆକର୍ଷଣ ପାଲଟିବ। ଏହି ଅବସରରେ ସାହିର ମୂରବୀଙ୍କୁ ସମ୍ବର୍ଦ୍ଧିତ କରାଯିବ। କ୍ଲବ୍‌ର ସଭାପତି ରାକେଶ ସାହୁ, ସମ୍ପାଦକ ଆଶିଷ ସାହୁ ଏବଂ କୋଷାଧକ୍ଷ ଦୀପକ ସାହୁ ପୂଜା ପରିଚାଳନା କରୁଛନ୍ତି। ପ୍ରକାଶ ଥାଉ କି, ୧୯୭୯ ମସିହାରୁ ଏଠାରେ ଗଣେଶ ପୂଜା ଆରମ୍ଭ କରାଯାଇଥିଲା। ୨୦୧୪ ମସିହାରେ ପୂର୍ବାଞ୍ଚଳ ଶାନ୍ତି କମିଟି ଏବଂ ଖାନନଗର ଗଣେଶଙ୍କ ପ୍ରଥମ ଚାନ୍ଦି ମୁକୁଟ ହୋଇଥିଲା। ପ୍ରଥମେ ଏହି କ୍ଲବ୍‌ର ନାମ ଚିନ୍ତାମଣିଶ୍ୱର କ୍ଲବ୍ ରହିଥିଲା। ୧୯୯୨ ମସିହାରେ କାର୍ଯ୍ୟରତ ସଦସ୍ୟମାନେ ମିଶି ସଭାପତି ଶିବପ୍ରସାଦ ସାହୁଙ୍କ ନାମରେ କ୍ଲବ ନାମକୁ ଶିବା କ୍ଲବ ରଖିଥିଲେ।



## ରୟାଲ୍ଟି ସୋସିଆଲ୍ ସର୍ଭିସର ବାର୍ଷିକ ଉତ୍ସବ



**କଟକ, ୨୪।୮ (ସମିସ):** ରୟାଲ୍ଟି ସୋସିଆଲ ସର୍ଭିସ୍ ସଂଗଠନ ପକ୍ଷରୁ ୫ମ ବାର୍ଷିକ ଉତ୍ସବ କଟକ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ୫ମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ରୂପେ ଚୌଦ୍ୱାର-କଟକ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ଉଦ୍‌ଘାଟକ ରୂପେ କଟକ ମେୟର ସୁବାସ ସିଂ, ସମ୍ମାନୀୟ ଅତିଥି ରୂପେ କର୍ପୋରେଟର ଦୀପକ ଦାସ, କର୍ପୋରେଟର ଗଗନ ଓଝା, ଆଇନଜୀବୀ ବିନୋଦ ପଣ୍ଡା, ଆଇନଜୀବୀ ପ୍ରମୋଦ ସାହୁ, ନୂଆପାଟଣା ପୂଜା କମିଟି ସମ୍ପାଦକ ମନୋରଞ୍ଜନ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଏକ ମୁଖପାତ୍ର 'ପାଦେ ଆକାଶ' ଉନ୍ମୋଚନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ରୟାଲ୍ଟି ସୋସିଆଲ୍ ସର୍ଭିସ ସଂଗଠନ ସଭାପତି ସୌମ୍ୟ ରଞ୍ଜନ ସାହୁ ପରିଚାଳନା କରିଥିବା ବେଳେ ଉପଦେଷ୍ଟା ଆଇନଜୀବୀ ପ୍ରଶାନ୍ତ ସାହୁ, ମାଛୁଆ ବଜାର କମିଟି ପୂଜା ସଭାପତି କ୍ଷୀରୋଦ ସାହୁ, ସମାଜସେବୀ ତପନ ସାହୁ, ପ୍ରଭଞ୍ଜନ ଜେନା, ପ୍ରଭାତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ରୟାଲ୍ଟି ସୋସିଆଲ୍ ସର୍ଭିସ ସଂଗଠନ ସମସ୍ତେ ସଦସ୍ୟ-ସଦସ୍ୟା ଯୋଗଦାନ କରିଥିବା ବେଳେ ସମ୍ପାଦକ ଅବଦୁଲ ସଦାଫ ଧନ୍ୟବାଦ୍ ଦେଇଥିଲେ।



ଶାନ୍ତି ଅନ୍ତରାତ୍ମାରୁ ହିଁ ଜନ୍ମନିଏ। ତେଣୁ ନିଜକୁ ବାଦ୍ ଦେଇ ଶାନ୍ତି ଖୋଜିବା ଅସମ୍ଭବ।
-ଗୌତମ ବୁଦ୍ଧ

ସକାଳ
THE SAKALA

# ଏସନ ସାର ସମସ୍ୟା

ଓଡ଼ିଶାର ଚାଷ ଓ ଚାଷୀଙ୍କ ପାଇଁ ତିନିଟି ସମସ୍ୟା ଭାଗ୍ୟଲିଖନ। ରୁଆ ବେଳେ ବିହନ ଓ ସାର ଅଭାବ, ଅଦିନିଆ ବର୍ଷା କିମ୍ବା ଗଜା ମରୁଡ଼ି ଏବଂ ଅମଳରେ ମଣ୍ଡି ଜଞ୍ଜାଳ। ଏ ତିନି ସମସ୍ୟା ମଧ୍ୟରୁ ଦ୍ୱିତୀୟଟି ଦଇବ ହାତରେ ଥିବା ବେଳେ ପ୍ରଥମ ଓ ତୃତୀୟଟି ସମ୍ପୂର୍ଣ୍ଣ ଭାବେ ମଣିଷକୃତ। ବିଡ଼ମ୍ବନା ହେଉଛି ଗତାନୁଗତିକ ଭାବରେ ଏହାକୁ ସତେଯେମିତି ବ୍ୟବସ୍ଥାର ଏକ ଅଙ୍ଗ ଭାବେ ସ୍ୱୀକୃତି ଦିଆଯାଇଛି। ତେଣୁ ଦୀର୍ଘସ୍ଥାୟୀ ସମାଧାନର ବାଟ ବାହାର କରିବାକୁ ଆନ୍ତରିକତା ପ୍ରକାଶ ପାଉନାହିଁ। ଏ ପର୍ଯ୍ୟନ୍ତ ମଣ୍ଡି ଜଞ୍ଜାଳରୁ ମୁକୁଳି ନଥିବା ଓଡ଼ିଶାର ଚାଷୀମାନେ ସାର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ରାଜ୍ୟର ଅନେକ ମଣ୍ଡିରେ ରବି ଧାନ ବିକ୍ରି ହୋଇ ନ ପାରି ପଡ଼ି ରହିଛି। 'ତଥାପି ସରକାର କିଣିବେ' ବୋଲି କେତେକ ଚାଷୀ ଆଶା ବାନ୍ଧି ବସିଥିବା ବେଳେ ଆଉ କେତେଜଣ ଭାଗ୍ୟକୁ ଆଦରି କମ୍‌ଦାମ୍‌ରେ ଦଲାଲ୍‌ଙ୍କୁ ବିକ୍ରି ପୁଣି ଖରିଫ୍ ଚାଷ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏ ସନ ଭଲ ବର୍ଷା ହୋଇଥିବାରୁ ଅମଳ ଭଲ ହେବ ବୋଲି ଚାଷୀ ଆଶା।। ବାନ୍ଧି ବସିଥିଲା। କିନ୍ତୁ ବର୍ତ୍ତମାନ ବେଉଷଣ ସରି ଧାନ କେଣ୍ଡା ବାହାରିବାକୁ ପ୍ରସ୍ତୁତ ହେଉଥିବା ବେଳେ ୟୁରିଆ ଅଭାବ ଦାଉ ସାଧୁଛି। ପ୍ୟାକ୍ସ ଓ ସମବାୟ କେନ୍ଦ୍ରଗୁଡ଼ିକରେ ଆଧାର କାର୍ଡ ପିଛା ମାତ୍ର ଗୋଟିଏ ବସ୍ତା ୟୁରିଆ ମିଳୁଥିବା ବେଳେ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ତା' ମଧ୍ୟ ଚାହିଦା ତୁଳନାରେ ଯୋଗାଣ ବହୁତ କମ୍ ଥିବାରୁ ସମସ୍ତଙ୍କୁ ମିଳୁନାହିଁ। ବର୍ଷାରେ ରାତି ଅଧରୁ ଧାଡ଼ିରେ ରହି ମଧ୍ୟ ନ ପାଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ଅପରପକ୍ଷରେ ଖୋଲା ବଜାରରେ ସରକାରୀ ମୂଲ୍ୟଠାରୁ ତିନି/ଚାରିଗୁଣା ଉଚ୍ଚ ଦରରେ ୟୁରିଆ ସାର ବିକ୍ରି ହେଉଛି, ଯାହା ଚାଷୀ ଅସନ୍ତୋଷକୁ ଆହୁରି ତୀବ୍ର କରିଛି। ଖୋଲା ବଜାରରେ ଯାହାକୁ ଯେତେ ସାର ବିକ୍ରି ହେବା ଅର୍ଥ ରାଜ୍ୟରେ ସାରର ଅଭାବ ନାହିଁ। କିନ୍ତୁ ସରକାରୀ ବ୍ୟବସ୍ଥା ଭିତରକୁ ତାହା ଆସିପାରୁନାହିଁ। ଏହା ସରକାରୀ ବାବୁ ଓ କଳାବଜାରୀର ମଧୁଚନ୍ଦ୍ରିକା ଦିଗକୁ ଇଙ୍ଗିତ କରୁଛି। କୃଷି ଓ ଯୋଗାଣ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଥିବା ମଧ୍ୟ ସ୍ପଷ୍ଟ ହେଉଛି।

ସବୁଜ ବିପ୍ଳବ ପ୍ରଭାବରେ ଆମ ଦେଶର ଚାଷୀ ଓ ଚାଷର ସଙ୍କରଜାତୀୟ ବିହନ ଓ ସାର ଉପରେ ନିର୍ଭରଶୀଳତା କ୍ରମଶଃ ବଢ଼ିବାରେ ଲାଗିଛି। ଭାରତ ଖାଦ୍ୟ ଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ଏବଂ କେତେକ ଶସ୍ୟରେ ବଳକା ଦେଶ ହେବାର ରେକର୍ଡ ସୃଷ୍ଟି କରିଥିଲେ ମଧ୍ୟ ସାର ପାଇଁ ଏ ପର୍ଯ୍ୟନ୍ତ ଆମଦାନୀ ଉପରେ ହିଁ ନିର୍ଭର କରିବାକୁ ପଡୁଛି। ଭାରତ ଏବେ ୟୁରିଆ ଚାହିଦାର ୨୦%, ଡିଏପିର ୬୦% ଓ ଏମ୍‌ଓପିର ୧୦୦% ଆମଦାନୀ କରୁଛି। ତେଣୁ ବିଶ୍ୱ ଭୂରାଜନୈତିକ ସ୍ତରରେ ଅସ୍ଥିରତା ସୃଷ୍ଟି ହେଲେ ତାହାର ସିଧାସଳଖ ପ୍ରଭାବ ଭାରତୀୟ କୃଷି ଉପରେ ପଡୁଛି। ଉଦାହରଣ ସ୍ୱରୂପ ଡିଏପି ପାଇଁ ଭାରତୀୟ କୃଷି ମୁଖ୍ୟତଃ ଚୀନ୍ ଉପରେ ନିର୍ଭରଶୀଳ। ଚୀନ୍‌ରୁ ଭାରତ ବାର୍ଷିକ ହାରାହାରି ୨୨ ଲକ୍ଷ ୯୦ ହଜାର ଟନ୍ ଡିଏପି ଆମଦାନୀ କରୁଛି। କିନ୍ତୁ ଇଲେକ୍ଟ୍ରୋନିକ୍ ଯାନରେ ବ୍ୟବହୃତ ବ୍ୟାଟେରି ଉତ୍ପାଦନ ପାଇଁ ଡିଏପିର ଘରୋଇ ଚାହିଦା ବୃଦ୍ଧି ପାଉଥିବାରୁ ଚୀନ୍ ଇତିମଧ୍ୟରେ ଡିଏପି ରପ୍ତାନୀ କାଣ୍ଟଛାଣ୍ଟ କରିଛି। ତେଣୁ ଭାରତ ବାଧ୍ୟ ହୋଇ ମଧ୍ୟପ୍ରାଚ୍ୟ ଆଡ଼କୁ ମୁହାଁଇଛି। ସେଠାରେ ମଧ୍ୟ ଅସ୍ଥିରତା ଯୋଗୁଁ ପଣ୍ୟବାହୀ ଜାହାଜମାନ ଲୋହିତ ସାଗର ପରିବର୍ତ୍ତେ 'କେପ୍ ଅଫ୍ ଗୁଡ୍ ହୋପ୍' ଦେଇ ଆସୁଥିବାରୁ ପରିବହନ ଖର୍ଚ୍ଚ ବୃଦ୍ଧି ପାଉଛି ଏବଂ ସାର ପହଞ୍ଚିବାରେ ବିଳମ୍ବ ହେଉଛି। ଏହିସବୁ କାରଣ ସହିତ କଳାବଜାରୀ ମିଶି ଯିବାରୁ ଦେଶରେ ସାର ସଙ୍କଟ ଉତ୍କଟ ହେବାରେ ଲାଗିଛି, ଯାହାର ପ୍ରଭାବ ଓଡ଼ିଶା ଉପରେ ଏବେ ଏବେ ଅନୁଭୂତ ହୋଇଛି। ଗତ ଜୁନ୍ ୧ ତାରିଖ ସୁଦ୍ଧା ଭାରତରେ ମୋଟ ଡିଏପି ମହଜୁଦ ପରିମାଣ ୯ ଲକ୍ଷ ଟନ୍ ଥିଲା, ଯାହା ପୂର୍ବବର୍ଷର ଏହି ସମୟ ତୁଳନାରେ ୪୨% କମ୍। ଭାରତୀୟ କୃଷି ପାଇଁ ଆଶ୍ୱସ୍ତିର କଥା ଯେ ଇସ୍ରାଏଲ୍-ଇରାନ୍ ଯୁଦ୍ଧରେ ମାତ୍ର ୧୨ ଦିନ ପରେ ବିରାମ ଲାଗିଲା। ଯୁଦ୍ଧ ଅଧିକ ଦିନ ଲାଗି ରହିଥିଲେ ଅଶୋଧିତ ତୈଳ ତୁଳନାରେ ଭାରତର ସାର ସଙ୍କଟ ଅଧିକ ଉତ୍କଟ ହୋଇଥା'ନ୍ତା ଏବଂ ଡିଏପି ଓ ୟୁରିଆ ଆମଦାନୀ ୨୫% ପର୍ଯ୍ୟନ୍ତ ହ୍ରାସ ପାଇଥା'ନ୍ତା।

ସାର ସଙ୍କଟ ସମାଧାନ ଦିଗରେ ସରକାର ମଧ୍ୟ ନିରୂପାୟ। ରାସାୟନିକ ସାର ଯୋଗାଣ ପାଇଁ ରାଜ୍ୟମାନେ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭରଶୀଳ। ଏଥିପାଇଁ ସାର ଓ ରସାୟନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟୱାରୀ ମାସିକ କୋଟାର ବ୍ୟବସ୍ଥା କରାଯାଇଛି। ଇଫ୍‌କୋ, ଆରସିଏଫ୍ ଓ ଏନ୍‌ଏଫ୍‌ଏଲ୍ ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନେ ଯେତିକି ସାର ମହଜୁଦ ରଖୁଛନ୍ତି ତାହା କେବଳ ୩୦ରୁ ୪୦ ଦିନର ଚାହିଦା ପୂରଣ କରିବାରେ ସକ୍ଷମ। ଯଦି ବିଶ୍ୱସ୍ତରରେ ଅଧିକ ଦିନ ଅସ୍ଥିରତା ଦେଖାଦିଏ ତେବେ ଭାରତର କୃଷି ଉତ୍ପାଦନ ଗୁରୁତର ବ୍ୟାହତ ହେବ, ଯାହା ଏବେ ପ୍ରାୟତଃ ଦେଖିବାକୁ ମିଳୁଛି।

ଏଭଳି ସମ୍ବେଦନଶୀଳ ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଯଥାଶୀଘ୍ର ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ଏ ଦିଗରେ ପ୍ରମୁଖ ପ୍ରତିବନ୍ଧକ ହେଉଛି କଞ୍ଚାମାଲ। କଞ୍ଚାମାଲ୍ ଆମଦାନୀ ସୁଗମ ଓ ସୁଲଭ କରିବା ପାଇଁ ଭାରତ କୂଟନୈତିକ-ବାଣିଜ୍ୟିକ-ରଣନୀତିରେ ଆବଶ୍ୟକ ପରିବର୍ତ୍ତନ କରିବାକୁ ହେବ। ଏହାଛଡ଼ା ଭାରତରେ ସାର ଉତ୍ପାଦନ ଶିଳ୍ପର ଯନ୍ତ୍ରାଂଶଗୁଡ଼ିକ ପୁରୁଣାକାଳିଆ ଏବଂ ଅଧିକ ଶକ୍ତି ଆହରଣକାରୀ। ଏହାକୁ ଆମୂଳଚୂଳ ପରିବର୍ତ୍ତନ ନ କରିବା ପର୍ଯ୍ୟନ୍ତ ଘରୋଇ ସାର ଉତ୍ପାଦନ ଆମଦାନୀ ତୁଳନାରେ ମହଙ୍ଗା ପଡ଼ିବ। ତେଣୁ ଏ ଦିଗରେ ଦୀର୍ଘମିଆଦୀ ପୁଞ୍ଜିନିବେଶ ପାଇଁ ସରକାର ଯୋଜନା କରିବାକୁ ହେବ। ଏହାଛଡ଼ା ବିତରଣ ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଆଣିବାକୁ ପଡ଼ିବ। ଏବେ ୟୁରିଆ ସାର ଉପରେ ସରକାର ସମ୍ପୂର୍ଣ୍ଣ ରିହାତି ଦେଉଥିବାରୁ ଏହାର କଳାବଜାରୀ ଅଧିକ ହେଉଥିବା ଅଭିଯୋଗ ଆସୁଛି। ଡିଏପି ଓ ଏମ୍‌ଓପିରେ ଚାଷୀ ପାଉଥିବା ଆଂଶିକ ରିହାତି ବଜାରଭିତ୍ତିକ। ଅର୍ଥାତ୍ ବିଶ୍ୱ ବଜାରରେ ମୂଲ୍ୟ ବୃଦ୍ଧି ପାଇଲେ ଚାଷୀ ମଧ୍ୟ ଅଧିକ ଦାମରେ କିଣିବାକୁ ବାଧ୍ୟ, ଠିକ୍ ରୋଷେଇ ଗ୍ୟାସ୍ କିଣିବା ପରି।

ବିଶେଷକରି ଭାରତ ଭଳି କୃଷିପ୍ରଧାନ ଦେଶରେ ସାର ଏଭଳି ଏକ ପ୍ରସଙ୍ଗ, ଯାହା କୋଟିକୋଟି ଲୋକଙ୍କ ଜୀବନ ଜୀବିକା ସହିତ ଜଡ଼ିତ। ତେଣୁ ସାର ରିହାତି ବାବଦ ବୋଝ ବୃଦ୍ଧି ପାଉଥିଲେ ମଧ୍ୟ ସରକାର ଏ ଦିଗରେ ବିଶେଷକିଛି କରିବା ଅବସ୍ଥାରେ ନାହାନ୍ତି; ଅଥଚ କୃଷି-ଶିଳ୍ପ ସଂସ୍ଥାମାନେ ଏଥିରୁ ଭରପୂର ଫାଇଦା ଉଠାଉଛନ୍ତି। ଏବେ ସମୟ ଆସିଛି କେନ୍ଦ୍ର ସରକାର ସାରକୁ ଜାତୀୟ ଅତ୍ୟାବଶ୍ୟକ ନୀତିରେ ସାମିଲ୍ କରିବା ଦିଗରେ ଅଧିକ ବିଚାରବିମର୍ଶ ଲାଗି ପଥ ଉନ୍ମୋଚନ କରିବା ଆବଶ୍ୟକ। ସେମିକଣ୍ଡକ୍ଟର ଭଳି ସାର ଶିଳ୍ପକୁ ମଧ୍ୟ ଆତ୍ମନିର୍ଭରଶୀଳ ଭାରତ ଅଧୀନ କରିବା ଆବଶ୍ୟକ।

# ପରିଚୟ ବନାମ ପୁରସ୍କାର

ଡ. ବିମଳ ଷଡ଼ଙ୍ଗୀ

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୨୫ମସିହା ଜୁଲାଇ ୭ତାରିଖ ଦିନ ହ୍ୱାଇଟ୍ ହାଉସରେ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଆତିଥ୍ୟ ଦେବା ସହିତ ଓଭାଲ୍ ଅଫିସରେ ଏକ ବ୍ୟକ୍ତିଗତ ରାତ୍ରିଭୋଜନର ଆୟୋଜନ କରିଥିଲେ। ବୈଠକ ପରେ ନେତାନ୍ୟାହୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ଟ୍ରମ୍ପଙ୍କ ନାମ ସୁପାରିସ କରି ପତ୍ର ଲେଖିଲେ। କିଛିଦିନ ପୂର୍ବରୁ ଜୁନ ୧୮ତାରିଖ ଦିନ ହ୍ୱାଇଟ୍ ହାଉସରେ ପାକିସ୍ତାନର ସେନାମୁଖ୍ୟ ଫିଲ୍ଡମାର୍ଶାଲ ସୟଦ ଅସିମ ମୁନିର ଆତିଥ୍ୟ ଲାଭ କରିଥିଲେ ଏବଂ ଓଭାଲ୍ ଅଫିସରେ ପ୍ରଥମ ଅଣରାଜନୈତିକ ପାକିସ୍ତାନୀ ଭାବରେ ଯୋଗ ଦେବାର ସୌଭାଗ୍ୟ ପାଇଥିଲେ। ଭାରତ-ପାକିସ୍ତାନ ମଧ୍ୟରେ ସାମରିକ ଓ ପରମାଣୁ ଯୁଦ୍ଧ ଉତ୍ତେଜନା ହ୍ରାସ କରିବାରେ ଟ୍ରମ୍ପଙ୍କ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ପାଇଁ ତାଙ୍କ ନାମକୁ ନୋବୋଲ୍ ଶାନ୍ତି ପୁରସ୍କାର ଲାଗି ମୁନିର ସୁପାରିସ କରିଥିଲେ।

ଅନେକ ସମୟରେ ଟ୍ରମ୍ପ ବିଭିନ୍ନ ଗଣମାଧ୍ୟମରେ ନୋବେଲ କମିଟି ବିରୁଦ୍ଧରେ କ୍ଷୋଭ ପ୍ରକାଶ କରିଛନ୍ତି। ନୋବେଲ୍ ପୁରସ୍କାର ପାଇବାକୁ ଯୋଗ୍ୟଥିଲେ ବି ତାଙ୍କୁ ତାହା ନ ମିଳିବାର କାରଣ ତାଙ୍କ ନାଁରେ ଓବାମା ସଂଜ୍ଞା ନାହିଁ ବୋଲି ପ୍ରକାଶ କରିଛନ୍ତି, ଯାହା ଆମେରିକା ଭଳି ରାଷ୍ଟ୍ରମୁଖ୍ୟଙ୍କ ମୁଖରେ ଶୋଭାପାଇବା ନିନ୍ଦନୀୟ। ଏହାସହିତ ତାଙ୍କ ପ୍ରଶାସନିକ ଅଧିକାରୀ, ଟ୍ରେଜେରୀ ସଚିବ ସ୍କଟ୍ ବେସେଣ୍ଟ ଏବଂ ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ମାଇକ୍ ୱାଲ୍ଟଜ୍ ଡୋନାଲ୍ଡ ଟ୍ରମ୍ପ ନୋବେଲ୍ ପୁରସ୍କାର ପାଇବାକୁ ହକଦାର ବୋଲି ପ୍ରଚାର କରିଛନ୍ତି। ଉପର ବର୍ଣ୍ଣିତ ଉଦାହରଣକୁ ତର୍ଜମା କଲେ ସ୍ପଷ୍ଟ ହୁଏ ଯେ ଟ୍ରମ୍ପଙ୍କ ପାଇଁ ବିଶ୍ୱ ଶାନ୍ତି ଅପେକ୍ଷା ନୋବେଲ ପୁରସ୍କାର ଗୁରୁତ୍ୱପୂର୍ଣ୍ଣ, ଯାହା ପାଇଁ ସେ ତାଙ୍କର ଲବି କରିବାରେ ବ୍ୟସ୍ତ।

ସାରାବିଶ୍ୱରେ ଏପରି ଅନେକ ମୁଖାପିନ୍ଧା ବ୍ୟକ୍ତି ବିଭିନ୍ନ ପୁରସ୍କାର ପାଇବାକୁ ବ୍ୟାକୁଳ। ପୁରସ୍କାର ସେମାନଙ୍କ ମନ୍ଦ କାର୍ଯ୍ୟକୁ ଲୁଚାଇବା ପାଇଁ ଗୋଟିଏ କବଚ। ଆଜିକାଲି ପୁରସ୍କାର ପାଇବାର ବାର୍ତ୍ତାଗୁଡ଼ିକ ଅତିଶୀଘ୍ର ସାରା ବିଶ୍ୱରେ ବିଭିନ୍ନ ସାମାଜିକ ଗଣମାଧ୍ୟମ ଦ୍ୱାରା ପ୍ରସାରିତ ଓ ପ୍ରଚାରିତ ହୋଇଥାଏ, ଯାହା ସାଧାରଣ ଲୋକମାନଙ୍କୁ ସହଜରେ ଓ ଅଳ୍ପ ସମୟରେ ପ୍ରଭାବିତ କରିଥାଏ। ଏହାର ସୁଯୋଗରେ ଅନେକ ଅବାଞ୍ଛିତ ବ୍ୟକ୍ତି ଅର୍ଥବଳରେ ଗୁଡ଼ିଏ ଛଦ୍ମ ସଂସ୍ଥାଠାରୁ ତଞ୍ଚକତାପୂର୍ଣ୍ଣ ସମ୍ମାନ ଓ ପୁରସ୍କାର ଫୋଟୋ ସହିତ ଲେଖା ବା କେଉଁ ଅନୁଷ୍ଠାନ ପୁରସ୍କାର ଦେଲା ଏବଂ ବିନା ପାଠରେ କିଏ କେତେଟା ଅନୁଷ୍ଠାନରୁ ଡକ୍ଟରେଟ ବା ପିଏଚଡି ପାଇଲା, ତା'ର ଗଣନା କରି ବାରମ୍ବାର ସାମାଜିକ ଗଣମାଧ୍ୟମ ଦ୍ୱାରା ଲୋକମାନଙ୍କୁ ଭ୍ରମିତ କରନ୍ତି। ନିଜ ଅନୁଷ୍ଠାନ ବା ସଂଗଠନର କର୍ମଚାରୀଙ୍କୁ ଭୟ ଦେଖାଇ ସେଗୁଡ଼ିକୁ ସେମାନଙ୍କ ଦ୍ୱାରା ସାଧାରଣ ଲୋକଙ୍କ ଦୃଷ୍ଟିଗୋଚର ପାଇଁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଯଥା ହ୍ୱାଟ୍ସଆପ ଓ ଫେସବୁକ ଇତ୍ୟାଦିରେ ସେୟାର କରାନ୍ତି। ଲୋକଙ୍କ ସମ୍ମୁଖରେ ସେମାନଙ୍କୁ ମହାନ ବୋଲି ଦର୍ଶାଇ ଥା'ନ୍ତି। ସାଧାରଣ ଅପାଠୁଆ ଓ ଅର୍ଦ୍ଧପାଠୁଆ ଓ କିଛି ପାଠୁଆମୂର୍ଖ ଭାବନ୍ତି ଲୋକଟା କରିତକର୍ମା ନ ହେଲେ କ'ଣ ମାଗଣାରେ ତାକୁ ଏତେ ପୁରସ୍କାର କିମ୍ବା ଉପାଧି ମିଳନ୍ତା?

ସମୟ ସମୟରେ କିଛି ଦେଶ, ଅନୁଷ୍ଠାନ, ବ୍ୟକ୍ତିବିଶେଷ ପ୍ରମୁଖ ବ୍ୟକ୍ତିର ଛଦ୍ମବେଶୀ କାମକୁ ସହଜରେ ନ ଜାଣିପାରି ତା'କୁ ପୁରସ୍କାର ଦେବାକୁ ସ୍ଥିର କରନ୍ତି। ଯାହା ସାହାଯ୍ୟରେ ଅନୁଷ୍ଠାନ ବା ବ୍ୟକ୍ତିଟି ସମସ୍ତ ପୁରସ୍କାର ନଥିକୁ ଏକାଠି କରି ବିଭିନ୍ନ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତିକସ୍ତରୀୟ ପୁରସ୍କାର ହାତେଇବା ପାଇଁ ପ୍ରୟାସ କରେ। ଦରକାର ପଡ଼ିଲେ ପୁରସ୍କାର ଦେଉଥିବା ଅନୁଷ୍ଠାନ ମୁଖ୍ୟଙ୍କୁ ପ୍ରଭାବିତ କରିବାର ସମସ୍ତ ପ୍ରୟାସ ମଧ୍ୟ ହାତଛଡ଼ା କରିନଥାଏ। ସେଥିରେ ସାଧାରଣ ଲୋକଙ୍କ କ୍ଷତିକୁ ଅଣଦେଖା କରିଥାଏ। ଠିକ ଯେପରି ଟ୍ରମ୍ପଙ୍କ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଏତେ ବ୍ୟାକୁଳ ଯେ ସେ ରାସ୍ତାରେ ଯେତେ ଲୋକଙ୍କ ମୃତ୍ୟୁ ଘଟିଲେ ବି ତାଙ୍କର ଯାଏ ଆସେ ନାହିଁ। ପ୍ରଥମେ ଦେଶ-ଦେଶ ମଧ୍ୟରେ ଯୁଦ୍ଧ କରାଇ ତା'ପରେ ମଧ୍ୟସ୍ଥି ହୋଇ ଯୁଦ୍ଧ ବନ୍ଦ କରାଇବା ପରେ ନୋବେଲ ପୁରସ୍କାର ପାଇବା ତାଙ୍କର ଲକ୍ଷ୍ୟ।

ବିଖ୍ୟାତ ବୈଜ୍ଞାନିକ ଆଲଫ୍ରେଡ ନୋବେଲ ବିଶ୍ୱ ଶାନ୍ତି ଓ ପ୍ରଗତିର ପ୍ରଚାର ଓ ପ୍ରସାର ପାଇଁ ନୋବେଲ ପୁରସ୍କାରର ସ୍ଥାପନ କରିଥିଲେ। ପ୍ରତିଷ୍ଠିତ ବୈଜ୍ଞାନିକ, ସମାଜ ସେବକ, ସାହିତିକ, ଐତିହାସିକ ଇତ୍ୟାଦି, ଯେଉଁମାନଙ୍କର ସମାଜପ୍ରତି ନିଃସ୍ୱାର୍ଥପର ଦାନ ଥାଏ, ସେମାନଙ୍କୁ ବିଭିନ୍ନ କଠିନ ଚୟନ ପଦ୍ଧତି ମାଧ୍ୟମରେ ସ୍ଥିର କରାଯାଏ।

ଭାରତରେ ମଧ୍ୟ ପୁରସ୍କାର ପାଇଁ ଅନେକ ବ୍ୟକ୍ତି ବ୍ୟାକୁଳ ଏବଂ ଏହାର ସୁଯୋଗରେ ଅନେକ ଠକ ଅନାମାଧେୟ ପୁରସ୍କାର ଏବଂ ପିଏଚଡି ପ୍ରଦାନକାରୀ ସଂସ୍ଥା ସେପରି ବ୍ୟକ୍ତିମାନଙ୍କୁ ସହାୟତା ଯୋଗାନ୍ତି। ବିଳାସପୂର୍ଣ୍ଣ ସ୍ଥାନରେ ଆତିଥ୍ୟ ପ୍ରଦାନ ସହିତ ଜାତୀୟ, ବିଶ୍ୱବ୍ୟାପୀ, ଉତ୍କର୍ଷତା ପରି ଶବ୍ଦ ବ୍ୟବହାର କରି ଅଜ୍ଞାତ ଆୟୋଜକ କିମ୍ବା ଯାଞ୍ଚ ନ କରିଥିବା ଜୁରୀଙ୍କ ମାଧ୍ୟମରେ ସେଗୁଡ଼ିକୁ ପ୍ରଦାନ କରନ୍ତି। ପରବର୍ତ୍ତୀ ସମୟରେ ସେପରି ପୁରସ୍କାର ସହାୟତାରେ ଲୋକଙ୍କ ସମ୍ମୁଖରେ ମହାନ ହୋଇ ସହଜରେ ଠକିବାର ସୁଯୋଗ ପାଆନ୍ତି। ଏହା ଏକ ବିଶ୍ୱସ୍ତରୀୟ ସମସ୍ୟା, ଯାହା ଅନେକ ଦେଶକୁ ପ୍ରଭାବିତ କରେ। ଆମେରିକା ଓ ୟୁରୋପ ଆଦି ଦେଶର ଅଣସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟର ନକଲି ସମ୍ମାନଜନକ ଡକ୍ଟରେଟ୍ କିମ୍ବା ପିଏଚଡି ପ୍ରାପ୍ତ ବ୍ୟକ୍ତି ଭାରତର ବହୁ ଅନୁଷ୍ଠାନରେ ଶିକ୍ଷାଦାନରେ ଲିପ୍ତ। ଭାରତର ପ୍ରସିଦ୍ଧ ବୃତ୍ତିଗତ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ କେତେକ ସମୟରେ ଯାଞ୍ଚ ନକରି କିମ୍ବା ଅର୍ଥ ବିନିମୟରେ କିଛି ଅର୍ବାଚୀନ ବ୍ୟକ୍ତିଙ୍କୁ ପୁରସ୍କାର କିମ୍ବା ଉପାଧି ପ୍ରଦାନ କରନ୍ତି, ଯାହା ପ୍ରକୃତ ସଫଳତାର ବିଶ୍ୱସନୀୟତାକୁ କ୍ଷୁର୍ଣ୍ଣ କରେ ଏବଂ ଶିକ୍ଷାଗତ ଓ ବୃତ୍ତିଗତ ପରିବେଶକୁ ପ୍ରଦୂଷିତ କରେ। ଅନେକ ସମୟରେ ଦେଖାଯାଏ କେତେକ ବୃତ୍ତିଗତ ଅନୁଷ୍ଠାନର କର୍ମକର୍ତ୍ତା କୌଣସି କାର୍ମଶାଳାରେ ସନ୍ଦର୍ଭ ପ୍ରକାଶନ ଓ ପୁରସ୍କାର ପାଇଁ ପଞ୍ଜିକରଣ ଖର୍ଚ୍ଚ ନାମରେ ଟଙ୍କା ଆଦାୟ କରନ୍ତି। ଗବେଷଣା କରୁଥିବା ପ୍ରଫେସର, ଛାତ୍ରଛାତ୍ରୀ ନିଜ ନାମରେ ପୁରସ୍କାର ପାଇଁ ବାଧ୍ୟ ହୋଇ ପଞ୍ଜୀକରଣ ଖର୍ଚ୍ଚ ଦେଇଥା'ନ୍ତି, ଯାହା ଏକ ବ୍ୟବସ୍ଥାରେ ପରିଣତ ହୋଇଯାଇଛି। ଅନେକ ଉଚ୍ଚ ଅନୁଷ୍ଠାନ ମଧ୍ୟ ପ୍ରିୟାପ୍ରୀତି ତୋଷଣ ନୀତିରେ ସେମାନଙ୍କ ପସନ୍ଦର ଅଯୋଗ୍ୟ ବ୍ୟକ୍ତିଙ୍କୁ ପୁରସ୍କାର ଦେଇଥାଆନ୍ତି, ଯାହା ଫଳରେ ବଣର ସୁବାସିତ ଫୁଲଟି ଶୁଖି ଝଡ଼ିଗଲେ ବି ଲୋକଲୋଚଙ୍କୁ ଆସି ନ ଥାଏ।

ସାଧାରଣତଃ ବୈଷୟିକ ଶିକ୍ଷା ଏବଂ ସାଧାରଣ ଶିକ୍ଷା ବ୍ୟବସାୟୀ, ରାଜନେତା, ଡାକ୍ତର କିମ୍ବା କ୍ଷୁଦ୍ର ବା ମଧ୍ୟମ ବା ବୃହତ ବ୍ୟବସାୟୀ, କିଛି ସେଲିବ୍ରିଟି, ଆଧ୍ୟାତ୍ମିକ ନେତା ଏବଂ ଲେଖକମାନେ ନିଜକୁ ସାଧାରଣଲୋକଙ୍କ ପାଖରେ ମହାନ ହେବା ପାଇଁ ଏହି ଉପାଧିଗୁଡ଼ିକୁ ଅର୍ଥ ବଦଳରେ ହାସଲ୍ କରି ସେମାନଙ୍କୁ ଶୋଷଣ କରିବା ଆରମ୍ଭ କରନ୍ତି। ଭାରତର ସର୍ବୋଚ୍ଚ ନାଗରିକ ପୁରସ୍କାର ପଦ୍ମ ପୁରସ୍କାର ପାଇଁ ଟଙ୍କା କିମ୍ବା ରାଜନୈତିକ ପ୍ରଭାବର ବ୍ୟବହାର କରାଯାଏ ବୋଲି ଅଭିଯୋଗ ରହିଛି, ଯଦିଓ ତାହା ପ୍ରମାଣ କରିବା କଷ୍ଟକର। ୨୦୧୯ରେ ଏକ ସାଧାରଣ ସଭାରେ ବାବା ରାମଦେବ କହିଥିଲେ ଯେ 'ଯଦି ମୁଁ ଅନ୍ୟମାନଙ୍କ ପରି ପଦ୍ମ ପୁରସ୍କାର ଲବି କରିଥା'ନ୍ତି, ତେବେ ମୁଁ ନିଜ ପାଇଁ ମଧ୍ୟ ଗୋଟିଏ ପୁରସ୍କାର ପାଇପାରିଥା'ନ୍ତି।' ପଦ୍ମ ପୁରସ୍କାର ପରି ଜାତୀୟ ପୁରସ୍କାର ପ୍ରତି ଏହା ସେତେବେଳେ ଏକ ପ୍ରଶ୍ନ ସୃଷ୍ଟି କରିଥିଲା।

ଯୋଗ୍ୟବ୍ୟକ୍ତି ବିନାକୌଣସି ପ୍ରତିଦାନରେ ଆନୁଷ୍ଠାନିକ ପୁରସ୍କାର ବା ବାହାବା ନେବାକୁ ଇଚ୍ଛା କରନ୍ତି ନାହିଁ। ବିନା ପୁରସ୍କାରରେ ସେମାନଙ୍କର କାମ୍ୟ ଜଗତର ସୁଖ ଓ ଶାନ୍ତି। ବିବେକାନନ୍ଦ, ମହାତ୍ମା ଗାନ୍ଧୀ, ମାର୍କ୍ସ, ଗୋପବନ୍ଧୁ, ଅବଦୁଲ କାଲାମ, ଗାଲିଲିଓ, ନିଉଟନ, ମାଡମ କ୍ୟୁରୀ ବା ଅନ୍ୟ କେହି ମନୀଷୀଙ୍କ ପରି ବ୍ୟକ୍ତିତ୍ୱଙ୍କର ନଥାଏ କୋଣସି ସମ୍ମାନ ପାଇବାର ପ୍ରଚେଷ୍ଟା ନା ଲୋଭ ନା ଅର୍ଥ ରୋଜଗାର ମୋହ। ସେମାନଙ୍କର ଥାଏ ଗୋଟିଏ ଲକ୍ଷ୍ୟ - ସେଥିପାଇଁ ତ ସେମାନେ ଅମର। ଯେଉଁମାନେ ଅର୍ଥ ବଦଳରେ ମିଛ ପୁରସ୍କାର ବା ଡିଗ୍ରୀ ବା ଉପାଧି ଧାରଣ କରନ୍ତି ସେମାନେ ସମାଜର କଳଙ୍କ; କୌଣସି ଅପରାଧୀଙ୍କ ଠାରୁ କମ ନୁହନ୍ତି। ଜନସାଧାରଣ ସେପରି ବ୍ୟକ୍ତିଙ୍କୁ ଚିହ୍ନି ସେମାନଙ୍କଠାରୁ ଦୂରରେ ରହି ନିଜକୁ ଏବଂ ନିଜ ପରିବାରକୁ ସୁରକ୍ଷିତ ରଖିବାକୁ ପଡ଼ିବ। କାରଣ ବ୍ୟକ୍ତିତ୍ୱର ପରିଚୟ ଥାଏ ନିଷ୍କାମ କର୍ମରେ, ଛଦ୍ମ ପୁରସ୍କାରରେ ନୁହେଁ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

# ପଶୁ ଚିକିତ୍ସା ବିଜ୍ଞାନରେ କୃତ୍ରିମ ବୁଦ୍ଧିମତ୍ତା

ପ୍ର. ସୁଶେନ କୁମାର ପଣ୍ଡା

କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ବର୍ତ୍ତମାନ ଯୁଗର ଏକଦିଗନ୍ତ ବିସ୍ତାରି ସମ୍ଭାବନାର ଅସୁମାରି ଆଶା, ଯାହା ଆଧୁନିକ ମାନବ ସମାଜର ବିଭିନ୍ନ କାର୍ଯ୍ୟଗୁଡ଼ିକୁ ଅଚିରେ ନିର୍ଭୁଲ ଭାବେ ସମ୍ପାଦନ କରିପାରୁଛି। ଉନ୍ନତ ଆଲଗୋରିଦମ୍‌ର ବ୍ୟବହାର ସହ ସବିଶେଷ ବିଶ୍ଳେଷଣ କ୍ଷମତା ଏବଂ ମେସିନ୍ ଲର୍ଣ୍ଣିଂକୁ ସମନ୍ୱିତ କରି ସ୍ୱୟଂକ୍ରିୟ ନିର୍ଭୁଲତା ଏବଂ ପୂର୍ବାନୁମାନ କ୍ଷମତାକୁ ସକ୍ଷମ କରି ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି ଓ ପଶୁ ଚିକିତ୍ସା ବିଜ୍ଞାନ ସମେତ ଏକାଧିକ କ୍ଷେତ୍ରରେ ଏହା ବ୍ୟାପକ ବୈପ୍ଳବିକ ପରିବର୍ତ୍ତନ ଆଣିପାରୁଛି। ବର୍ତ୍ତମାନ ଏଆଇର ଅପାର ସମ୍ଭାବନାକୁ ଆଖି ଆଗରେ ରଖି ଦେଶ-ବିଦେଶର ବୈଜ୍ଞାନିକ ଓ ସରକାରୀ କଳ ଏହାର ପୂର୍ଣ୍ଣଅବୟବ ବିକାଶ କରିବାରେ ଅପ୍ରାଣ ଉଦ୍ୟମ ଅବ୍ୟାହତ ରଖିଛନ୍ତି।

ପ୍ରାଣୀ ଚିକିତ୍ସା ଏବଂ ପ୍ରାଣୀ ପାଳନ କ୍ଷେତ୍ରରେ ଏଆଇର ପ୍ରୟୋଗ ବ୍ୟାପକ। ପ୍ରାଣୀ ରୋଗ ନିର୍ଣ୍ଣୟ ସହିତ ରୋଗ ପରିଚଳନା, ନୂତନ ଔଷଧର ଆବିଷ୍କାର ଇତ୍ୟାଦିରେ ଏଆଇ ବେଶ ସହାୟକ ହୋଇପାରିବ ବୋଲି ବିଶ୍ୱାସ। ଏହା ପଶୁପକ୍ଷୀମାନଙ୍କ ଖାଦ୍ୟ ଗ୍ରହଣ, ଶରୀରର ଓଜନ ଏବଂ ଦୁଗ୍ଧ ଉତ୍ପାଦନର ଭିନ୍ନତା ଉପରେ ଆଧାରିତ ବିଭିନ୍ନ ପୂର୍ବାନୁମାନ ମଡେଲ ଜରିଆରେ ଥନହରା, ପରଜୀବୀ ସଂକ୍ରମଣ, ହରମୋନ୍ ଗତ ସମୟ ସାରଣୀ, ଅଂଶୁଘାତର ପୂର୍ବାନୁମାନ କିମ୍ବା ଅନ୍ୟାନ୍ୟ ରୋଗ ବ୍ୟାଧି ବିଷୟରେ ସଠିକ୍ ସଙ୍କେତ ଦେଇପାରେ। ପ୍ରାଣୀମାନଙ୍କ ଦେହରେ ଲଗାଯାଇଥିବା ବିଭିନ୍ନ ପରିଧାନଯୁକ୍ତ ଯନ୍ତ୍ର ଯଥା ସ୍ମାର୍ଟ ସେନ୍ସର ଏବଂ ଅନ୍ୟାନ୍ୟ ସ୍ୱୟଂଚାଳିତ ଯନ୍ତ୍ରର ବ୍ୟବହାରରେ ବ୍ୟାପକ ଡାଟାସେଟ୍‌ର ବିଶ୍ଳେଷଣ ସହ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଦ୍ୱାରା ପ୍ରାଣୀ ପାଳକମାନେ ଖାଦ୍ୟ ରୂପାନ୍ତରଣ ଦକ୍ଷତା, ସନ୍ତୁଳିତ ପୁଷ୍ଟିକର ଯୋଜନା ଇତ୍ୟାଦି ବିଷୟରେ ସଠିକ୍ ପୂର୍ବାନୁମାନ କରି ବେଶ ଲାଭବାନ ହୋଇପାରିବେ।

ଏକ୍ସରେ, ଅଲଟ୍ରାସାଉଣ୍ଡ, ସି.ଟି. ସ୍କାନିଂ ଆଦି ପଶୁମାନଙ୍କର ହାଡ଼ଭାଙ୍ଗିବା, କର୍କଟ ରୋଗ କିମ୍ବା ଅଙ୍ଗ ଅସ୍ୱାଭାବିକତା ଆଦି ଚିହ୍ନଟ କରିବାରେ ସହାୟକ ହୋଇଥାଏ। ଏବେ ଏଆଇ ଆଧାରିତ ମଡେଲ କେବଳ ପ୍ରତିଛବି ବିଶ୍ଳେଷଣ କରି ଏହାର ସଠିକ୍ ବ୍ୟାଖ୍ୟା କରିପାରୁଛି। ବିଭିନ୍ନ ସମୟରେ ପ୍ରାଣୀମାନଙ୍କଠାରୁ ମନୁଷ୍ୟମାନଙ୍କୁ ବ୍ୟାପୁଥିବା ସଂକ୍ରମଣ ରୋଗର ପ୍ରାରମ୍ଭିକ ଚିହ୍ନଟ ଏବଂ ମହାମାରୀ ନିୟନ୍ତ୍ରଣ କରିବାରେ ଏଆଇର ପ୍ରୟୋଗ ଅତୁଳନୀୟ। ମେସିନ୍ ଲର୍ଣ୍ଣିଂ ମଡେଲ ଜଳବାୟୁ ତଥ୍ୟ ପଶୁମାନଙ୍କର ଗତିବିଧି ଏବଂ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଭିତ୍ତିଭୂମିର ସୂକ୍ଷ୍ମାତିସୂକ୍ଷ୍ମ ପରିବର୍ତ୍ତନକୁ ସବିଶେଷ ବିଶ୍ଳେଷଣ କରି ବାର୍ଡ ଫ୍ଲୁ, ବ୍ଲୁ ଟଙ୍ଗ, ରିଫ୍ଟଭ୍ୟାଲିଜର ଇତ୍ୟାଦି ରୋଗ ପ୍ରାଦୁର୍ଭାବ ବିଷୟରେ ସଠିକ୍ ପୂର୍ବାନୁମାନ କରିପାରେ।

ପ୍ରାଣୀସ୍ୱାସ୍ଥ୍ୟ ମାନବ ସମାଜର ସୁସ୍ଥତା ଏବଂ ପରିବେଶ ସମ୍ବନ୍ଧୀୟ ତଥ୍ୟକୁ ଏକାଠି ଯୋଡ଼ି ଏଆଇ ଏକକ ସ୍ୱାସ୍ଥ୍ୟ ଆଭିମୁଖ୍ୟକୁ କେବଳ ସୁଦୃଢ଼ କରିନଥାଏ ବରଂ ଏହା ସାମଗ୍ରିକ ରୋଗ ନିବାରଣ ରଣକୌଶଳକୁ ସକ୍ଷମ କରିଥାଏ। ଗୃହପାଳିତ ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ଉପରେ ତୀକ୍ଷଣ ନଜର ରଖିବା ପାଇଁ ଏଆଇ ଆଧାରିତ ଆପ୍ ଏବଂ ପରିଧାନଯୋଗ୍ୟ ଯନ୍ତ୍ର ପ୍ରାଣୀମାନଙ୍କର ଦ୍ରୁତ ସ୍ପନ୍ଦନ ହାର, ନିଦ୍ରାଚକ୍ର, ଖାଦ୍ୟ ଗ୍ରହଣ ଇତ୍ୟାଦି ଉପରେ ନଜର ରଖିଥାଏ, ଯାହାକି ପଶୁଚିକିତ୍ସକମାନଙ୍କୁ ବିଭିନ୍ନ ରିଅଲ୍ ଟାଇମ୍ ସ୍ୱାସ୍ଥ୍ୟ ଯଥା ହୃଦ୍‌ରୋଗ, ବାତ ଓ ମେଦବହୁଳତା ଇତ୍ୟାଦି ରୋଗଗୁଡ଼ିକର ଶୀଘ୍ର ଚିହ୍ନଟକୁ ସକ୍ଷମ କରିବାରେ ସହାୟକ ହୋଇଥାଏ। ଏଆଇ ପରିଚାଳିତ ଆଚରଣ ବିଶ୍ଳେଷଣ ଉପକରଣ କୁକୁର ଓ ବିଲେଇମାନଙ୍କ ମଧ୍ୟରେ ଚାପ, ଉଦ୍‌ବେଗ କିମ୍ବା ଆକ୍ରମଣକୁ ଚିହ୍ନଟ କରିବାରେ ମଧ୍ୟ ସାହାଯ୍ୟ କରେ। ଅଧୁନା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ ଅନ୍ତର୍ଗତ ଗୋମହିଷାଦିମାନଙ୍କଠାରେ ପରୀକ୍ଷାମୂଳକ ଭାବେ ଓୟୁଏଟି ଷ୍ଟାର୍ଟ ଅପ୍ ଅନ୍ତର୍ଭୁକ୍ତ କାଓବିଟ୍ ଟେକ୍ନୋଲଜିସ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ସହଜ ପରିଧାନଯୁକ୍ତ କିଛି ବାୟୋସେନ୍ସର ପରୀକ୍ଷା ଅବ୍ୟାହତି ଚାଲୁଛି।

ଏଆଇ ଓ ମେସିନ୍ ଲର୍ଣ୍ଣିଂର ବିଭିନ୍ନ ମଡେଲ ପଶୁ ଖାଦ୍ୟରେ ଜୀବାଣୁର ଉପସ୍ଥିତି, ରାସାୟନିକ ଅବଶିଷ୍ଟାଂଶ ଏବଂ ଅପମିଶ୍ରଣକୁ ଚିହ୍ନଟ କରିବାରେ ସହାୟକ ହୋଇଥାଏ। ଖାଦ୍ୟ ପ୍ରକ୍ରିୟାକରଣ କାରଖାନାଗୁଡ଼ିକରେ ଏଆଇ ପରିଚାଳିତ ରୋବୋଟିକ୍‌ସ ବର୍ଜ୍ୟବସ୍ତୁ ହ୍ରାସ କରିବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟକର ଏବଂ ସ୍ୱଚ୍ଛ ପଶୁ ଉତ୍ପାଦ ବ୍ୟବସ୍ଥା ସୁନିଶ୍ଚିତ କରିଥାଏ। ଏଆଇ ଦ୍ୱାରା ବିଶ୍ଳେଷଣ କରାଯାଇଥିବା କ୍ୟାମେରା ଟ୍ରାପ, ଡ୍ରୋନ୍ ଓ ଉପଗ୍ରହ ଚିତ୍ରରୁ ଶିକାର କାର୍ଯ୍ୟକଳାପକୁ ଅତିଶୀଘ୍ର ଚିହ୍ନଟ କରିହୁଏ। ପ୍ରାଣୀ ଚିକିତ୍ସକମାନେ ଏଆଇ ମଡେଲ୍‌ରୁ ବିଭିନ୍ନ ବନ୍ୟଜନ୍ତୁଙ୍କଠାରେ ବିଭିନ୍ନ ରୋଗର ପ୍ରାଦୁର୍ଭାବ ବିଷୟରେ ପୂର୍ବାନୁମାନ କରିଥା'ନ୍ତି। ଯଥା, ବାଦୁଡିରେ ଧଳା ନାକ ରୋଗ କିମ୍ବା ବନ୍ୟ ପ୍ରାଣୀରେ ଡିସ୍ଟେମ୍ପର ଇତ୍ୟାଦି।

ପଶୁମାନଙ୍କ କ୍ଷେତ୍ରରେ ନୂତନ ଔଷଧ ଆବିଷ୍କାରରେ ଅର୍ଥ ବାଧକ ହୋଇଥାଏ। ଏବେ ଏଆଇ ମଡେଲ ମାଧ୍ୟମରେ ଏ ଦିଗରେ କାର୍ଯ୍ୟ ଆରମ୍ଭ ହୋଇଛି। ଭର୍ଚୁଆଲ ବିଚ୍ଛୁରଣ ଏବଂ ବିଭିନ୍ନ ପ୍ରାଣୀଶରୀର ସଂରଚନା ମଡେଲ ଶିକ୍ଷାର୍ଥୀମାନଙ୍କ ପଶୁ ବ୍ୟବହାର ସମ୍ବନ୍ଧୀୟ କାର୍ଯ୍ୟକଳାପକୁ ଦକ୍ଷ କରେ। ଚାଟ୍ ବଟ୍ ଓ ଭର୍ଚୁଆଲ ସହାୟକମାନେ କ୍ଷେତ୍ରସ୍ତରୀୟ ପ୍ରାଣୀଚିକିତ୍ସକମାନଙ୍କ ପାଇଁ ନିରନ୍ତର ଶିକ୍ଷଣ ଓ ଅନୁସନ୍ଧାନ କାର୍ଯ୍ୟ ଜାରି ରଖିଥା'ନ୍ତି। ଏଆଇ ମଡେଲ ମାଧ୍ୟମରେ ବିଭିନ୍ନ ରୋଗନିଦାନ ଉପକରଣ ଯଥା ବାୟୋ ସେନ୍ସର ଏବେ ବାସ୍ତବ ସମୟରେ ଜଟିଳ ଡାଟା ପ୍ରକ୍ରିୟାକରଣ କରିପାରୁଛି, ଯାହା ତୁରନ୍ତ ରୋଗ ଜୀବାଣୁ ଚିହ୍ନଟ କରିବା ସହିତ ଉପଶମ ଆବଶ୍ୟକ ପରାମର୍ଶ ଦେଇପାରୁଛି।

ଏକବିଂଶ ଶତାବ୍ଦୀର ପ୍ରାଣୀଚିକିତ୍ସା କ୍ଷେତ୍ରରେ ଆଧାରଶୀଳା ଭାବେ ଏଆଇକୁ ସ୍ଥାନିତ କରି, ପାରମ୍ପରିକ ବିଶେଷଜ୍ଞତା ସହ ସୁସମନ୍ୱୟ ରକ୍ଷା କରି ପ୍ରାଣୀ ଚିକିତ୍ସାର ସୁନେଲି ଭବିଷ୍ୟତକୁ କିପରି ପରିଭାଷିତ ଓ ପରିମାର୍ଜିତ କରାଯାଇପାରିବ, ସେଥିପାଇଁ ସମସ୍ତେ ସଦାଚେଷ୍ଟିତ ହେବା ବର୍ତ୍ତମାନ ସମୟରେ ଏକ ଆହ୍ୱାନ।

ଅଧ୍ୟକ୍ଷ, ଓୟୁଏଟି, ଭୁବନେଶ୍ୱର

# ଆମ ବୃକ୍ଷଲତା ଆମ ଜୀବନ

## ଇସବ୍‌ଗୁଲ

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଇସବଗୁଲ କେନ୍ଦ୍ରୀୟ ଏସିଆ, ବିଶେଷକରି ଭାରତ ଓ ଇରାନର ମୂଳ ଦେଶୀୟ ଉଦ୍ଭିଦ, ଯାହା ବର୍ତ୍ତମାନ ବିଶ୍ୱର ବିଭିନ୍ନ ସ୍ଥାନରେ ବିସ୍ତାରିତ। ଔଷଧୀୟ ଗୁରୁତ୍ୱ ହେତୁ ବିଶ୍ୱର ଅନେକ ଦେଶରେ ଇସବଗୁଲ୍ ଚାଷ କରାଯାଉଛି। ଏହା ଏକବାର୍ଷିକ କ୍ଷୁଦ୍ର ତୃଣଜାତୀୟ ଉଦ୍ଭିଦ, ଯାହା ସାଧାରଣତଃ ୨୦ ରୁ ୪୦ ସେମି ପର୍ଯ୍ୟନ୍ତ ସିଧା ବଢ଼ିଥାଏ। ଉଦ୍ଭିଦର ମୂଳରୁ ବାହାରୁଥିବା ପତ୍ରଗୁଡ଼ିକ ୭-୨୫ ସେମି ଲମ୍ବବିଶିଷ୍ଟ, ଗାଢ଼ ରଙ୍ଗର, ମୁଖ୍ୟ ଅକ୍ଷରେ ବଙ୍କା, ଧାର ଛୋଟ ଓ କଣ୍ଟା ଯୁକ୍ତ। ଫୁଲଗୁଡ଼ିକ ଉଭୟଲିଙ୍ଗି ଓ ଧଳା। ଫଳ ଗୁଡ଼ିକ ୭-୮ ମିମି ଲମ୍ବ ଓ ଅଣ୍ଡାକାର। ବିହନଗୁଡ଼ିକ ଡିମ୍ବାକାର ଡଙ୍ଗା କିମ୍ବା କାନ ଆକାରର, ୨ ମିମି ଲମ୍ବା, ଗୋଲାପୀ କିମ୍ବା ମାଟିଆ ରଙ୍ଗର।

ତୃଣଟି ଭାରତୀୟ ଆୟୁର୍ବେଦ ଜଗତରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ ଏବଂ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଡିମ୍ବାକାର ଭୁସି ଏକପ୍ରକାରର ଖାଦ୍ୟ ତନ୍ତୁ, ଯାହାକୁ ଜାତିଗତ ଔଷଧ ଭାବରେ ବିବେଚନା କରାଯାଏ। ପତ୍ର, ଭୁସି ଓ ବିହନର ଔଷଧୀୟ ଗୁଣ ଅଛି। ବିହନର ବାହ୍ୟ ସ୍ତର ଅର୍ଥାତ ଚୋପା ଭୁସି ଗଠନ କରେ, ଯାହା ଏକ ପ୍ରାକୃତିକ ପଲିମର। ଏହି ତୃଣଟି ଫାଇବର ବା ତନ୍ତୁ ଏବଂ ମ୍ୟୁସିଲେଜରେ ଭରପୂର। ମ୍ୟୁସିଲେଜ ଏକ ରଙ୍ଗହୀନ ତରଳ ଜେଲିଂ ଏଜେଣ୍ଟ, ଯାହା ଆୟତନରେ ବିସ୍ତାରିତ ହୋଇପାରେ। କାରଣ ଏହା ତା'ର ଓଜନ ଠାରୁ ୪୦ ଗୁଣ ଅଧିକ ପାଣି ଶୋଷଣ କରିଥାଏ। ଏହାର ପାଣି ଶୋଷଣ କରିବାର କ୍ଷମତା ଏହାକୁ ଏକ ପ୍ରଭାବଶାଳୀ ମଳ ସଫା ଏବଂ କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିବାରେ ସହଜ କରିଥାଏ। ଏହି ତୃଣ ରେଚକ୍ୟକାରୀ ଏଜେଣ୍ଟ ଭାବରେ ଏବଂ ଇରିଟେବ୍ଲ ବାୱେଲ ସିଣ୍ଡ୍ରୋମ, ଆଷ୍ଟ୍ରିଞ୍ଜେଣ୍ଟ, ଆଣ୍ଟି-ଇନ୍ଫ୍ଲେମାଟୋରୀ ଏଜେଣ୍ଟ ଇତ୍ୟାଦି ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଏହାବାଦ୍ ମୂତ୍ର ସଂକ୍ରମଣ, ଚର୍ମ ସଂକ୍ରମଣ, ପାଚନ ସମସ୍ୟା, ଜେନିଟୋୟୁରିନାରୀ ଟ୍ରାକ୍ଟ ବା ଜନେନ୍ଦ୍ରିୟ-ମୂତ୍ରମାର୍ଗ ସମ୍ବନ୍ଧିତ ସମସ୍ୟା, ଉଚ୍ଚ ରକ୍ତଚାପ, ରକ୍ତ ଶର୍କରା ଓ କୋଲେଷ୍ଟ୍ରଲ ନିୟନ୍ତ୍ରଣ, ଇଷ୍ଟ ସଂକ୍ରମଣ, ପତଳା ଝାଡ଼ା, ଶରୀର ସ୍ଥୂଳତା ଓ ଓଜନ ହ୍ରାସ, ହେମୋରୋଏଡ୍ସର ଜ୍ୱଳନ ହ୍ରାସ, ଫୁଲା, କୋଲନ୍ ବା ବୃହଦନ୍ତ୍ର କର୍କଟ, ହେମୋରୋଏଡ, ଇତ୍ୟାଦି ଚିକିତ୍ସା ପାଇଁ ମଧ୍ୟ ବ୍ୟବହୃତ ହୁଏ।

ବିହନ ଗୁଣ୍ଡ ଅପଚୟଶୀଳ ଏବଂ ଦ୍ରବଣୀୟ ଉତ୍ସ। ଭୁଷିକୁ ପାଣିରେ ବୁଡ଼ାଇ ଦେଲେ ଉତ୍ପାଦିତ ଜେଲାଟିନସ୍ ମ୍ୟୁସିଲେଜ୍ ବୃହଦନ୍ତ ଭିତରେ ବିଷାକ୍ତ ପଦାର୍ଥକୁ ଶୋଷଣ କରିବାର କ୍ଷମତା ରଖେ। ତେଣୁ ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ। ବୀଜ ଭ୍ରୁଣରେ ଥିବା ତେଲରେ ୫୦% ଲିନୋଲିକ୍ ଏସିଡ୍ ଥାଏ ଏବଂ ଏଥେରୋସ୍କେଲାରୋସିସ୍‌ର ପ୍ରତିରୋଧକ ଭାବରେ ବ୍ୟବହାର କରାଯାଏ। ଏହି ତୃଣ ଶିଶୁ, ଗର୍ଭବତୀ ଓ ପ୍ରସୂତି ସେବନ କରିବା ସୁରକ୍ଷିତ ଅଟେ। ତଥାପି ଚିକିତ୍ସକଙ୍କ ବିନା ପରାମର୍ଶରେ ଏହା ଖାଇବା ଉଚିତ ନୁହେଁ। ଏହି ତୃଣ କାଇରୋର ପାରମ୍ପରିକ ଔଷଧୀୟ ଦୋକାନଗୁଡ଼ିକରେ ଗର୍ଭନିରୋଧକ ଭାବରେ ଉପଲବ୍ଧ। ଆମ ଭାରତୀୟ ବଜାରରେ ଲାକ୍ସୋହର୍ବ ପାଉଡର, ଗୋଲ୍ୟାକ୍ସ ପାଉଡର, ଲାକ୍ସୋଗୋଲ୍ଡ କ୍ୟାପସୁଲ ଇତ୍ୟାଦି ଆକାରରେ ଉପଲବ୍ଧ।

ଏହି ତୃଣର କଅଁଳିଆ ପତ୍ରକୁ କଞ୍ଚା କିମ୍ବା ରାନ୍ଧି ଖିଆ ଯାଇପାରେ। ବିହନ ଆବରଣକୁ ଆଇସ୍କ୍ରିମ୍ ସ୍ଥିରକାରୀ ଭାବରେ ବ୍ୟବହାର କରାଯାଏ। ଅଙ୍କୁରିତ ବିହନ ଏବଂ ତରୁଣ ବା କଅଳିଆ ପତ୍ରକୁ ସାଲାଡ ତିଆରି କରିବା ପାଇଁ ବ୍ୟବହାର କରାଯାଏ। ବିହନଗୁଡ଼ିକୁ ଦହିରେ ଏବଂ ଫାଇବର ପରିମାଣ ବୃଦ୍ଧି କରିବା ପାଇଁ ଭୁସିକୁ ସୁପ୍ ଏବଂ ସ୍ମୁଦିରେ ମିଶାଯାଇପାରେ। ମ୍ୟୁସିଲେଜ୍ ଲୁଣକୁ କଠିନ କରିବା ପାଇଁ ଷ୍ଟର୍ଚ୍ଚ ଭାବରେ ବ୍ୟବହୃତ ହୁଏ। ଭୁସିରୁ ମିଳୁଥିବା ଖାଦ୍ୟ ତନ୍ତୁ ପ୍ରକ୍ରିୟାକୃତ ଖାଦ୍ୟରେ, ଖାଦ୍ୟର ଏକ ଉପାଦାନ ଭାବରେ ଏବଂ ସ୍ୱାସ୍ଥ୍ୟ ପରିପୂରକରେ ବ୍ୟବହାର କରାଯାଇପାରେ।

ଗ୍ରୀଷ୍ମ ଋତୁର ଆରମ୍ଭରେ ତୃଣଗୁଡ଼ିକ ରୁଆ ହୋଇଥାଏ। ରୋପଣର ୬୦ ଦିନ ପରେ ଫୁଲ ଫୁଟିଥାଏ। ଏହା ଏକ କ୍ଷଣସ୍ଥାୟୀ ଉଦ୍ଭିଦ, ୧୩୦ ଦିନ ପର୍ଯ୍ୟନ୍ତ ବଞ୍ଚି ରହିଥାଏ ଏବଂ ରକ୍ଷଣାବେକ୍ଷଣ କରିବା ସହଜ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୂର୍ଣ୍ଣ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## କ୍ରିପ୍ଟୋ ଆଳରେ ୬କୋଟି ଠକେଇ
# ପଞ୍ଜାବରୁ ଠକ ଗିରଫ


କଟକ,୨୪।୮(ସମିସ): କୁଖ୍ୟାତ ସାଇବର୍ ଠକ ଗୋଷ୍ଠୀ କ୍ରିପ୍ଟୋ ମୁଦ୍ରା ନାଁରେ ଜଣେ ବ୍ୟବସାୟୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୬ କୋଟି ଟଙ୍କା ଲୁଟି ନେଇଥିଲେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ପଞ୍ଜାବର ଲୁଧିଆନାରୁ ବିଟ୍ଟୁ କୁମାର(୪୧)କୁ ଗିରଫ କରାଯାଇଛି। ବିଟ୍ଟୁ ନିକଟରୁ ସାଇବର୍ ପୁଲିସ ମୋବାଇଲ୍, ଫୋନ୍, ସିମ୍ କାର୍ଡ, ଡେବିଟ୍ କାର୍ଡ ଇତ୍ୟାଦି ଜବତ କରିଛି। ତାକୁ ଗିରଫ କରିବା ପରେ ଲୁଧିଆନାର ଏକ କୋର୍ଟରେ ହାଜର କରାଯାଇଥିଲା। ଏହା ପରେ ବ୍ରହ୍ମପୁର ଏସଡିଜେଏମ୍ କୋର୍ଟରେ ହାଜର କରାଯାଇବା ଜଣାପଡ଼ିଛି।



କ୍ରାଇମବ୍ରାଞ୍ଚ ସୂଚନା ଅନୁଯାୟୀ, ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ଜଣେ ଅଳଙ୍କାର ବ୍ୟବସାୟୀଙ୍କ ଫେସବୁକ୍ ମାଧ୍ୟମରେ ସଞ୍ଜନା ଶ୍ରୀନିବାସନଙ୍କ ସହ ପରିଚୟ ହୋଇଥିଲା। ସଞ୍ଜନା ନିଜକୁ ହଂକଂରେ ଥିବା ଆଇବିଏମର ସଫ୍ଟୱେର୍ ଡେଭେଲପର୍ ବୋଲି ପରିଚୟ ଦେଇ ଫେସବୁକ୍ ମେସେଞ୍ଜର୍‌ରେ ତାଙ୍କ ସହ ଚାଟ୍ କରିଥିଲା। ଜାପାନର ଏକ ଟ୍ରେଡିଂ କମ୍ପାନୀ କ୍ରିପ୍ଟୋ ମୁଦ୍ରାରେ ନିବେଶ କରିବାକୁ ସଞ୍ଜନା ବ୍ରହ୍ମପୁରର ଅଳଙ୍କାର ବ୍ୟବସାୟୀଙ୍କୁ ପ୍ରସ୍ତାବ ଦେଇଥିଲା। ନିବେଶ କଲେ ଭଲ ଲାଭ ଥିବାର ଲୋଭ ଦେଖାଇବାରୁ ଅଳଙ୍କାର ବ୍ୟବସାୟୀ ନିବେଶ କରିଥିଲେ। ଭାରତୀୟ ମୁଦ୍ରା ସିଧାସଳଖ ଜାପାନର ଏହି କମ୍ପାନିରେ ନିବେଶ କରିବା ସମ୍ଭବପର ହେଉ ନ ଥିବାରୁ ଭାରତୀୟ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା କରିବାକୁ ସଞ୍ଜନା କହିଥିଲା। ୨୦୨୪ ମେ’ ୨୩ରୁ ଜୁନ ୨୪ ଭିତରେ ୧୨ଟି ଭାରତୀୟ ବ୍ୟାଙ୍କ ଆକାଉଣ୍ଟରେ ମୋଟ ୬କୋଟି ୧୬ଲକ୍ଷ ୩୭ହଜାର ୮୪ ଟଙ୍କା ଅଳଙ୍କାର ବ୍ୟବସାୟୀଜଣକ ଜମା କରି ଦେଇଥିଲେ। କିଛି ଦିନ ପରେ ତାଙ୍କୁ ଜାପାନର ଟ୍ରେଡିଂ କମ୍ପାନିର ୟୁଜର୍ ନେମ୍ ଓ ପାସ୍‌ୱାର୍ଡ ଦିଆଯାଇଥିଲା। ଅଳଙ୍କାର ବ୍ୟବସାୟୀ ଯେତେବେଳେ ଟଙ୍କା ଉଠାଣ କରିବାକୁ ଉଦ୍ୟମ କଲେ ବେଆଇନ ସଂସ୍ଥା ପକ୍ଷରୁ ତାଙ୍କୁ ଅତିରିକ୍ତ ୮୯ ଲକ୍ଷ ଟଙ୍କା ଜମା କରିବାକୁ ପରାମର୍ଶ ଦିଆଯାଇଥିଲା। ସାଇବର୍ ଠକେଇ ହୋଇଥିବା ସନ୍ଦେହ କରି ଅଳଙ୍କାର ବ୍ୟବସାୟୀ ଟଙ୍କା ଜମା କରିବାକୁ ମନା କରିଦେଇଥିଲେ। କ୍ରାଇମବ୍ରାଞ୍ଚ ସାଇବର୍ ଥାନାରେ ୨୦୨୪ ଜୁଲାଇ ୯ରେ ଏତଲା ଦେଇଥିଲେ। କ୍ରାଇମବ୍ରାଞ୍ଚ ଏକ ମାମଲା ରୁଜୁ କରିବା ପରେ ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କ ନେତୃତ୍ୱରେ ମାର୍ଚ୍ଚ ୨୬ରେ ଗୁଜୁରାଟର ସୁରତରୁ ମୁଖ୍ୟ ଅଭିଯୁକ୍ତ ସଭାୟା ରବି କୁମନଭାଇଙ୍କ ସମେତ ସେଜଲ୍ ରବି କୁମାର ସଭାୟା, ସଭାୟା କୁମନ ଭାଇ, ପାରସ ଧୀରୁଭାଇ ଜେସାନୀ, ଧର୍ମେଶ ନାନୁଭାଇ ସାଭଲିୟାଙ୍କୁ ଗିରଫ କରିଥିଲା। ଗୁଜୁରାଟୀ କପଡ଼ା ବ୍ୟବସାୟୀ ସଭାୟା କୁମନ ଭାଇର ବ୍ୟାଙ୍କ ଆକାଉଣ୍ଟକୁ ୭୦ ଲକ୍ଷ ଟଙ୍କା ଯାଇଥିବା ଜଣାପଡ଼ିଥିଲା। ଏମାନଙ୍କ ମଧ୍ୟରେ ଜଣେ ମହିଳା ଠକ ମଧ୍ୟ ରହିଛି। ସଞ୍ଜନା ଶ୍ରୀନିବାସନ୍ ପରିଚୟ ଦେଉଥିବା ମହିଳାଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ପରିସରଭୁକ୍ତ କରିଛି। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ବିଟ୍ଟୁ କୁମାରକୁ ଆଜି ଗିରଫ କରାଯାଇଥିବା ବେଳେ ତଦନ୍ତ ଜାରି ରହିଛି। ଏହି ମାମଲାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ନେଇ ତଦନ୍ତ ଚାଲିଥିବା ସୂଚନା ମିଳିଛି।

## କୋଟିଏ ଟଙ୍କା ସାଇବର୍ ଠକେଇ ଘଟଣା
# କୁଖ୍ୟାତ ସାଇବର ଲୁଟେରା ଗିରଫ

କଟକ,୨୪।୮(ସମିସ): ୧କୋଟି ଟଙ୍କାର ସାଇବର୍ ଠକେଇ ମାମଲାରେ ଆଜି କ୍ରାଇମବ୍ରାଞ୍ଚ୍ ଜଣେ କୁଖ୍ୟାତ ସାଇବର ଲୁଟେରାକୁ ଗିରଫ କରିଛି। ଅଭିଯୁକ୍ତଜଣକ ହେଉଛି, ଆନ୍ଧ୍ରପ୍ରଦେଶ ଗୁଣ୍ଟୁରରେ ରହୁଥିବା ସୁଧିର କୁମାର(୩୩)। ତା’ ପାଖରୁ ମୋବାଇଲ୍ ଫୋନ, ସିମ୍ କାର୍ଡ, ବ୍ୟାଙ୍କ ପାସବୁକ, ଚେକ୍ ବହି ଇତ୍ୟାଦି ଜବତ କରାଯାଇଛି। କ୍ରାଇମ୍‌ବ୍ରାଞ୍ଚ ସୂଚନା ଅନୁଯାୟୀ, ଆଇପିଓ ଓ ଓଟିସିରେ ନିବେଶ ନାଁରେ ଅନଲାଇନ୍‌ରେ ଜଣେ ଅଜଣା ବ୍ୟକ୍ତିକୁ ମୟୂରଭଞ୍ଜର ଜଣେ ବ୍ୟକ୍ତି ୧କୋଟି ୧ଲକ୍ଷ ୪୪ ହଜାର ୬୯୯ଟଙ୍କା ଦେଇଥିଲେ। ସୋସିଆଲ୍ ମିଡିଆରେ ଅଜଣା ବ୍ୟକ୍ତିର ଏଭଳି ପରାମର୍ଶରେ ଟଙ୍କା ଜମା କରିଥିଲେ। କିନ୍ତୁ ଯେତେବେଳେ ଟଙ୍କା ଉଠାଣ କରିବାକୁ ମୟୂରଭଞ୍ଜର ବ୍ୟକ୍ତିଜଣକ ଚେଷ୍ଟା କରିଥିଲେ, ଟଙ୍କା ଉଠିନଥିଲା।




ଅଧିକ ଟଙ୍କା ନିବେଶ କରିବାକୁ କହିଥିଲେ। ସାଇବର୍ ଠକେଇର ଶିକାର ହୋଇଥିବା ଜାଣିପାରି ସାଇବର୍ ଥାନାରେ ଚଳିତବର୍ଷ ମାର୍ଚ୍ଚ ୧୭ ତାରିଖରେ ଏତଲା ଦେଇଥିଲେ। କ୍ରାଇମବ୍ରାଞ୍ଚ ଏତଲା ଆଧାରରେ ଘଟଣାର ତଦନ୍ତ କରି ଅଭିଯୁକ୍ତ ସୁଧିରକୁ ଗିରଫ କରିଥିବା ସୂଚନା ମିଳିଛି।

# ସାରଳା ସାହିତ୍ୟ ସଂସଦ ମୁମ୍ବାଇ ଶାଖାର ସାରସ୍ୱତ ଉତ୍ସବ

କଟକ,୨୪।୮(ସମିସ): ମୁମ୍ବାଇ ବିଶ୍ୱବିଦ୍ୟାଳୟର ଭାଷା ସମ୍ମିଳନୀ କକ୍ଷରେ ସାରଳା ସାହିତ୍ୟ ସଂସଦ ମୁମ୍ବାଇ ଶାଖା ଆନୁକୂଲ୍ୟରେ ଏକ ସାରସ୍ୱତ ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବରେ ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଡକ୍ଟର (ଇଂ.) ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ।

ସାହିତ୍ୟ ଏକାଡେମୀ ଓ ବ୍ୟାସ ସମ୍ମାନପ୍ରାପ୍ତ ପ୍ରଖ୍ୟାତ ହିନ୍ଦୀ ସାହିତ୍ୟିକ ଡକ୍ଟର ସୂର୍ଯ୍ୟବାଳା ଏହି ଉତ୍ସବକୁ ଉଦ୍‌ଘାଟନ କରି ଓଡ଼ିଆ ସାହିତ୍ୟର ଉତ୍କର୍ଷତା ଓ ଓଡ଼ିଆ କବିତାର ପରମ୍ପରା ଉପରେ ଆଲୋକପାତ କରିଥିଲେ। ସେ ସାରଳା ସାହିତ୍ୟ ଉପରେ ଆଲୋଚନା କରି ଓଡ଼ିଆ ସାହିତ୍ୟର ଜନକ ଆଦିକବି ସାରଳା ଦାସ ଆଞ୍ଚଳିକ ଭାଷାରେ ପ୍ରଥମ ପୂର୍ଣ୍ଣାଙ୍ଗ ମହାଭାରତ ରଚନା କରିଥିଲେ ବୋଲି କହିଥିଲେ। ସାରଳା ମହାଭାରତ ପଞ୍ଚଦଶ ଶତାବ୍ଦୀର ଓଡ଼ିଶାର ଜନ ଜୀବନର ପ୍ରତିଛବି ବୋଲି କହିଥିଲେ।

ସମ୍ମାନିତ ଅତିଥି ମରାଠୀ ସାହିତ୍ୟିକ ଓ ପ୍ରଶାସକ ଉମେଶ କାଶୀକର ଓଡ଼ିଶା ଓ ମହାରାଷ୍ଟ୍ରର ସାଂସ୍କୃତିକ ଓ ସାହିତ୍ୟିକ ସଂପର୍କ ଉପରେ ଆଲୋକପାତ କରିଥିଲେ। ବମ୍ବେ ଓଡ଼ିଆ ସମାଜର ଅଧ୍ୟକ୍ଷ ଡ. ବିପିନ ବିହାରୀ ମିଶ୍ର ଏଭଳି ସାରସ୍ୱତ ଆଲୋଚନାଚକ୍ରର ଗୁରୁତ୍ୱ ଉପରେ ଆଲୋଚନା କରି ଏହା ଜାତୀୟ ସଂହତି ଓ ମୈତ୍ରୀ ଭାବ ରଖିବାରେ ସହାୟକ ହେବ ବୋଲି କହିଥିଲେ। ସଭାପତି ଡ. ସ୍ୱାଇଁ ତାଙ୍କ ଅଭିଭାଷଣରେ ସାରଳା ସାହିତ୍ୟ ସଂସଦ ସଂସଦର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହିତ ଏଭଳି ସାରସ୍ୱତ କାର୍ଯ୍ୟକ୍ରମ ମରାଠୀ ଓ ଓଡ଼ିଆ ସାହିତ୍ୟ ମଧ୍ୟରେ ବନ୍ଧୁତାର ସେତୁ ସ୍ଥାପନ କରିବ ବୋଲି କହିଥିଲେ। ପାଲି ବିଭାଗର ମୁଖ୍ୟ ପ୍ରଫେସର ଡ. ଯୋଜନା ଭଗତ କଳିଙ୍ଗା ବୌଦ୍ଧଧର୍ମର ପରମ୍ପରା ଏବଂ ଓଡ଼ିଆ କବିତାରେ ଏହାର ପ୍ରଭାବ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସଂସଦର ମୁମ୍ବାଇ ଶାଖାର ଆବାହକ ପ୍ରଫେସର ଡକ୍ଟର ରାଜେଶ କରଙ୍କର ସ୍ୱାଗତ ଭାଷଣ ଦେବା ସହିତ ଅତୀତ କଳିଙ୍ଗର ଇତିହାସ ଉପରେ ଆଲୋଚନା କରିଥିଲେ।



ଏହି ଅବସରରେ ଡ. ପ୍ରଭାକର ସ୍ୱାଇଁଙ୍କର ରଚିତ ଓଡ଼ିଆ ଗଳ୍ପ ସଂକଳନ ପ୍ରଫେସର ସତ୍ୟ ନାରାୟଣ ପଣ୍ଡାଙ୍କ ଦ୍ୱାରା ହିନ୍ଦୀ ଅନୁଦିତ ଗ୍ରନ୍ଥ “ଆଠରି ମୁସ୍କାନ”କୁ ମୁଖ୍ୟ ଅତିଥି ସୂର୍ଯ୍ୟବାଳା ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଆଶୁତୋଷ କଦମ, ମିତା ଖରାଶ ପ୍ରମୁଖ ପାଲି ବିଶେଷଜ୍ଞମାନେ ଓଡ଼ିଆ କବିତା ଉପରେ ବୌଦ୍ଧ ଧାରିଣୀଙ୍କ ପ୍ରଭାବ ଉପରେ ଆଲୋଚନା କରିଥିଲେ।

# ଆଜି ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସମ୍ମିଳନୀ

ଭୁବନେଶ୍ୱର, ୨୪।୮(ସମିସ): ଆସନ୍ତାକାଲି (ସୋମବାର) ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସମ୍ମିଳନୀ ଭୁବନେଶ୍ୱରର ମେ’ ଫେୟାର କନଭେନସନ୍‌ଠାରେ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ଶିଳ୍ପ ପ୍ରତିନିଧିମାନେ ଏକତ୍ରିତ ହୋଇ ପୂର୍ବଭାରତରେ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ସୁଯୋଗ ଏବଂ ଆହ୍ୱାନ ସଂପର୍କରେ ଆଲୋଚନା କରିବେ। ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସେହିପରି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜରାପୁଙ୍କ ଉପସ୍ଥିତିରେ ସମ୍ମିଳନୀ ଉଦ୍‌ଘାଟନ ହେବାକୁ ଥିବା ବେଳେ ସେ ସ୍ୱାଗତ ଅଭିଭାଷଣ ରଖିବେ। ଦିବସବ୍ୟାପୀ ଏହି କାର୍ଯ୍ୟକ୍ରମରେ ବିମାନବନ୍ଦର ଓ ହେଲିପୋର୍ଟ ବିକାଶ ମଡେଲ, ଉଡାନ ଯୋଜନା ଏବଂ ଆଞ୍ଚଳିକ ସଂଯୋଗ, ବିମାନ ଚଳାଚଳରେ ଦକ୍ଷତା ବିକାଶ, ଡ୍ରୋନ୍ ଇକୋସିଷ୍ଟମ୍‌ର ସମ୍ପ୍ରସାରଣ, ଏବଂ ହେଲିକପ୍ଟର୍ ଜରୁରୀକାଳୀନ ମେଡିକାଲ ସେବାର ଭବିଷ୍ୟତ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ସଂପର୍କରେ ଆଲୋଚନା ହେବ ବୋଲି ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତରେ ସ୍କୁଲ ଫି’...

ସ୍ଥାନରେ ରହିଛି। ସେହିପରି ବଜେଟ କୈନ୍ଦ୍ରିକ ଘରୋଇ ସ୍କୁଲଗୁଡିକରେ ବର୍ଷକୁ ୨୦ରୁ ୪୦ ହଜାର ଟଙ୍କା ଦେବାକୁ ପଡୁଛି। ଏହା ପ୍ରଥମ ପିଢ଼ିର ପିଲାଙ୍କୁ ଶିକ୍ଷା ଯୋଗାଉଛି। ଅନ୍ୟପକ୍ଷରେ ସରକାରୀ ସ୍କୁଲ୍‌ରେ ଶିକ୍ଷା ମାଗଣା ଥିବାବେଳେ ବ୍ୟବସ୍ଥା ଦୁର୍ବଳ ଥିବାରୁ ଲୋକେ ଘରୋଇ ଶିକ୍ଷାନୁଷ୍ଠାନକୁ ପସନ୍ଦ କରୁଛନ୍ତି। ଏହି ତ୍ରିସ୍ତରୀୟ ସ୍କୁଲ ବ୍ୟବସ୍ଥା ଶିକ୍ଷାର ମଡେଲ ଭାବେ ନୁହେଁ, ବରଂ ଷ୍ଟାଟସ ଭାବେ ଦେଖାଯାଉଛି।

ଦିଲ୍ଲୀରେ ପରିବାର ହାରାହାରି ବାର୍ଷିକ ଆୟ ୧୨ରୁ ୧୫ ଲକ୍ଷ ଟଙ୍କା ଥିବାବେଳେ ଘରୋଇ ସ୍କୁଲର ଦେୟ ୧୨ରୁ ୨୦ ଲକ୍ଷ ଟଙ୍କା ରହିଛି। ଗୋଟିଏ ପରିବାର ନିଜ ଆୟର ୮୦ରୁ ୧୩୦ ପ୍ରତିଶତ ପିଲାଙ୍କ ପାଠପଢ଼ାରେ ଖର୍ଚ୍ଚ କରୁଛନ୍ତି। ସେହିପରି ମୁମ୍ବାଇରେ ଆୟ ୧୫ରୁ ୧୮ ଲକ୍ଷ ଥିବାବେଳେ ସ୍କୁଲ ଦେୟ ୯-୧୫ ଲକ୍ଷ ରହିଛି। ୫୦-୮୫ ପ୍ରତିଶତ ଅର୍ଥ ଏହି ଦେୟ ଦେବାରେ ଖର୍ଚ୍ଚ ହେଉଛି। ଅନ୍ୟପକ୍ଷରେ ଦୁବାଇରେ ବାର୍ଷିକ ଆୟ ୬୭ ଲକ୍ଷ ଥିବା ବେଳେ ସ୍କୁଲ ଫି’ ରହିଛି ୨୪ ଲକ୍ଷ।। ପରିବାର ନିଜ ଆୟର ମାତ୍ର ୩୩ ପ୍ରତିଶତ ପାଠପଢ଼ାରେ ଖର୍ଚ୍ଚ କରୁଛନ୍ତି। ଲଣ୍ଡନ ଏବଂ ନ୍ୟୁୟର୍କରେ ପରିବାରର ହାରାହାରି ବାର୍ଷିକ ଆୟ ୬୦ ଲକ୍ଷ ଏବଂ ୭୫ ଲକ୍ଷ ରହିଛି। କିନ୍ତୁ ଏଠାରେ ସ୍କୁଲ ଦେୟ ଯଥାକ୍ରମେ ୩୫ ଲକ୍ଷ ଓ ୩୭ ଲକ୍ଷ ରହିଛି। ଏହି ଦୁଇ ସହରର ଲୋକେ ନିଜ ଆୟର ୫୮ ଏବଂ ୫୦ ପ୍ରତିଶତ ଦେୟ ବାବଦକୁ ପୈଠ କରୁଛନ୍ତି।

## ପତ୍ନୀଙ୍କୁ ଜିଅନ୍ତା ଜାଳିଥିବା...

ବିପିନ ଓ ରୋହିତଙ୍କୁ ବିବାହ କରିଥିଲେ। ନିଜକୁ ବଞ୍ଚାଇବାକୁ ନିକ୍କି ଛଟପଟ ହୋଇ ତଳକୁ ଦୌଡିଥିଲେ। ଏହା ଦେଖି ପାଖରେ ରହୁଥିବା ଲୋ।।କେ ପହଞ୍ଚିଥିଲେ ଓ ମହିଳାଙ୍କୁ ନେଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ତେବେ ଦିଲ୍ଲୀର ସଫଦରଗଞ୍ଜ ହସ୍ପିଟାଲ ଅଗଷ୍ଟ ୨୨ରେ ମହିଳା ପ୍ରାଣତ୍ୟାଗ କରିଥିଲେ।

ମହିଳାଙ୍କ ଭଉଣୀଙ୍କ ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁ କରିଥିଲା ଓ ୨୩ ତାରିଖରେ ମହିଳାଙ୍କ ସ୍ୱାମୀକୁ ଗିରଫ କରାଯାଇଥିଲା। ରବିବାର ଅଭିଯୁକ୍ତ ସ୍ୱାମୀ ବିପିନର ମେଡିକାଲ ପରୀକ୍ଷା ପାଇଁ ଜିଲ୍ଲା ହସ୍ପିଟାଲକୁ ପୁଲିସ ନେଇଥିଲା। କିନ୍ତୁ ଅଭିଯୁକ୍ତ ପୁଲିସଠାରୁ ପିସ୍ତଲ ନେଇ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲା।। ପୁଲିସ ସିରସା ଛକ ନିକଟରେ ଅଭିଯୁକ୍ତକୁ ଗୁଳି ମାରି ଧରିଥିଲା। ଆହତ ବିପିନ ଏହି ଘଟଣା ନେଇ କୌଣସି ପଶ୍ଚାତାପ କରିନାହିଁ। ମୁଁ ନିକ୍କିଙ୍କୁ ମାରିନାହିଁ ଓ କୌଣସି ଭୁଲ କରିନାହିଁ ବୋଲି ।।କହିଛି। ତେବେ ବିପିନ ମାଙ୍କୁ ଜଳାଇ ମାରିଛନ୍ତି ବୋଲି ତାଙ୍କ ପୁଅ କହିଛି। ବିପିନ ଗିରଫ ହୋଇଥିବା ବେଳେ ତାର ମାଆକୁ ଆଜି ଗିରଫ କରାଯାଇଛି।

## ବଡ଼ ବନ୍ୟା...

ଯେହେତୁ ବର୍ତ୍ତମାନ ରାଜ୍ୟର ପ୍ରାୟ ସମସ୍ତ ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ଅଧିକ ରହିଛି, ତେଣୁ ଆଗକୁ ହେବାକୁ ଥିବା ଲଘୁଚାପ ଯୋଗୁଁ ରାଜ୍ୟର ଅଧିକାଂଶ ନଦୀରେ ବଡ଼ ବନ୍ୟା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଲଘୁଚାପ ପ୍ରଭାବରେ ବର୍ତ୍ତମାନ ବଙ୍ଗୋପସାଗର ବିଶେଷକରି ଉତ୍ତର ବଙ୍ଗୋପସାଗର ଅଶାନ୍ତ ରହିଛି। ସମୁଦ୍ର ମଧ୍ୟରେ ପବନର ବେଗ ୪୦ରୁ ୫୦ ଓ ଝଟକା ପବନ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ଅନ୍ୟପଟେ ଉତ୍ତର ଓଡ଼ିଶାରେ ବର୍ତ୍ତମାନ ପୁଣି ଥରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଗଲା ଲଘୁଚାପ ପ୍ରଭାବରେ ଉପମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ବିଭିନ୍ନ ନଦୀ ବୈତରଣୀ, ବ୍ରାହ୍ମଣୀ ଏବଂ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇଛି। ଏଥିମଧ୍ୟରୁ ବୈତରଣୀ ଏବଂ ସୁବର୍ଣ୍ଣରେଖାରେ ବିପଦ ସଙ୍କେତ ଉପରେ ଜଳସ୍ତର ପ୍ରବାହିତ ହେଉଥିବା ବେଳେ ଏହାର ଅବବାହୀକାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଚଳିତ ବର୍ଷ ସୁବର୍ଣ୍ଣରେଖାରେ ଏହା ପଞ୍ଚମ ବନ୍ୟା। ସୁବର୍ଣ୍ଣରେଖାରେ ଛୋଟରୁ ମଧ୍ୟମ ଓ ବୈତରଣୀରେ ଛୋଟ ଧରଣରେ ବନ୍ୟା ହୋଇଛି। ବିଗତ କିଛି ଦିନରୁ ଲଗାଣ ବର୍ଷା ହେଉଛି। ଗତ ୨୪ ଘଣ୍ଟାରେ ବୈତରଣୀ, ବେସିନ, କେନ୍ଦୁଝର ଓ ଝାଡ଼ଖଣ୍ଡରେ ୪୨.୫୭ ମିମି ବର୍ଷା ହୋଇଛି। ଉପର ବ୍ରାହ୍ମଣୀରେ ୩୫ ମିମି ବର୍ଷା ହୋଇଛି ଏବଂ ଉପର ମହାନଦୀରେ ୩୧ ମିମି ବର୍ଷା ହୋଇଛି। ଯାହା ପ୍ରଭାବରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବଂଶଧରା ଓ ବୁଢାବଳଙ୍ଗରେ ପାଣି ଅଧିକ ଥିଲେ ବି କମିଯିବ। ମାତ୍ର ବୈତରଣୀରେ ଗତକାଲି ଠାରୁ ବନ୍ୟା ହୋଇଛି। ଅପରପକ୍ଷେ ହୀରାକୁଦରେ ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇ ଜଳସ୍ତର ବଢୁଛି। ହୀରାକୁଦ ଜଳଭଣ୍ଡାରରେ ୬୨୧.୬୫ ଫୁଟ ପାଣି ଅଛି। ଗତକାଲି ଉପର ମହାନଦୀରେ ୩୧.୩୩ ମିମି ବଡ଼ ବର୍ଷା ହୋଇଛି, ତେଣୁ ହୀରାକୁଦର ୧୨ଟି ଗେଟ୍ ଖୋଲାଯାଇ ଜଳ ନିଷ୍କାସିତ ହେଉଛି। ସେହିପରି ରେଙ୍ଗାଲି ଡ୍ୟାମରେ ଦୁଇଟି ଗେଟ ଦେଇ ୩,୪୦୦ କ୍ୟୁସେକ ବ୍ରାହ୍ମଣୀ ଜଳ ନିଷ୍କାସନ ହେବ। ଜେନାପୁରରେ ନଦୀଜଳ ବିପଦ ସଙ୍କେତ ତଳେ ଅଛି। ବନ୍ୟା ସ୍ଥିତି ଯୋଗୁଁ ବର୍ତ୍ତମାନ ଯାଜପୁରରେ ମୁଖ୍ୟଯନ୍ତ୍ରୀ ଓ ଧାମନଗରରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ କ୍ୟାମ୍ପ କରିଛନ୍ତି। ଯାହା କ୍ଷୟକ୍ଷତି ହେଉଛି ତୁରନ୍ତ ମରାମତି କରାଯାଉଛି ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୧ ମହଲାରୁ ଖସିପଡ଼ିଲା...

ଅଧିକ ହେବ ଏହା କାର୍ଯ୍ୟକ୍ଷମ ହେଲାଣି। ସେହିପରି ପାର୍କିଂ ଜାଗାର ବାଡ଼ା ଫାଙ୍କା ରହିଥିବା ବେଳେ କୌଣସି ପ୍ରକାର ସୁରକ୍ଷା ପ୍ରାଚୀର ନ ରହିବା ଘଟଣାକୁ ସମସ୍ତେ ନିନ୍ଦା କରିଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ରବିବାର ସକାଳେ ଭଦ୍ରକରୁ ଯାତ୍ରୀଙ୍କୁ ଆଣି ବୋଲେରୋ ଗାଡ଼ିଟି ବହୁତଳ ପାର୍କିଂରେ ପହଞ୍ଚିଥିଲା। ସେଠାରେ ଯାତ୍ରୀଙ୍କୁ ଓହ୍ଲାଇ ପ୍ରଥମ ମହଲାରେ ଚାଳକ ଗାଡ଼ିକୁ ପାର୍କିଂରେ ରଖିବା ପାଇଁ ବ୍ୟାକ୍ କରୁଥିଲେ। ପଛପାର୍ଶ୍ୱ ଫାଙ୍କା ଥିବା ବେଳେ କୌଣସି ଗାର୍ଡୱାଲ୍ ବା ସୁରକ୍ଷା ପ୍ରାଚୀର ନଥିଲା। ଫଳରେ ଚାଳକ ଗାଡ଼ିକୁ ପଛକୁ ନେଉଥିବା ବେଳେ ଗାଡ଼ିଟି ତଳକୁ ଖସିପଡ଼ିଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗାଡ଼ି ଭିତରେ କୌଣସି ଯାତ୍ରୀ ନଥିଲେ। ନଚେତ୍ ଏକ ବଡ଼ ଅଘଟଣ ଘଟିଥା’ନ୍ତା। ଖବର ପାଇ ଟାଉନ ଥାନା ପୁଲିସ ପହଞ୍ଚି ଘଟଣାର ତଦନ୍ତ କରିଥିବା ବେଳେ କ୍ରେନ୍ ସାହାଯ୍ୟରେ ଦୁର୍ଘଟଣାଗ୍ରସ୍ତ ବୋଲେରୋକୁ ସିଧା କରାଯାଇଥିଲା।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଠାରେ ପାର୍କିଂ ଫି’ ବାବଦକୁ ୫୦ ଟଙ୍କା ଲେଖାଏଁ ଆଦାୟ କରାଯାଉଛି। ଶ୍ରୀମନ୍ଦିର ପ୍ରଶାସନ ଦାୟିତ୍ୱରେ ଏହା ରହିଥିବା ବେଳେ ଓବିସିସି ନିର୍ମାଣ ଶେଷ କରିନାହିଁ। ଦେଢ଼ବର୍ଷ ହୋଇଗଲାଣି ପୁରୀର ପ୍ରକଳ୍ପଗୁଡ଼ିକ ସେମିତି ପଡ଼ିରହିଥିବା ବେଳେ ବହୁତଳ କାର୍ ପାର୍କିଂ ଅବସ୍ଥା ବି ସେମିତି ରହିଛି। ଫଳରେ ଏହି ପାର୍କିଂ କାମ ଏ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇପାରିନାହିଁ। କିନ୍ତୁ ଦିନକୁ ହଜାର ହଜାର ଗାଡ଼ି ଏଠାରେ ରଖାଯାଉଛି। ବହୁତଳ ପାର୍କିଂର ଛାତ ଚାରିପଟେ ସୁରକ୍ଷା ପ୍ରାଚୀର ରହିବା ଦରକାର। ହେଲେ ଏଠାରେ ତାହା ନାହିଁ। କାମ ସରି ନ ଥିବାବେଳେ କାହିଁକି ପ୍ରଥମ ମହଲାରେ ଗାଡ଼ି ପାର୍କିଂ କରାଯାଉଛି ତାହାକୁ ନେଇ ଅନେକ ପ୍ରଶ୍ନ ଉଠାଇଛନ୍ତି।

ଅନ୍ୟପକ୍ଷରେ ଗାଡ଼ିର ଜଣେ ଯାତ୍ରୀ କିଶୋର ବେହେରା କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଆମେ ସମସ୍ତେ ବଞ୍ଚିଗଲୁ। ପାର୍କିଂରେ ଆମେ ଓହ୍ଲାଇ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଯାଇଥିଲୁ। ଫେରିବା ପରେ ଏଭଳି ଦୁର୍ଘଟଣା ଘଟିଛି ଜାଣିବାକୁ ପାଇଲୁ। ଯଦି ଆମେ ଗାଡ଼ିରେ ଥାଆନ୍ତୁ, କେତେବଡ଼ ଅଘଟଣ ଘଟିଥା’ନ୍ତା? ଆମେ ଛୁଆ ପିଲା ହୋଇ ଧାମରା କୁଆଁଳରୁ ଆସିଥିଲୁ। ଗାଡ଼ି ଭିତରୁ ବ୍ୟାଗ୍ ସହ ଚପଲ ଧରି ଇଆଡ଼େ ସିଆଡ଼େ ବୁଲୁଥିଲା ବେଳେ କିଶୋର କହିଥିଲେ ମହାପ୍ରଭୁ ଆମକୁ ବଡ଼ ଦୁର୍ଘଟଣାରୁ ବଞ୍ଚାଇଦେଲେ। ଏ ସଂକ୍ରାନ୍ତରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ବାସ୍ତବିକ ଏହା ଦୁଃଖଦାୟକ ଘଟଣା। ପାର୍କିଂସ୍ଥଳର ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ଗାର୍ଡୱାଲ୍ ନିର୍ମାଣ କରିବା ପାଇଁ ଓବିସିସିକୁ ନିର୍ଦ୍ଦେଶ ଦିଆଯିବ। କ’ଣ ପାଇଁ ଏମିତି ଏକ ଦୁଃଖଦ ଘଟଣା ଘଟିଲା, ତାହାର ତଦନ୍ତ ହେବ।

## ଚିନ୍ତା ବଢ଼ାଇଲାଣି ମାରିଜୁଆନା...

ଗତକାଲି ଧରାପଡ଼ିଥିବା ପ୍ରେମୀ ଯୁଗଳଙ୍କ ଠାରୁ ଜବତ ୪କୋଟି ମାରିଜୁଆନା ପାଇଁ ମଧ୍ୟ ଦୁବାଇରୁ ଡିଲ ହୋଇଥିଲା। ଏଜେଣ୍ଟ ମାନଙ୍କୁ କାମ ପୂର୍ବରୁ ୬୦ ଲକ୍ଷ ଅଗ୍ରିମ ଆକାରରେ ଦିଆଯାଇଥାଏ। ଭୁବନେଶ୍ୱରରେ ପହଞ୍ଚିବା ପରେ ଦିଆଯାଇଥିବା ଫୋନ୍ ନମ୍ବରରେ କଲ୍ କଲେ ଏଠାରେ ଥିବା ଏଜେଣ୍ଟ ବିମାନବନ୍ଦରରୁ ବ୍ୟାଗ୍ ନେଇଥାନ୍ତି। ଫ୍ଲାଇଟ ଟିକେଟ ସହିତ ହୋଟେଲ ରହଣି ବି ଏଜେଣ୍ଟଙ୍କୁ ମାଗଣାରେ ଯୋଗାଇ ଦିଆଯାଏ ବୋଲି କଷ୍ଟମ ବିଭାଗର ଜଣେ ଅଧିକାରୀ କହିଛନ୍ତି।

ଯେଉଁମାନେ ଧରାପଡୁଛନ୍ତି ସେମାନେ ଏହି ରାକେଟ ସମ୍ପର୍କରେ କିଛିବି ଜାଣିନଥାନ୍ତି। ସେମାନେ କେବଳ ବିମାନରେ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଚାଲାଣ କରିଥାନ୍ତି। କଷ୍ଟମ ବିଭାଗ ଧରି ପଚରାଉଚରା କଲେ ସେମାନେ କିଛି ପାଟି ଖୋଲନ୍ତି ନାହିଁ। ତେବେ ଗତକାଲି ଭୁବନେଶ୍ୱର ବିମାନବନ୍ଦରରେ ମାରିଜୁଆନା ଜବତ ପରେ ହୋଇଛି ବଡ ଖୁଲାସା। ତାକୁ ନେଇ ଏସଟିଏଫ ଆରମ୍ଭ କରିଛି ଜୋରଦାର ତନାଘନା। ଚାଲାଣ କରୁଥିବା ଯୁବତୀ ଆରତୀ ଶର୍ମା ଓ ତାଙ୍କ ପୁରୁଷ ବନ୍ଧୁ କରନଙ୍କୁ ରିମାଣ୍ଡରେ ଆଣିବ କଷ୍ଟମ ଓ ଏସ୍‌ଟିଏଫ। ବ୍ୟାଙ୍କକରୁ ଭୁବନେଶ୍ୱର ଆସିବା ପରେ ଏହାକୁ ବସରେ ବୋଙ୍ଗାଲୁରୁକୁ ନେବାକୁ ଯୋଜନା ହୋଇଥିଲା। ସେମାନଙ୍କ ପାଖରୁ ମିଳିଥିବା ତଥ୍ୟ ଅନୁଯାୟୀ ପଞ୍ଜାବର ଜଣେ ଦଲାଲ ସାଇମନ୍ ପିଟର ଥାଇଲାଣ୍ଡରେ ବସି ଭାରତକୁ ମାଲ୍ ପଠାଉଛି। କେବଳ ଓଡ଼ିଶା ନୁହେଁ ହାଇଦ୍ରାବାଦ, କଲିକତା, ଦିଲ୍ଲୀ, ବିହାର, ୟୁପିକୁ ମଧ୍ୟ ସେ ଚାଲାଣ କରେ। ଯେଉଁ ରାଜ୍ୟର ବିମାନ ବନ୍ଦରରେ ସୁରକ୍ଷା ବ୍ୟବସ୍ଥା ଢିଲା ଥାଏ ଉକ୍ତ ରାଜ୍ୟର ବିମାନ ବନ୍ଦର ଦେଇ ଚାଲାଣ କରିବା ପାଇଁ ନକ୍ସା ପ୍ରସ୍ତୁତ କରେ। ସେଠାରେ ପହଞ୍ଚିବା ପରେ କାର ବା ବସ ଯୋଗେ ଅନ୍ୟ ରାଜ୍ୟକୁ ଚାଲାଣ ହୁଏ। ଏହି ରାକେଟ୍ ପଛରେ ବିଭିନ୍ନ ରାଜ୍ୟରେ ଏକାଧିକ ଏଜେଣ୍ଟ କାମ କରୁଥିବା କଷ୍ଟମ ବିଭାଗ ଜାଣିବାକୁ ପାଇଛି। ତେଣୁ ମାଷ୍ଟରମାଇଣ୍ଡକୁ ଧରିବାକୁ କଷ୍ଟମ ବିଭାଗ ଯୋଜନା ପ୍ରସ୍ତୁତ କରୁଛି। ଦେଶ ବାହାରେ ରହୁଥିବାରୁ ଇଣ୍ଟରପୋଲର ସହାୟତା ନେବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଗତ ୬ମାସରେ ୮୦କୋଟିର ମାରିଜୁଆନା ଜବତ ହେଲାଣି। ଗତ ଜାନୁୟାରୀ ୬ରେ ୯କୋଟି ମାରିଜୁଆନା ଜବତ ହୋଇଥିବା ବେଳେ ୨ଜଣ ବ୍ୟବସାୟୀ ଧରାପଡ଼ିଥିଲେ। ସେହିପରି ଗତଲାଇ ୨୯ରେ ୩୦ କୋଟି ମାରିଜୁଆନା ଧରାପଡ଼ଇଥିବା ବେଳେ ୨ଜଣ ବ୍ୟବସାୟୀ ଧରାପଡ଼ି ଗିରଫ ହୋଇଥିଲେ। ଅଗଷ୍ଟ ୨ରେ ୧୦କୋଟିର ଜବତ ସହ ଜଣେ ଏଜେଣ୍ଟ ଗିରଫ ହୋଇଥିଲା।

ଏହି ମାରିଜୁଆନା ଥାଇଲାଣ୍ଡ, ମାଲେସିଆ ଆଦି ଦେଶରେ ଚାଷ କରାଯାଏ। ଓଡ଼ିଶା ଗଞ୍ଜେଇ ସିଧା ଜଟ ପରି ହୋଇଥିବା ବେଳେ ମାରିଜୁଆନା ଗୋଲୋଇ ଆକାରର ହୋଇଥାଏ। ଓଡ଼ିଶା ଗଞ୍ଜେଇ ତୁଳନାରେ ମାରିଜୁଆନାର ସ୍ୱାଦ ଭଲ ରହିବା ସହ ନିଶା ଅଧିକ ହେଉଥିବାରୁ ଏହାର ଚାହିଦା ଅଧିକ ରହିଛି। ବିଶେଷ କରି ଅନେକ ଇଂଜିନିୟରି, ଆଇଟି ଛାତ୍ର ଏବଂ ବଡ଼ ବଡ଼ କ୍ଲବ୍‌କୁ ଏହି ମାରିଜୁଆନା ଚାଲାଣ କରାଯାଉଥିବା କଷ୍ଟମ ବିଭାଗ ଅଧିକାରୀ କହିଛନ୍ତି।

## ଲୁଟିନେଲେ ୧ କୋଟିର...

ଦେଖାଇ କର୍ମଚାରୀମାନଙ୍କୁ ଭୟଭୀତ କରାଇ ଏକ ବସ୍ତାରେ ସମସ୍ତ ଗହଣା ଭର୍ତ୍ତି କରିଥିଲେ। ଏହି ସମୟରେ ଜଣେ ମହିଳା ସେଲ୍ସମ୍ୟାନ୍ କୌଶଳକ୍ରମେ ପଛ ପାଖ ଦ୍ୱାରରେ ବାହାରକୁ ଆସି ଗହଳି କରି ଲୋକଙ୍କୁ ଜଣାଇବାକୁ ଚେଷ୍ଟା କରୁଥିବା ବେଳେ ବାହାରେ ଜଗି ରହିଥିବା ଅନ୍ୟ ଦୁଇ ଜଣ ଡକାୟତ ତାଙ୍କୁ ବନ୍ଧୁକ ଦେଖାଇ ଗହଳି ନ କରିବାକୁ ତାଗିଦ୍ କରିବା ସହ ମାରପିଟ୍ କରିଥିଲେ। ପାଖରେ ଥିବା ଏଟିଏମ୍‌ରୁ ସରପାରୀ ଗ୍ରାମର ରାଜା ପ୍ରଧାନ ଟଙ୍କା ଉଠାଉଥିବା ବେଳେ ଯୁବତୀଙ୍କୁ ମାଡ଼ ମାରୁଥିବା ଦେଖି ସେ ବିରୋଧ କରିବାରୁ ତାଙ୍କୁ ଦୁର୍ବୃତ୍ତମାନେ ଗୁଳିମାଡ଼ କରିଥିଲେ। ସେଠାରୁ ସମସ୍ତ ସୁନା ଗହଣା ନେଇ ଡକାୟତମାନେ ଯିବା ବେଳେ ଦୁଇ ତିନୋଟି ବୋମା ଫୁଟାଇଥିଲେ। ସେମାନେ ପୂର୍ବ ପ୍ରସ୍ତୁତି ମୁତାବକ ଜଙ୍କିଆ କିମ୍ବା ସିକୋ ପରେ ଥାନା, ଫାଣ୍ଡି ଥିବାରୁ ହଜଠାରୁ ଟାଙ୍କୋଳ ଦେଇ ଖସି ପଳାଇବା ବେଳେ ସେଠାରେ ଲୁଟ୍ ଅଳଙ୍କାର ବ୍ୟାଗ୍ ଖସି ପଡ଼ିଥିଲା। ସେଠାରେ ଲୋକେ ଜଗିବାକୁ ଚେଷ୍ଟା କରୁଥିବାରୁ ଏକ ବୋମା ଫୁଟାଇ ଲୋକଙ୍କୁ ଭୟଭୀତ କରି ଫେରାର୍ ହେବାରେ ସଫଳ ହୋଇଥିଲେ। ଦୋକାନ ମାଲିକ ଏହି ସମୟରେ ସେଠାରେ ଅନୁପସ୍ଥିତ ଥିବା ସୂଚନା ମିଳୁଛି।

ଆଜି ରବିବାର ହୋଇଥିବାରୁ ପାଖରେ ସବୁବେଳେ ଗହଳି ରହୁଥିବା ଷ୍ଟେଟ୍‌ବ୍ୟାଙ୍କ ଛୁଟି ଥିଲା। ଅନ୍ୟାନ୍ୟ ସମସ୍ତ ଘଟଣାକୁ ଲକ୍ଷ୍ୟ କରି ଡକାୟତମାନେ ସ୍ଥାନୀୟ କିଛି ଦୁର୍ବୃତ୍ତଙ୍କ ସହ ସାମିଲ ହୋଇ ପୂର୍ବ ପ୍ରସ୍ତୁତି ମୁତାବକ ଏହି ଘଟଣା ଘଟାଇଥିବା ଆଲୋଚନା ହେଉଛି।

# ୯ ଫେବୃଆରୀରେ ବନ୍ଧକ ଶ୍ରମିକ ଉଚ୍ଛେଦ ଦିବସ ପାଳନ ହେଉ

ଭୁବନେଶ୍ୱର,୨୪।୮(ସମିସ): ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଶୁକ୍ରବାର କହିଛନ୍ତି ଯେ ରାଜ୍ୟ ସରକାର ଫେବୃଆରୀ ୯ ତାରିଖକୁ ବନ୍ଧକ ଶ୍ରମିକ ଉଚ୍ଛେଦ ଦିବସ ଭାବେ ଘୋଷଣା କରିବା ପାଇଁ ନାଗରିକ ସମାଜ ପ୍ରସ୍ତାବ ଉପରେ ବିଚାର କରିବେ। ଏହି ଦିନଟି ଦେଶରେ ବନ୍ଧକ ଶ୍ରମିକ ପ୍ରଣାଳୀ (ଉଚ୍ଛେଦ) ଆଇନ, ୧୯୭୬ ପ୍ରଣୟନ ହୋଇଛି। ଦାଦନ ଶ୍ରମିକଙ୍କ ପାଇଁ କାର୍ଯ୍ୟରତ ସାମାଜିକ ସଂଗଠନ ମାନଙ୍କର ମିଳିତ ମଞ୍ଚ (ସୁରକ୍ଷା) ରାଜ୍ୟ ସରକାରଙ୍କୁ ଅନ୍ୟ ରାଜ୍ୟଗୁଡ଼ିକର ଉଦାହରଣ ଦେଇ ଏକ ସ୍ମାରକପତ୍ର ପ୍ରଦାନ କରିଛି, ଯେଉଁଠି



ସରକାରୀ ବିଜ୍ଞପ୍ତି ମାଧ୍ୟମରେ ସମ୍ପୃକ୍ତ ରାଜ୍ୟଗୁଡ଼ିକ ଦ୍ୱାରା ଏହି ଦିବସ ଘୋଷଣା କରାଯାଇଛି। ମାନବ ଚାଲାଣ ଏବଂ ବନ୍ଧକ ଶ୍ରମିକ ସମ୍ପର୍କରେ ସମ୍ବୋଧିତ କରି ଶ୍ରୀ ନାଏକ ଶ୍ରମକାର୍ଡର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଆଲୋଚନାରେ ବନ୍ଧକ ଶ୍ରମିକ ସମସ୍ୟାର ସମାଧାନ ପାଇଁ ଏକ ବ୍ୟାପକ ରାଜ୍ୟ କାର୍ଯ୍ୟ ଯୋଜନା ପ୍ରଣୟନ, ନିବାରଣ, ଚିହ୍ନଟ, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଦ୍ଧାର, ପୁନର୍ବାସ ଏବଂ ଚାଲାଣକାରୀ ଦଲାଲମାନଙ୍କୁ ଦଣ୍ଡବିଧାନ ପାଇଁ ବିକାଶ ଏବଂ କାର୍ଯ୍ୟାନ୍ୱୟନ, ଆନୁଷ୍ଠାନିକ ଘୋଷଣା ଏବଂ ୯ ଫେବୃଆରୀକୁ ବନ୍ଧକ ଶ୍ରମିକ ଉଚ୍ଛେଦ ଦିବସ ଭାବରେ ରାଜ୍ୟବ୍ୟାପୀ ପାଳନ ପାଇଁ ସଂକଳ୍ପ ଗ୍ରହଣ କରାଯାଇଥିଲା। ଆବାହକ ତଥା ଉତ୍କଳ ସେବକ ସମାଜର ସମ୍ପାଦକ ଡ. ଅମିୟ ଭୂଷଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସକ ଅରବିନ୍ଦ ବେହେରା, ପ୍ରଫୁଲ୍ଲ କୁମାର ସାହୁ, ରାଜ୍ୟ ମାନବାଧିକାର କମିସନ୍ ସଦସ୍ୟ ଅସୀମ ଅମିତାଭ ଦାଶ, ଦିଲୀପ କୁମାର ଦାସ, ଲୋକନାଥ ମିଶ୍ର, ଫୋକସ ଓଡ଼ିଶା ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ସୁଦର୍ଶନ ଛୋଟରାୟ ଏବଂ ବନିତା ମହାରାଣା, ମନ୍ଦାକିନୀ ଜେମା, ଆଶିଷ ରାଜହଂସ, ଉଦୟନାଥ ବେହେରା, ସିଡବ୍ଲ୍ୟୁସି କଟକ, ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ, ଆଇଜେଏମ୍ ରାଜ୍ୟ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଜୟନ୍ତ କୁମାର ନାଗ, ବିକାଶ ରଂଜନ ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**NOTICE**

By virtue of an affidavit sworn before Executive Magistrate, Panposh, Rourkela dated 21.08.2025, I, Abhimanyu Swain, Address- Near Lion's Eye Hospital, Civil Township, PO-Rourkela-4, PS- Raghunathpalli, Dist.- Sundargarh, Odisha, Pin-769004 declare that I have changed my name from Abhimanu Swain to Abhimanyu Swain. Henceforth, I shall be known as Abhimanyu Swain for all purposes.

Abhimanyu Swain

**Notice (for Minor)**

By virtue of an affidavit sworn before the Executive Magistrate, Bhubaneswar on dtd.29.04.2025. I, Jagadish Digal, At- Dugudi-B, Po- Talarimaha, Dist.- Kandhamal, Pin - 762022 have changed my minor son's name from Lucky Digal to Prabhudatta Digal. Henceforth he shall be known as **Prabhudatta Digal** for all purposes.

Sd/- Jagadish Digal

**Notice (for Minor)**

By virtue of an affidavit sworn before The court of Executive Magistrate, Baripada, Mayurbhanj, dated 02-08-2025 I, Chama Marndi, Address AT-Dubulabeda, PO- Kuabuda, PS-Chandua, Dist- Mayurbhanj, PIN-757014 declare that I have changed the name of my Son from Shankh Marndi to Sankha Marndi. Henceforth, he shall be known as Sankha Marndi for all purposes.

Chama Marandi

**AFFIDAVIT**

By virtue of an affidavit no-268 sworn before the Executive magistrate, Khordha on dt 19/08/25, I Rina Baliarsingh, W/o-Shekhar Baliarsingh, resident of At-Gopinathpur, Po-Olasingh, Ps-Jankia, Dist-Khordha, Pin-752020. I have changed my name from Bimala Maetha (old name) to Rina Baliarsingh (New name). Henceforth both name Bimala Maetha and Rina Baliarsingh is one & same person she will be known as **Rina Baliarsingh** for all future purposes.

**SOCIETY FOR ENVIRONMENTAL DEVELOPMENT AND VOLUNTARY ACTION (SEVA)**

Ph : 9437827981, 9438296254

**APPOINTMENT**

DISTRICT DISABILITY REHABILITATION CENTRE (DDRC) NAYAGARH

Applications are invited from the interested Professional/Personals for engagement at District Disability Rehabilitation Centre (DDRC), Nayagarh on contractual basis for the post of (1) Clinical Psycholgist/Rehabilitation Psychologist (2)Prosthetist/Orthotist Technician (3)Audiologist & Sr. Speech Therapist (4)Hearing Assistance/ Jr. Seech Therapist (5)Mobility Instructor (6)Multi-Purpose Rehabilitation Worker (7)Accountant cum Clerk cum storekeeper (8)Vocational Counsellor cum Computer Assistant(9)Early Intervention Therapist( 10)Caregiver. The details eligibility criteria qualification, Terms and Conditions etc. are available in the website : www.sevaorga.org. The complete application in the prescribed format should be reached to the Nodal Officer, District Disability Rehabilitation Centre (DDRC), Nayagarh , C/O-SEVA, At-Seva Complex, Old Town, Near New Bus Stand, Po/Dist-Nayagarh, Pin752070, Odisha by Regd. Post/Speed in Email. Sevaorga@gmail.com on or before 08.09.2025. Shortlisted candidates will be called for Interview.Application received thereafter shall not be entertained.

Nodal Officer, DDRC, Nayagarh

## ବସ୍‌କୁ ଧକ୍କାଦେଲା ଟ୍ରକ୍; ହେଲପର ମୃତ

**ଫୁଲନଖରା,୨୪।୮ (ସମିସ):** କଟକ ଭୁବନେଶ୍ୱର ୧୬ନଂ ଜାତୀୟ ରାଜପଥରେ କଟକ ଅଡୁ ଭୁବନେଶ୍ୱର ଯାଉଥିବା ରୋହିତ ନାମକ ବସ୍‌କୁ ପଛପଟୁ ଏକ ଟ୍ରକ୍ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ବସ ହେଲପରଙ୍କ ମୃତ୍ୟୁ ଘଟିଛି। ଭୋର୍ ସାଢେ ୪ଟା ବେଳେ ଫୁଲନଖରା ଓଭରବ୍ରିଜ୍‌କୁ ଉଠିବା ପୂର୍ବରୁ ବସ୍‌ଟି ଯାତ୍ରୀଙ୍କୁ ଓହ୍ଲାଇବାକୁ ଅଟକିଥିଲା। ରାତିରୁ ଯାତ୍ରୀମାନେ ଓହ୍ଲାଇ ପଡିଥିଲେ। ଯାତ୍ରୀଙ୍କ ଲଗେଜ୍‌କୁ କାଢ଼ିବାକୁ ବସ୍ ହେଲପର ବସ୍ ପଛପଟରେ ଥିବା ବେଳେ ହଠାତ୍ ଏକ ଦ୍ରୁତଗାମୀ ଟ୍ରକ୍ ବସ୍ ପଛପଟେ ମାଡ କରିଥିଲା। ମୃତ ହେଲପର ଜଣକ ହେଲେ ବାଲେଶ୍ୱର ଅଞ୍ଚଳର ସୁଶାନ୍ତ ବେହେରା (୪୨)। ଖବର ପାଇ କଟକ ସଦର ଥାନା ପୁଲିସ ବଡ଼ ଡାକ୍ତରଖାନା ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଘଟଣାସ୍ଥଳରୁ ପୁଲିସ ଗାଡି ଦୁଇଟିକୁ ଜବତ କରିବା ସହ ତଦନ୍ତ କରୁଛି।

## ଅଗ୍ନିକାଣ୍ଡରେ ଗାଈ ଜୀବନ୍ତ ଦଗ୍ଧ

**ଉଦ୍ଧେଶ୍ୱର,୨୪।୮ (ସମିସ):** ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ମାହାଙ୍ଗା ବ୍ଲକ କୁରୁଜଙ୍ଗା ଗ୍ରାମରେ ଏକ ଅଗ୍ନିକାଣ୍ଡରେ ଗୋଟିଏ ଗର୍ଭଣୀ ଗାଈ ଜୀବନ୍ତ ଦଗ୍ଧ ହୋଇଛି। ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ କୁରଜଙ୍ଗା ଗ୍ରାମର ସନ୍ତୋଷ କୁମାର ନାଥଙ୍କ ଗୁହାଳ ଘରେ ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟିଥିଲା। ଏହି ଗୁହାଳ ଘରେ ବନ୍ଧା ହୋଇଥିବା ଏକ ଅଜେଇବର୍ଷର ଗର୍ଭଣୀ ଗାଈ ଜୀବନ୍ତ ଦଗ୍ଧ ହୋଇଛି। ଖବର ପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବା ନିମନ୍ତେ ଶ୍ରୀ ନାଥ ମାହାଙ୍ଗା ବ୍ଲକ ପଶୁ ସମ୍ପଦ ଚିକିତ୍ସାଧିକାରୀଙ୍କ ନିକଟରେ ଲିଖିତ ଗୁହାରି କରିଛନ୍ତି।

## ମସ୍ତିଷ୍କାଘାତରେ ମହିଳାଙ୍କ ମୃତ୍ୟୁ



**ନିଶ୍ଚିନ୍ତକୋଇଲି,୨୪।୮ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ଗ୍ରାମର ମୁରବୀ ପ୍ରହ୍ଲାଦ ରାଉତଙ୍କ ଧର୍ମପତ୍ନୀ ଆଦର୍ଶ ଗୃହିଣୀ ହେମଲତା ରାଉତଙ୍କ ମସ୍ତିଷ୍କାଘାତରେ ମୃତ୍ୟୁ ହୋଇଛି। ତାଙ୍କ ବିୟୋଗରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ପୂର୍ବତନ ସରପଞ୍ଚ ରମେଶଚନ୍ଦ୍ର ସ୍ୱାଇଁ, ନିଶ୍ଚିନ୍ତକୋଇଲି ମଣ୍ଡଳ ସଭାପତି ସଞ୍ଜୟ ବେହେରା, ରାକେଶ ରାଉତ, ବଟକୃଷ୍ଣ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପରିବାରକୁ ସମବେଦନା ଜଣାଇଛନ୍ତି। ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ନାତି ରାଜୀବଲୋଚନ ମୁଖାଗ୍ନି ଦେଇଥିଲେ।

## ଅଗ୍ନିକାଣ୍ଡରେ ଚାଳଘର ଭସ୍ମୀଭୂତ

**କିଶୋରନଗର,୨୪।୮ (ସମିସ):** କିଶନନଗର ତହସିଲ ଅଧୀନ ପଞ୍ଚାୟତ ରାମକୁମାରପୁର ଗ୍ରାମର ଉନ୍ନମଣୀ ବେହେରାଙ୍କ ଗୋଟିଏ ଚାଳଛପର ଘର ରବିବାର ଅପରାହ୍ନ ସମୟରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ଘରେ ଥିବା ଘରର ଆସବାବପତ୍ର ପୋଡି ଯାଇଛି। ଖିରିଡି ଅଗ୍ନିସେବା କେନ୍ଦ୍ର ଆସି ନିଆଁକୁ ଆୟତ୍ତ କରିଥିଲେ। ମଶା ପାଇଁ ଘରର ପଛପଟେ ଘଷି ନିଆଁ ଲଗାଇ ଧୂଆଁ ଦେଉଥିବା ସମୟରେ ଘରେ ନିଆଁ ଲାଗିଯାଇଥିବା ଜଣାପଡ଼ିଛି।

## ନୂତନ ଜ୍ଞାନ ପ୍ରଯୋଗଭିତ୍ତିକ ବ୍ୟବସାୟ ସମ୍ପର୍କିତ କର୍ମଶାଳା

**ଚୌଦ୍ୱାର,୨୪।୮ (ସମିସ):** ଚୌଦ୍ୱାର କଲେଜରେ ନୂତନତ୍ୱ ଜ୍ଞାନ ପ୍ରୟୋଗ ଭିତ୍ତିକ ବ୍ୟବସାୟ ପଦ୍ଧତି ବିଷୟରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ଜିଲ୍ଲା ମଣିଜଙ୍ଗା କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ତପନ କୁମାର ପଲାଇ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟ ଓ ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରଫୁଲ୍ଲ ସାହୁଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାକୁ କଲେଜ ଅଧକ୍ଷ ରଶ୍ମି ରାଉତରାୟ ଉଦ୍‌ଘାଟନ କରିଥିଲେ। ବାଣିଜ୍ୟ ବିଭାଗର ଅଧ୍ୟାପକ ଲକ୍ଷ୍ମଣ କରଣ ନୂତନତା ଭିତ୍ତିକ ବ୍ୟବସାୟ ପଦ୍ଧତି ଓ ପ୍ରାସଙ୍ଗିକ ପ୍ରୟାସର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପ୍ରଭାକର ମିଶ୍ର ଛାତ୍ରଛାତ୍ରୀଙ୍କୁ ଏ ସମ୍ପର୍କିତ ନୂତନ ପ୍ରକଳ୍ପ ପ୍ରସ୍ତୁତ କରି ଏହା କାର୍ଯ୍ୟକାରୀ କରିବା ପାଇଁ ପ୍ରେରଣା ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ସୁମନ୍ତ ସାହୁ ଧନ୍ୟବାଦ ଜଣାଇଥିଲେ।

## ସରକାରଙ୍କ ନିୟମକୁ ଖୋଲା ଉଲ୍ଲଙ୍ଘନ

# ସକାଳୁ ସକାଳୁ ଖୋଲିଯାଉଛି ମଦ ଦୋକାନ

**ସାଲେପୁର,୨୪।୮ (ସମିସ):** ସାଲେପୁର ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଥିବାବେଳେ ସରକାରୀ ସ୍ୱୀକୃତିପ୍ରାପ୍ତ ମଦଦୋକାନୀମାନେ ସରକାରଙ୍କ ନିୟମକୁ ବେଖାତିର କରି ମନଇଚ୍ଛା ମଦ ବିକ୍ରୟ କରୁଥିବାରୁ ରାତି ପାହୁ ପାହୁ ବହୁ ବ୍ୟକ୍ତି ନିଶା ସେବନ କରି ରାସ୍ତାରେ ଗଡୁଥିବାବେଳେ କେତେକ ମଧ୍ୟ ଏହି ନିଶା ସେବନ କରି ଛୋଟବଡ଼ ଅପରାଧ ଘଟାଉଥିବା ଅଭିଯୋଗ ହେଉଛି। ସରକାରଙ୍କ ନିୟମ ଅନୁଯାୟୀ ଦେଶୀ ଓ ବିଦେଶୀ ମଦ ଦୋକାନ ସକାଳ ୧୦.୩୦ଟାରୁ ରାତି ୧୦.୩୦ ପର୍ଯ୍ୟନ୍ତ ଖୋଲିବାର ନିୟମ ଥିଲାବେଳେ ସାଲେପୁରରେ ଥିବା ଏକାଧିକ ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନ ସକାଳ ୬ଟାରୁ ମଦ ଦୋକାନ ସଟର ଅଧା ଖୋଲି ମଦ ବିକ୍ରୟ କରୁଥିବା ଦେଖିବାକୁ ମିଳିଛି। ଫଳରେ ମଦ ଦୋକାନ ଖୋଲିବାର ନିୟମ କାନୁନ ଠିକ୍ ଭାବେ ଏହି ଅଞ୍ଚଳରେ କାର୍ଯ୍ୟକାରୀ ହେଉ ନ ଥିବାରୁ ନିଶାଡ଼ିମାନେ ବିଭିନ୍ନ ସମୟରେ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ରାସ୍ତାକଡ଼ରେ ପଡୁଥିବାବେଳେ ବହୁ ଅସାମାଜିକ ବ୍ୟକ୍ତି ନିଶା ସେବନ କରି ଦିନ ଦ୍ୱିପ୍ରହରରେ ଅସାମାଜିକ କାର୍ଯ୍ୟ ଘଟାଇ ଚାଲିଥିବା ଅଭିଯୋଗ ହେଉଛି। ସେହିପରି




ସାଲେପୁର ସହର ଅପେକ୍ଷା ଗ୍ରାମାଞ୍ଚଳରେ ବ୍ୟାପକ ମାତ୍ରାରେ ଚୋରା ଦେଶୀ ଓ ବିଦେଶୀ ମଦ ଛକରେ ବିକ୍ରୟ ହେଉଛି। ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ମାଲିକଙ୍କ ଜାଣତରେ ଭୋର ସମୟରେ ସ୍କୁଟର ଓ ମୋଟର ସାଇକଲ ଯୋଗେ ଗ୍ରାମାଞ୍ଚଳକୁ ମଦ ଚାଲାଣ ହେଉଛି। ସେହିପରି ସାଲେପୁରରେ ଥିବା ଏକାଧିକ ସରକାରୀ ସ୍ୱୀକୃତିପ୍ରାପ୍ତ ଠିପି ବନ୍ଦ ମଦ ଦୋକାନ ଆଗରେ ସକାଳୁ ରାତି ପର୍ଯ୍ୟନ୍ତ ବାର ଭଳି ଖୁଲମଖୁଲା ମଦ୍ୟପାନ କରୁଛନ୍ତି। ସାଲେପୁର ଅବକାରୀ ବିଭାଗ ଏ ସଂପର୍କରେ ଅବଗତ ଥାଇ ମଧ୍ୟ ଏହି ବେଆଇନ କାର୍ଯ୍ୟ ଚଳାଇଥିବା ମଦ ଦୋକାନ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଫଳରେ ସାଲେପୁରରେ ଏକାଧିକ ଠିପିବନ୍ଦ ମଦ ଦୋକାନରେ ଖୁଲମଖୁଲା ବାର ଭଳି ମଦ ବିକ୍ରୟ ଚାଲିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ସୁନା ବ୍ୟବସାୟୀଙ୍କୁ ଲୁଟ୍ ଘଟଣା: ୫ ଗିରଫ



**କଣ୍ଠାପଡ଼ା,୨୪।୮ (ସମିସ):** ଗୋବିନ୍ଦପୁର ଥାନା ଗୋବିନ୍ଦପୁର ବଜାରରେ ସୁନାରୂପା ଦୋକାନ କରିଥିବା ବ୍ୟବସାୟୀ ସୁନୀଲ ସାହୁଙ୍କଠାରୁ ଲୁଟ ଘଟଣାରେ ପୁଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଚଳିତ ମାସ ୧ ତାରିଖ ସନ୍ଧ୍ୟା ୮ଟା ସମୟରେ ଦୋକାନ ବନ୍ଦ କରି ସୁନାରୂପା ଗହଣା ବ୍ୟାଗରେ ଭର୍ତ୍ତିକରି ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଦେବୀ ନଦୀ ଉପରେ ନବନିର୍ମିତ ଗୋବିନ୍ଦପୁରରୁ ସଂଖାରୀ ସାହିକୁ ସଂଯୋଗ କରୁଥିବା ପୋଲ ନିକଟରେ ହଠାତ କିଛି ଦୁର୍ବୃତ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ସୁନା ଓ ରୂପା ଗହଣା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଶ୍ରୀ ସାହୁ ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗତକାଲି ଗୋବିନ୍ଦପୁର ଥାନା ମାଞ୍ଚ ଗ୍ରାମର ସୁଜିତ ବେହେରା, କନ୍ଦରପୁର ଥାନା କନ୍ଦରପୁର ଗ୍ରାମର ଭରତ କୁମାର ଦାସ ଓ ଏହି ଥାନା ବ୍ରାହ୍ମଣବାଦ ଗ୍ରାମର ରାକେଶ ଶୁକ୍ଳା ଏବଂ ଜଗତସିଂହପୁର ଜିଲ୍ଲା ବିରିଡି ଥାନା ଅଞ୍ଚଳର ସରୋଜ ନାଥ ଓ କାଳନ୍ଦୀ ବେହେରାଙ୍କୁ ଗିରଫ କରିଥିବାବେଳେ ଘଟଣାରେ ସଂପୃକ୍ତ ଅନ୍ୟ ଦୁଇଜଣଙ୍କୁ ଖୋଜା ଚାଲିଛି। ଏହି ଲୁଟ ଘଟଣାରେ ଏକ ଟିଭିଏସ ଅପାଚେ ବାଇକ ସୁନାରୂପା ଅଳଙ୍କାର ଓ ବୈଦେଶିକ ମୁଦ୍ରା ପୁଲିସ ଜବତ କରିଥିଲା ଗୋବିନ୍ଦପୁର ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ମିନାକ୍ଷୀ ଠାକୁର ପ୍ରକାଶ କରିଛନ୍ତି। ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ କଟକ ସଦର ଉପଖଣ୍ଡ ଆରକ୍ଷୀ ଅଧିକାରୀ କିରଣ ହେମ୍ବ୍ରମ୍, ନିଆଳୀ ଥାନା ଆଇଆଇସି ବିଜୟ ମଲ୍ଲିକ ଓ ଗୋବିନ୍ଦପୁର ଥାନା ଓ ଆଇଆଇସି ସୋନିଳା ଆନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ସଂସ୍କୃତ ମହାବିଦ୍ୟାଳୟରେ ଟେରାକୋଟା ପ୍ରଶିକ୍ଷଣ




**ନିଶ୍ଚିନ୍ତକୋଇଲି,୨୪।୮ (ସମିସ):** ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ କଟରପଡ଼ା ସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦ ସଂସ୍କୃତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଟେରାକୋଟା ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଅଞ୍ଜଳି ଖଣ୍ଡାୟତଙ୍କ ପୌରହିତ୍ୟରେ ଉକ୍ତ ତାଲିମ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଶିକ୍ଷକ ଭାବେ କାଞ୍ଚନ ବେହେରା ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରଶାନ୍ତ ପଣ୍ଡାଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ସୋମନାଥ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଡ. ପ୍ରତିମା ମହାନ୍ତି, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସୁଜନ ବେହେରା, ଅଧ୍ୟାପକ ଆଶିଷ ନାୟକ, ସୁଦୀପ୍ତ ସ୍ୱାଇଁ, ରବୀନ୍ଦ୍ରନାଥ ଆଚାର୍ଯ୍ୟ, ତନ୍ମୟକିଶୋର ଦାସ, ଅନୀଲ ସାହୁ ଯୋଗ ଦେଇଥିଲେ। ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ଜେନା ଧନ୍ୟବାଦ ଦେଇଥିଲେ।

# ଏନ୍‌ସିସିର ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର

**ଅଡଶପୁର,୨୪।୮ (ସମିସ):** କଣ୍ଟାପଡା ବ୍ଲକ ଅଡଶପୁରସ୍ଥିତ ଓଡିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ଓଡିଶା ବାଟାଲିୟନ କଟକ ୧ ତରଫରୁ ୧୦ ଦିନିଆ ବାର୍ଷିକ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ଅଗସ୍ତି କାନୁନଗୋ, ଅଧକ୍ଷ ପ୍ରଫେସର ଚିରଶ୍ରୀ ଇନ୍ଦ୍ର ସିଂ, କମାଣ୍ଡିଂ ଅଫିସର ବୁଲବୁଲ ଭୂୟାଁ ଏବଂ ମହାବିଦ୍ୟାଳୟ ଏନସିସି କ୍ୟାପଟେନ ଅର୍ଜୁନ ରାଉତ ଯୋଗଦେଇଥିଲେ। ଏହି ଶିବିରରେ ଓଡିଶା ବାଟାଲିୟନ କଟକ ୧ ଅଧିନସ୍ଥ



୨୧ଟି ମହାବିଦ୍ୟାଳୟର ଏବଂ ୩୩ଟି ଉଚ୍ଚ ବିଦ୍ୟାଳୟ ୬୦୦ ଜଣ କ୍ୟାଡେଟ ଭାଗ ନେଇଛନ୍ତି। ୧୦ ଦିନ ଧରି ଏହି ଶିବିର ଚାଲିବାକୁ ଥିବା ବେଳେ ପ୍ରଥମ ବନ୍ଧୁକ ଚାଳନା, ଫ୍ୟାରେଡ ଓ ଡ୍ରିଲ ଭଳି ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ସହ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ। ଶିବିରରେ ୫୦ରୁ ଅଧିକ ଆର୍ମି, ପୁଲିସ ଏବଂ ଡାକ୍ତରୀ ଦଳ ନିୟୋଜିତ ଅଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରୁ ନବଜାତକ ଉଦ୍ଧାର

**ଫୁଲନଖରା,୨୪।୮ (ସମିସ):** କଟକ ସଦର ଥାନା ଅନ୍ତର୍ଗତ ମାହାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟସ୍ଥ ଏକ ଗଛମୂଳରୁ ଏକ ନବଜାତ ଶିଶୁ କନ୍ୟାଟିଏ ଉଦ୍ଧାର ହୋଇଛି। ଭୋର ସମୟରେ ଲୋକମାନେ ଗୋଟିଏ ଗଛମୂଳରେ ଟାୱେଲ ଉପରେ ଏକ ଶିଶୁକନ୍ୟା କାନ୍ଦୁଥିବା ଦେଖି ସଙ୍ଗେ ସଙ୍ଗେ ନିକଟସ୍ଥ ମାହାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତରମାନେ ଶିଶୁଟିର ପ୍ରାଥମିକ ଚିକିତ୍ସା କରିଥିଲେ। ଚିକିତ୍ସା ସମୟରେ ପିଲାଟିର ବାପା ମା କେହି ଆସି ନ ଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ କଟକ ସଦର ପୁଲିସକୁ ଏ ବିଷୟରେ ଜଣାଇଥିଲେ। କଟକ ସଦର ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପିଲାଟିର ଉପଯୁକ୍ତ ଯତ୍ନ ନିମନ୍ତେ ତୁରନ୍ତ ଶିଶୁ ଭବନକୁ ସ୍ଥାନାନ୍ତରିତ କରିଥିଲେ।



ପିଲାଟିକୁ ନିଛାଟିଆ ସ୍ଥାନରେ ରାତିରେ କେହି ଶୁଆଇ ଦେଇ ଚାଲି ଯାଇଥିବାର ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି।

# ସେଚ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ନିଶ୍ଚିନ୍ତକୋଇଲି,୨୪।୮ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପୁଙ୍ଗଶାରେ ଥିବା ଜଳସେଚନ ବିଭାଗ କାର୍ଯ୍ୟାଳୟ କର୍ମଚାରୀ ହରିଚନ୍ଦନ ସେନାପତି ତାଙ୍କ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ସହକାରୀ ଯନ୍ତ୍ରୀ ନବୀନ କିଶୋର ପାଣିଗ୍ରାହୀଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମରେ ପ୍ରମୋଦ ସାହୁ, ପ୍ରଶାନ୍ତ ବେହେରା, ସୋମନାଥ ପ୍ରଧାନ, ଶରତଚନ୍ଦ୍ର ଶତପଥୀ, ଗଜେନ୍ଦ୍ର ଦାସ, ସୁଧାକର ଦାସ, ପ୍ରାଣକୃଷ୍ଣ ସାହୁ, ଶୁକଦେବ ସାହୁ, ମୃତ୍ୟୁଞ୍ଜୟ ସ୍ୱାଇଁ ଯୋଗ ଦେଇଥିଲେ।



# ବେସରକାରୀ ଅଧ୍ୟାପକ-କର୍ମଚାରୀଙ୍କ ଧାରଣା

**ଅଡ଼ଶପୁର,୨୪।୮ (ସମିସ):** କଣ୍ଠାପଡା ବ୍ଲକ ଅଡ଼ଶପୁରସ୍ଥିତ ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟର ବେସରକାରୀ ଅଧ୍ୟାପିକା ଓ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ଏହାଦ୍ୱାରା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଠପଢା ଓ ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସମାନ କାମ କରି ସେମାନେ ଅତି ସ୍ୱଳ୍ପ ଦରମାରେ ବିଦ୍ୟାଦାନ କରୁଛନ୍ତି। ୨୦୦୮ରୁ ୨୦୧୮ ଅନୁଦାନ ଦାବି ପୂରଣ ସହ ଅନ୍ୟ ଦାବି ପୂରଣ ନ ହେଲେ ଏହି ଧାରଣା ଜାରି ରହିବ ବୋଲି



କୁହାଯାଇଛି। ଏହି ଆନ୍ଦୋଳନରେ ଅଧ୍ୟାପିକା ଲିତାରାଣୀ ପ୍ରଧାନ, ଅଧ୍ୟାପିକା ଇତିଶ୍ରୀ ଆଚାର୍ଯ୍ୟ, ଶୁଭଶ୍ରୀ ତ୍ରିପାଠୀ, ସନ୍ତୋଷୀ ମହାନ୍ତି, ଅଧ୍ୟାପକ ରାଜେନ୍ଦ୍ର ଦକ୍ଷିଣକବାଟ, ବିଭୂତିଭୂଷଣ ସ୍ୱାଇଁ, ପ୍ରଗତି ସିଂ, ସ୍ୱର୍ଣ୍ଣପ୍ରଭା ସାହୁ ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି।

# ଡାକ୍ତର ପ୍ରଭୁପଦଙ୍କ ୧୭ତମ ସ୍ମୃତି ଉତ୍ସବ



**ମାହାଙ୍ଗା, ୨୪।୮ (ସମିସ):** ସୁନାମଧନ୍ୟ ଚିକିତ୍ସକ, ବିଶିଷ୍ଟ ଶିକ୍ଷାବିତ, ସେବା ଓ ତ୍ୟାଗର ପ୍ରତିକ ଡାକ୍ତର ପ୍ରଭୁପଦ ମହାନ୍ତିଙ୍କ ୧୭ତମ ସ୍ମୃତି ଶ୍ରଦ୍ଧାଞ୍ଜଳି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବ୍ଲକ କୁହୁଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ସମାଜ ପାଇଁ ଡାକ୍ତର ମହାନ୍ତିଙ୍କ ସେବା ଓ ତ୍ୟାଗର ପଟାନ୍ତର ନାହିଁ ବୋଲି ମତବ୍ୟକ୍ତ କରିଥିଲେ। କୋଠପଡା ବଜାର ଠାରୁ କୁହୁଣ୍ଡା ପଞ୍ଚାୟତ ପର୍ଯ୍ୟନ୍ତ ଏକ ପଦଯାତ୍ରାରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଜନପ୍ରତିନିଧି, ଶୁଭେଚ୍ଛୁମାନେ ପହଞ୍ଚିବା ପରେ, ସେଠାରେ ନିର୍ମିତ ଡାକ୍ତର ମହାନ୍ତିଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିବା ସହିତ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ. ନିଖିଳେଶ ମହାନ୍ତି ଅଧକ୍ଷତା କରିଥିଲେ। ସାହିତ୍ୟିକ ଅଖିଳେଶ ମହାନ୍ତି, ଇଞ୍ଜିନିୟର ନିରଞ୍ଜନ ରାଉତ, ଅଧ୍ୟାପିକା ଜ୍ୟୋତିର୍ମୟୀ ମହାନ୍ତି, ପୂର୍ବତନ ସରପଞ୍ଚ ହେମନ୍ତ ପ୍ରଧାନ, ଶିଖିକେଶ ମହାନ୍ତି, ରବୀନ୍ଦ୍ର ପୃଷ୍ଟି, ଗଣେଶ ବିହାରୀ, ବେଦବ୍ରତ ମହାନ୍ତି, ଦୁର୍ଗାମାଧବ ମହାନ୍ତି, ମମତା ମହାନ୍ତି, ଶ୍ରଦ୍ଧାଞ୍ଜଳି ମହାନ୍ତି, ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଗଣେଶ ବିହାରୀ ଧନ୍ୟବାଦ ଦେଇଥିଲେ।

## ଶିକ୍ଷାଜ୍ୟୋତି ସମ୍ମାନ-୨୦୨୫

# ୩୬ ମେଧାବୀ ଛାତ୍ରଛାତ୍ରୀଙ୍କୁ ଲାପଟପ୍ ବାଣ୍ଟିଲେ ବିଧାୟକ

**ଆଠଗଡ,୨୪।୮ (ସମିସ):** ଫୋରମ୍ ଅଫ ଏକାଡେମିକ୍ସ ଆନୁକୂଲ୍ୟରେ ଆଠଗଡ ନିର୍ବାଚନ ମଣ୍ଡଳୀ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ଶିକ୍ଷା ଜ୍ୟୋତି ସମ୍ମାନ -୨୦୨୫ ଲାପଟପ୍ ବଣ୍ଟନ କାର୍ଯ୍ୟକ୍ରମ ଆଠଗଡ ସହରସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୀର୍ଘ ୧୫ ବର୍ଷ ଧରି ଚାଲୁ ରହିଥିବା ଉକ୍ତ କାର୍ଯ୍ୟକ୍ରମରେ କଟକ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ଓଡିଆ ବିଭାଗର ପ୍ରାଧ୍ୟାପିକା ଡ. ସୁଜାତା ସାହାଣୀ ମୁଖ୍ୟଅତିଥି ଓ ଅଖିଳ ଭାରତ ଛାତ୍ର ସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତି ତଥା ଓଡିଆରେ ଡାକ୍ତରୀ ଶିକ୍ଷା, ଭଳି କିମ୍ବୃତ କିମ୍ଭାକାର ନୀତିକୁ ସମାଲୋଚନା କରିଥିଲେ। ମେଧାବୀ ଛାତ୍ରଛାତ୍ରୀମାନେ ଉଚ୍ଚତର ଶିକ୍ଷାଲାଭ କରି ନିଜ



ସହିତ ନିଜର ସମାଜ ପାଇଁ ଉପଯୋଗୀ ହୁଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଅନୁଷ୍ଠାନ ସଭାପତି ପ୍ରଫେସର ବାମଦେବ ମହାପାତ୍ର ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଆଠଗଡ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ସରକାରୀ ଉଚ୍ଚବିଦ୍ୟାଳୟରୁ ମାଟ୍ରିକ ପରୀକ୍ଷାରେ ୯୦% ପାଇଥିବା ୧୫ ଜଣ ଛାତ୍ରଛାତ୍ରୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ନବୋଦୟବିଦ୍ୟାଳୟ ଓ ଅନ୍ୟାନ୍ୟ ବେସରକାରୀ ବିଦ୍ୟାଳୟରୁ କେନ୍ଦ୍ରୀୟ ଶିକ୍ଷା ବୋର୍ଡରୁ ଏ-ଵପାଇ ମାଟ୍ରିକ ପାସ କରିଥିବା ୧୩ଜଣ ଛାତ୍ରଛାତ୍ରୀ, +୨ ପରୀକ୍ଷାରେ ୩ଟି ବିଭାଗ ଯଥା କଳା, ବିଜ୍ଞାନ ଓ ବାଣିଜ୍ୟରେ ସର୍ବୋଚ୍ଚ ରଖିଥିବା ୪ ଜଣ ଛାତ୍ରଛାତ୍ରୀଙ୍କ ସହିତ ଜଣେ ଦୃଷ୍ଟି ବାଧକ ଛାତ୍ର ଓ +୩ରେ କଳା, ବିଜ୍ଞାନ, ବାଣିଜ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ ଲାପଟପ ବଣ୍ଟନ କରିଥିଲେ। କୁଇଜ, ପଢ଼ଲ ଓ ସାଂସ୍କୃତିକ ପ୍ରତିଯୋଗିତାରେ ୨ଟି ବର୍ଗରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୧୦ ହଜାର, ୫ ହଜାର ଓ ୩ ହଜାର ଲେଖାଏଁ ନଗଦ ଅର୍ଥ ରାଶି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ସମ୍ପାଦକ ପ୍ରାଧ୍ୟାପକ ଡ. ଶଶୀଭୂଷଣ ମିଶ୍ର ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଶତକଡା ୧୦୦ପ୍ରତିଶତ ପରୀକ୍ଷା ଫଳ କରିଥିବା ୧୭ଟି ସରକାରୀ ଉଚ୍ଚବିଦ୍ୟାଳୟ ଓ ୧୨ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧ୍ୟାପକ ଡ. ରାମଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଆଠଗଡ ଏନ୍‌ଏସି ଅଧ୍ୟକ୍ଷ ସସ୍ମିତା ରାଉତ, ଉପାଧ୍ୟକ୍ଷ ବି ଶୁଭ୍ର ଶଙ୍କର ଜ୍ୟୋତି, କାର୍ଯ୍ୟକ୍ରମର ସଂଯୋଜକ ଲଳିତମୋହନ ନାୟକ, ଶିକ୍ଷକ ନୀଳମଣି ନାୟକ କାର୍ଯ୍ୟକ୍ରମ ସଂଯୋଜନା ସହିତ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ଲାଭକରି ଆଠଗଡକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୫୨ ● ପାଉଣ୍ଡ ୧୧୭.୯
- ୟୁରୋ ୧୦୧.୬୪ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୩,୧୫୦ (ଭୁବନେଶ୍ୱର)
- ରୁପା : ୧,୨୨,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୩୦୬.୦୦
- ନିଫ୍ଟି ୨୪,୮୭୦.୦୦




**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଟ୍ରମ୍ପ୍ ଶୁଳ୍କରେ ଚିଙ୍ଗୁଡ଼ି ଚାଷୀ ବରବାଦ୍

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି)



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଉଚ୍ଚ ଶୁଳ୍କ ବା ଟାରିଫ୍ ଲାଗୁ କରିବା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ବଡ଼ ଫାଟ ସୃଷ୍ଟି ହୋଇଛି। ହେଲେ ଏବେ ଟ୍ରମ୍ପ୍‌ଙ୍କ ଏହି ଶୁଳ୍କର ପ୍ରଭାବ ଭାରତୀୟ ଚିଙ୍ଗୁଡ଼ି ଚାଷୀଙ୍କ ଉପରେ ପଡିଛି। କାରଣ ଭାରତୀୟ ଚିଙ୍ଗୁଡ଼ି ଚାଷୀ ଏବଂ ରପ୍ତାନିକାରୀଙ୍କ ପାଇଁ ଆମେରିକା ସବୁଠାରୁ ବଡ଼ ବଜାର। ଏହାର କ୍ରେତାମାନଙ୍କ ମଧ୍ୟରେ ୱାଲମାର୍ଟ ଏବଂ କ୍ରୋଗର ଭଳି ଆମେରିକୀୟ ସୁପରମାର୍କେଟ୍ ଚେନ୍ ରହିଛି। ଗତ ବର୍ଷ, ଭାରତରୁ ବିଶ୍ୱକୁ ମୋଟ ସାମୁଦ୍ରିକ ଖାଦ୍ୟ ରପ୍ତାନି ୭.୪ ବିଲିୟନ ଡଲାର ଥିଲା। ତେବେ କେବଳ ଚିଙ୍ଗୁଡ଼ି ରପ୍ତାନି ଏହାର ୪୦% ଥିଲା। କିନ୍ତୁ ବର୍ତ୍ତମାନ ଟ୍ରମ୍ପ୍ ଶୁଳ୍କର ପ୍ରଭାବରେ ଶିଳ୍ପ ସମସ୍ୟାରେ ପଡ଼ିଛି। ଆମେରିକା ରାଷ୍ଟ୍ରପତି ପୂର୍ବରୁ ଭାରତରୁ ଆମଦାନି ଉପରେ ୨୫% ଶୁଳ୍କ ଲାଗୁ କରିସାରିଛନ୍ତି। ଏହା ବିଶ୍ୱର ପ୍ରମୁଖ ଅର୍ଥନୀତି ମଧ୍ୟରେ ସର୍ବାଧିକ। ଏହ ବ୍ୟତୀତ ରୁଷରୁ ତେଲ କିଣିବା ପାଇଁ ଭାରତ ଉପରେ ଅଗଷ୍ଟ ୨୭ରୁ ଅତିରିକ୍ତ ୨୫% ଶୁଳ୍କ ଲାଗୁ ହେବାକୁ ଯାଉଛି। ତେବେ ଭାରତ ତୁଳନାରେ ଇକ୍ୱେଡର ଉପରେ ଆମେରିକା ଖୁବ୍ କମ୍ ଅର୍ଥାତ୍ ୧୫% ଶୁଳ୍କ ଲଗାଇଛି। ତେଣୁ ଭାରତ ପ୍ରତି ଏବେ ଇକ୍ୱେଡର ଆଡୁ ବିପଦ ରହିଛି। କାରଣ ଇକ୍ୱେଡର ହେଉଛି ଆମେରିକାକୁ ଚିଙ୍ଗୁଡ଼ି ରପ୍ତାନି କରିବାରେ ଭାରତର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ। ଏବେ ଟ୍ରମ୍ପଙ୍କ ୫୦% ଶୁଳ୍କ ଧମକ ଯୋଗୁଁ ଅନେକ ଚାଷୀ ଅନ୍ୟ କାମ କରିବାକୁ ଚିନ୍ତା କରୁଛନ୍ତି। ଏଥିରେ ଓଡ଼ିଶାର ଚୁଙ୍ଗୁଡି ଚାଷୀ ମଧ୍ୟ ରହିଛନ୍ତି। ଭାରତର ଅଧିକାଂଶ ଚିଙ୍ଗୁଡ଼ି ଆନ୍ଧ୍ରପ୍ରଦେଶରୁ ଆମେରିକା ପଠାଯାଏ। ସେଠାକାର ଚାଷୀମାନେ ଲୁଣାପାଣି ପୋଖରୀରେ ଭଲ ଗୁଣବତ୍ତାର ଚିଙ୍ଗୁଡ଼ି ଚାଷ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଥାନ୍ତି। ଏବେ ସେମାନେ ବଡ଼ କ୍ଷତି ସହୁଛନ୍ତି। କାରଣ ହେଉଛି ଭାରତୀୟ ରପ୍ତାନିକାରୀମାନେ ଶୁଳ୍କ ଆଘାତ ପରେ ଚାଷୀମାନଙ୍କୁ ଦିଆଯାଉଥିବା ଚିଙ୍ଗୁଡି ମୂଲ୍ୟରେ ପ୍ରାୟ ୨୦% ହ୍ରାସ କରିଛନ୍ତି। ଏହା ଚାଷୀମାନଙ୍କର ସମସ୍ତ ଲାଭକୁ ନଷ୍ଟ କରିଦେଉଛି।

ସୂଚନାଯୋଗ୍ୟ ଯେ, ଆନ୍ଧ୍ରପ୍ରଦେଶର ପ୍ରାୟ ୩ ଲକ୍ଷ ଚାଷୀ ଚିଙ୍ଗୁଡ଼ି ଚାଷରେ ନିୟୋଜିତ ଅଛନ୍ତି। ସେମାନେ ଆମେରିକାକୁ ସାମଗ୍ରୀ ପଠାଉଥିବା ଡଜନ ଡଜନ ରପ୍ତାନିକାରୀଙ୍କୁ ଉତ୍ପାଦ ବିକ୍ରି କରିଥାନ୍ତି। ଭାରତୀୟ ସାମୁଦ୍ରିକ ଖାଦ୍ୟ ରପ୍ତାନିକାରୀ ସଂଘର ମୁଖ୍ୟ ପବନ କୁମାରଙ୍କ ଅନୁଯାୟୀ, ଗତ କିଛି ସପ୍ତାହରେ ଆମେରିକୀୟ ଗ୍ରାହକଙ୍କଠାରୁ ଅର୍ଡର ବନ୍ଦ ହୋଇଯାଇଛି। କ୍ରେତାମାନେ ଶୁଳ୍କ ବହନ କରିବାକୁ ଇଚ୍ଛୁକ ନୁହଁନ୍ତି। ରପ୍ତାନିକାରୀମାନେ ମଧ୍ୟ ଏହା କରିପାରିବେ ନାହିଁ। ତେଣୁ, ସେମାନଙ୍କୁ ଚାଷୀମାନଙ୍କୁ ଦିଆଯାଉଥିବା ମୂଲ୍ୟ ହ୍ରାସ କରିବାକୁ ପଡିବ। କୁମାର କହିଛନ୍ତି ଯେ ଯଦିଓ ଭାରତ ଚୀନ୍, ଜାପାନ ଏବଂ ବ୍ରିଟେନ୍ ଭଳି ଅନ୍ୟ ଦେଶଗୁଡ଼ିକୁ ମଧ୍ୟ ଚିଙ୍ଗୁଡ଼ି ବିକ୍ରୟ କରେ। ଏହା ସମ୍ଭବ ଯେ ସେଠାରେ ବିକ୍ରି ବିସ୍ତାର କରିବା ଏବଂ ନୂତନ ବଜାରକୁ ବିବିଧ କରିବା ପାଇଁ ପ୍ରୟାସ କରାଯିବ। କିନ୍ତୁ, ଏହା ରାତାରାତି ସମ୍ଭବ ହେବନାହିଁ।

- **ମୂଲ୍ୟ ୨୦% କମାଇଲେ ରପ୍ତାନିକାରୀ**
- **ବ୍ୟବସାୟ ବଦଳାଇବାକୁ ଯୋଜନା କରୁଛନ୍ତି କ୍ଷତିଗ୍ରସ୍ତ ଚାଷୀ**

## ଗ୍ରାମୀଣ ମହିଳାଙ୍କୁ ସଶକ୍ତ କରୁଛି ବେଦାନ୍ତ

ଭୁବନେଶ୍ୱର,୨୪।୮ (ସମିସ): ପଶ୍ଚିମ ଓଡ଼ିଶାର ଗ୍ରାମାଞ୍ଚଳରେ ପ୍ରାଚୀନ ପରମ୍ପରା ଏବଂ ନିପୁଣ କାରିଗରୀ ଦୀର୍ଘକାଳ ଧରି ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଯାଇଛି। ସମ୍ବଲପୁରୀ ହସ୍ତତନ୍ତର ସ୍ପନ୍ଦନଶୀଳ ଢାଞ୍ଚାଠାରୁ ଟେରାକୋଟା କଳାର ମାଟିର ସୁନ୍ଦରତା ପର୍ଯ୍ୟନ୍ତ, ଏହି ସାଂସ୍କୃତିକ ଅଭିବ୍ୟକ୍ତିଗୁଡ଼ିକ ପିଢ଼ି ପରେ ପିଢ଼ି ଚାଲିଆସିଥିବା ପରିଚୟ ଏବଂ କାହାଣୀଗୁଡ଼ିକୁ ପ୍ରକାଶ କରେ। ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ୟୁନିଟ୍, ଓଡ଼ିଶାର ସର୍ବବୃହତ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ଗୋଟିଏ ପ୍ରୋଜେକ୍ଟ ଶୁଭଲକ୍ଷ୍ମୀ ଉଦ୍ୟୋଗିନୀର ବ୍ୟାପକ ସହାୟତା ମାଧ୍ୟମରେ - ମହିଳା କାରିଗରମାନଙ୍କୁ ସେମାନଙ୍କ ମୂଳ ସହିତ ପୁନଃ ସଂଯୋଗ, ଦକ୍ଷତା ବୃଦ୍ଧି ଏବଂ ସଶକ୍ତ ଜୀବନ ଗଠନ କରିବାରେ ସାହାଯ୍ୟ କରୁଛି। ଏହି ପ୍ରକଳ୍ପ ଅନ୍ତର୍ଗତ ଦୁଇଟି ପ୍ରମୁଖ ପଦକ୍ଷେପ, ଭେଦସୁତା ଏବଂ ଭେଦମୃର୍ତ୍ତିକା, ମହିଳାମାନଙ୍କୁ ପାରମ୍ପରିକ ଜ୍ଞାନକୁ ସ୍ଥାୟୀ ଜୀବିକାରେ ପରିଣତ କରିବାରେ ସକ୍ଷମ କରୁଛି, ଏବଂ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରୁଛି। ଏହି ପ୍ରୟାସଗୁଡ଼ିକର ବ୍ୟାପକ ପ୍ରଭାବ ଉପରେ ଆଲୋକପାତ କରି, ଝାରସୁଗୁଡାର ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସି ଚନ୍ଦ୍ରୁ କହିଛନ୍ତି, ବେଦସୁତା ଏବଂ ବେଦମୃର୍ତ୍ତିକା ଭଳି ପଦକ୍ଷେପ ମାଧ୍ୟମରେ, ଆମେ ମହିଳା କାରିଗରମାନଙ୍କୁ କେବଳ ପାରମ୍ପରିକ ହସ୍ତଶିଳ୍ପକୁ ପୁନରୁଦ୍ଧାର କରିବାରେ ସାହାଯ୍ୟ କରୁନାହୁଁ ବରଂ ସେମାନଙ୍କୁ ନିଜ ପାଇଁ ଏବଂ ସେମାନଙ୍କ ପରିବାର ପାଇଁ ଉନ୍ନତ, ଅଧିକ ସୁରକ୍ଷିତ ଜୀବିକା ନିର୍ମାଣ କରିବାରେ ମଧ୍ୟ ସକ୍ଷମ କରିଛୁ।



## ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ ବିପର୍ଯ୍ୟୟ ପ୍ରସ୍ତୁତି କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୪।୮ (ଏଜେନ୍ସି): ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ ଜିଲ୍ଲା ପ୍ରଶାସନ ସହଯୋଗରେ ଏନ୍‌ଡିଆର୍‌ଏଫ୍‌କୁ ନେଇ ଏକ ବିପର୍ଯ୍ୟୟ ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ସମ୍ବଲପୁର ୱାର୍କ୍ସ ଜିଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ (ଜରୁରୀକାଳୀନ ବିଭାଗ), ସମ୍ବଲପୁରଙ୍କ କାର୍ଯ୍ୟାଳୟ ସହିତ ମିଳିତ ଭାବରେ ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ କାର୍ଯ୍ୟକ୍ଷମ ପରିଚିତି ଅଭ୍ୟାସ ଉପରେ ଏକ ସାମୁହିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି ଅଭ୍ୟାସ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ, ସମ୍ବଲପୁରର ସହାୟତାରେ କଟକର ମୁଣ୍ଡଳି, ଏନ୍‌ଡିଆର୍‌ଏଫ୍‌ର ତୃତୀୟ ବାଟାଲିୟନ ଦ୍ୱାରା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ଉମେଶ ରାୟ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଅବସରରେ କମ୍ପାନୀର ବରିଷ୍ଠ ନେତୃବୃନ୍ଦ, ସରକାରୀ ଅଧିକାରୀ ଏବଂ ସୁରକ୍ଷା ବିଶେଷଜ୍ଞଙ୍କ ସହ ସିନିୟର ଭିପି-ଅପରେସନ୍ସ ପ୍ରକାଶ ସାପା, ଜେପି ସିଂହ ଭିପି ଏବଂ ଏଚ୍‌ଆର୍ ମୁଖ୍ୟ, ମନୋଜ କୁମାର ସିଂହ, ଭିପି ପ୍ରଶାସନିକ, ଅଶୋକ ବିଶ୍ୱାଳ, ମୁଖ୍ୟ (ଫାୟାର ଆଣ୍ଡ ସେଫ୍ଟି), ଅଭିଜିତ ସାହୁ- ନିରୀକ୍ଷକ, ଏନ୍‌ଡିଆର୍‌ଏଫ୍, ଉମାକାନ୍ତ ସାମନ୍ତରାୟ ସମ୍ବଲପୁର ଜୋନ୍ -୧ର କାରଖାନା ଏବଂ ବଏଲର ସହକାରୀ ନିର୍ଦ୍ଦେଶକ, ଗୀତାଞ୍ଜଳି ସ ଜିଲ୍ଲା ପ୍ରକଳ୍ପ ଅଧିକାରୀ ସମ୍ବଲପୁର ଏବଂ ସୁଶାନ୍ତ ରାଉଳ ଷ୍ଟେସନ ଅଗ୍ନିଶମ ଅଧିକାରୀ, ରେଙ୍ଗାଲି ଅଗ୍ନିଶମ ଷ୍ଟେସନ ପ୍ରମୁଖ ଉପସ୍ଥିତ ଥିଲେ।

## ଅନିଲଙ୍କ ବ୍ୟାଙ୍କ ଖାତା ଜାଲ୍ ଘୋଷିତ

ନୂଆଦିଲ୍ଲୀ,୨୪।୮ (ଏଜେନ୍ସି): ପୁଣି ବଢ଼ିଲା ଅନିଲ ଅମ୍ବାନୀଙ୍କ ଅଡୁଆ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପରେ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ମଧ୍ୟ ଋଣଗ୍ରସ୍ତ ରିଲାଏନ୍ସ କମ୍ୟୁନିକେସନ୍ସ (ଆର୍‌କମ୍) ଏବଂ ଏହାର ପୂର୍ବତନ ନିର୍ଦ୍ଦେଶକ ଅନିଲ ଅମ୍ବାନୀଙ୍କ ଆକାଉଣ୍ଟକୁ ' ଫ୍ରଡ୍' ଘୋଷଣା କରିଛି। ବ୍ୟାଙ୍କ ଅଭିଯୋଗ କରିଛି ଯେ, କମ୍ପାନୀ ୨୦୧୬ରେ ନେଇଥିବା ଋଣରେ ହେରଫେର କରିବା ସହ ଏହାକୁ ଅନ୍ୟତ୍ର ବ୍ୟବହାର କରିଥିଲା।



ଏକ ଫାଇଲିଂରେ ଆରକମ୍ କହିଛି, ଅଗଷ୍ଟ ୨୨ ତାରିଖରେ କମ୍ପାନିକୁ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଏକ ଚିଠି ମିଳିଥିଲା। ଯେଉଁଥିରେ କମ୍ପାନି, ଅନିଲ ଧୀରଜଲାଲ ଅମ୍ବାନୀ (ପୂର୍ବ ନିର୍ଦ୍ଦେଶକ) ଏବଂ ମଞ୍ଜରୀ ଅଶୋକ କକ୍କର (ପୂର୍ବ ନିର୍ଦ୍ଦେଶକ)ଙ୍କ ଆକାଉଣ୍ଟକୁ 'ଫ୍ରଡ୍' ଘୋଷଣା କରାଯାଥିବା ସୂଚନା ରହିଥିଲା। ଏହା ପୂର୍ବରୁ ଜୁନ୍ ମାସରେ ଏସ୍‌ବିଆଇ ମଧ୍ୟ ଆର୍‌କମ୍ ଏବଂ ଅନିଲ ଅମ୍ବାନୀଙ୍କ ଆକାଉଣ୍ଟକୁ ଫ୍ରଡ ଘୋଷଣା କରିଥିଲା। ଏହି ଅଭିଯୋଗ ପରେ ଶନିବାର ସିବିଆଇ ଅମ୍ବାନୀଙ୍କ ଘର ଏବଂ ଆର୍‌କମ୍ ସହ ଜଡ଼ିତ କିଛି ସ୍ଥାନରେ ଚଢାଉ କରିଥିଲା। ଏସ୍‌ବିଆଇ କହିଛି ପାଣ୍ଠିର ଅପବ୍ୟବହାର ଯୋଗୁ ବ୍ୟାଙ୍କକୁ ୨, ୯୨୯ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି।

**ଏସ୍‌ବିଆଇ ପରେ ବିଓଆଇ ଲଗାଇଲା ବଡ଼ ଅଭିଯୋଗ**

ସୂଚନା ଅନୁଯାୟୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ ୨୦୧୬ ଅଗଷ୍ଟରେ ଆର୍‌କମ୍‌କୁ ୭୦୦ କୋଟି ଟଙ୍କାର ଋଣ ଦେଇଥିଲା। ଏଥିରୁ ୨୦୧୬ ଅକ୍ଟୋବରରେ ଜାରି ହୋଇଥିବା ଅର୍ଥରାଶିର ଅଧାରୁ ଅଧିକ ଟଙ୍କାକୁ କମ୍ପାନି ସ୍ଥାୟୀ ଜମା ବା ଫିକ୍ସ ଡିପୋଜିଟ୍ ଭାବରେ ରଖିଥିଲା। ଯାହା ନେଇଥିବା ଋଣର ସର୍ତ୍ତ ବିରୁଦ୍ଧ। ଷ୍ଟକ୍ ଏକ୍ସଚେଞ୍ଜକୁ ଦିଆଯାଇଥିବା

## ୟୁ-ଟ୍ୟୁବ୍‌ରେ ସ୍କ୍ରିନ୍ ଆୱାର୍ଡସ୍ ୨୦୨୫

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ସ୍କ୍ରିନ୍ ଆୱାର୍ଡସ୍ ୨୦୨୫କୁ ୟୁଟ୍ୟୁବ୍‌ରେ ନୂଆ ଢଙ୍ଗରେ ଉନ୍ମୋଚନ କରାଯାଇଛି। ଏହା ହେଉଛି ଭାରତୀୟ ସିନେମା ଓ କାହାଣୀ ବର୍ଣ୍ଣନାର ଐତିହାସିକ ସମାରୋହ। ସ୍କ୍ରିନ୍ ଆୱାର୍ଡସ୍ ୨୦୨୫ କେବଳ ଏକ ପୁରସ୍କାର ସମାରୋହ ନୁହେଁ। ଏହା ହେଉଛି ସମ୍ପାଦକୀୟ ବିଶ୍ୱସନୀୟତା, ସାଂସ୍କୃତିକ ପରମ୍ପରା ଓ ଡିଜିଟାଲ୍ ଉପସ୍ଥିତିର ମିଶ୍ରଣ। ଦି ଇଣ୍ଡିଆନ ଏକ୍ସପ୍ରେସ ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଗୋଏଙ୍କା କହିଛନ୍ତି ଯେ, ଭାରତୀୟ ସିନେମା ଏକ ମଞ୍ଚର ହକଦାର ଯାହା ସମ୍ଭାର ବାହାରେ ସୃଜନଶୀଳତାକୁ ପାଳନ କରୁଥିବ। ଆମ କାହାଣୀକାରମାନେ ୧୪୦ କୋଟି ସ୍ୱପ୍ନକୁ ଧାରଣ କରୁଛନ୍ତି ଯାହା ପରମ୍ପରା ସହ ଗଭୀର ଭାବେ ଜଡ଼ିତ ଥିବା ବେଳେ ଏକ ଆକର୍ଷଣୀୟ ଭବିଷ୍ୟତ ଆଡ଼କୁ ଯାତ୍ରା କରୁଛି। ଏହି ପୁରସ୍କାର ଭାରତର ସେହି ଶକ୍ତିଶାଳୀ ଓ ଅସଲି ସ୍ୱରର ଭାବକୁ ସମ୍ମାନିତ କରୁଛି।



## ଟେଟ୍ରାହେଡ୍ରନ୍ ପକ୍ଷରୁ ମେଗା ରକ୍ତଦାନ ଶିବିର

କଟକ,୨୪।୮ (ସମିସ)

କଟକ ଜିଲ୍ଲା ଟାଙ୍ଗୀସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ନିଜ କ୍ୟାମ୍ପସ ପରିସରରେ ଆୟୋଜିତ ଶିବିରକୁ ପ୍ରତିଷ୍ଠାତା ଅଧ୍ୟକ୍ଷ ତ୍ରିଦେବ ବେହେରା ପୂର୍ବାହ୍ନରେ ଉଦଘାଟନ କରିଥିବାବେଳେ ମୋଟ ୧୨୧୨ ୟୁନିଟ୍ ରକ୍ତ ସଂଗୃହିତ ହେବା ସାଧାରଣରେ ଚର୍ଚ୍ଚାକୁ ଆସିଛି। ଧର୍ମପତ୍ନୀ ତଥା ରେଡକ୍ରସର ଜିଲ୍ଲା ସଂଯୋଜିକା ଡଃ ସସ୍ମିତା ପଟ୍ଟନାୟକ ଓ ଶିକ୍ଷାବିତ ତାପସ କୁମାର ମଲ୍ଲିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିବାବେଳେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଅତିଥିଭାବେ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଭିଭାବକ,ଅଧ୍ୟାପକ,ଅଧ୍ୟାପିକା ଓ ସୁପରଭାଇଜରଙ୍କ ସମେତ ସମସ୍ତ କର୍ମଚାରୀ ଶିବିରରେ ସାମିଲ ହୋଇ ରକ୍ତଦାନ କରିଥିଲେ। ଅନ୍ୟପକ୍ଷରେ ଭଙ୍ଗିମୁଣ୍ଡା ସରପଞ୍ଚ ତାପସ କୁମାର ସାହୁ ଓ ସାମାଜିକ କର୍ମୀ ଅମୂଲ୍ୟ କୁମାର ବେଉରାଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ଅନୁଷ୍ଠାନକୁ ଭଲ ପାଇବା ସହ ରକ୍ତଦାନ କରିବା ଦେଖାଯାଇଥିଲା।



# ନୂଆ ଆୟକର ବିଲ୍ ବେତନଧାରୀଙ୍କୁ ଦେବ ବଡ଼ ଲାଭ

ନୂଆଦିଲ୍ଲୀ,୨୪।୮ (ଏଜେନ୍ସି)

କେନ୍ଦ୍ର ସରକାର ଚଳିତମାସରେ ଲୋକସଭାରେ ନୂତନ ଆୟକର ବିଲ୍ ୨୦୨୫କୁ ଅନୁମୋଦନ ଦେଇଛନ୍ତି। ଏହା ପୂର୍ବରୁ ସରକାର ସଂସଦରେ ଉପସ୍ଥାପିତ ଏହି ବିଲ୍‌ର ପୁରୁଣା ଚିଠାକୁ ପ୍ରତ୍ୟାହାର କରିନେଇଥିଲେ, ଯାହାଦ୍ୱାରା ଲୋକସଭାର ସିଲେକ୍ଟ କମିଟିର ସୁପାରିସଗୁଡ଼ିକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇପାରିବ। ଏହା ସେହି ବିଲ୍ ଯାହାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରୀରେ ବଜେଟ ଅଧିବେଶନ ସମୟରେ ଆଗତ କରିଥିଲେ। ପରେ ଏହାକୁ ତୁରନ୍ତ ସିଲେକ୍ଟ କମିଟି ନିକଟକୁ ପଠାଯାଇଥିଲା। ବିରୋଧୀଙ୍କ ପ୍ରବଳ ବିରୋଧ ମଧ୍ୟରେ ନୂତନ ଆୟକର ବିଲ୍ କୌଣସି ବିତର୍କ ବିନା ସଂସଦରେ ବାଚନିକ ଭୋଟ୍‌ରେ ଅନୁମୋଦନ ଲାଗ କରିଥିଲା। ସଂଶୋଧିତ ଆୟକର ବିଲ୍‌ରେ ସିଲେକ୍ଟ କମିଟିର ପ୍ରାୟ ସମସ୍ତ ସୁପାରିସକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ବିଲ୍ ଆୟକର ଆଇନ ୧୯୬୧ର ସ୍ଥାନ ନେବ। ତେବେ ଏହି ବିଲ୍‌ରେ ଥିବା କେତେକ ଗୁରୁତ୍ୱପୂର୍ଣ୍ଣ ଜିନିଷ ଯାହା ମଧ୍ୟବିତ୍ତ ଏବଂ ବର୍ଗ ପାଇଁ ବେଶ ଉପଯୋଗୀ।

- **ଛୋଟ କରଦାତା ବି ପାଇବେ ସୁବିଧା**
- **ବିଳମ୍ବରେ ଆଇଟିଆର୍ ଦାଖଲ କଲେ ଜରିମାନା ସହିତ ଅର୍ଥ ରିଫଣ୍ଡ**




**■ ଆଇଟିଆର୍ ଫାଇଲ୍ କରିବା ସମୟରେ ମୂଲ୍ୟାୟନ ବର୍ଷର ଦ୍ୱନ୍ଦ୍ୱ ଶେଷ ହେବ**

ନୂତନ ଆୟକର ବିଲ୍ ୨୦୨୫ରେ, ମୂଲ୍ୟାୟନ ବର୍ଷକୁ ଟିକସ 'ବର୍ଷ' ସହିତ ବଦଳାଯାଇଛି। ବିଲ୍‌ର ପୃଷ୍ଠା ୮୨୩ରୁ ୬୨୨କୁ ହ୍ରାସ କରାଯାଇ ଏହାକୁ ସରଳ କରାଯାଇଛି। ପୁରୁଣା ଆଇନରେ ୫.୧୨ ଲକ୍ଷ ଶବ୍ଦ ଏବଂ ୮୧୯ ଧାରା ଥିଲା।

**■ ବିଳମ୍ବରେ ଆଇଟିଆର୍ ଦାଖଲ କଲେ ଜରିମାନା ସହିତ ରିଫଣ୍ଡ ପାଇପାରିବେ**

୧୯୬୧ର ଆୟକର ଆଇନ ଅନୁଯାୟୀ, ଯଦି ନିର୍ଦ୍ଧାରିତ ସମୟ ପରେ ଆଇଟିଆର୍ ଦାଖଲ କରାଯାଇଥିଲା, ତେବେ କୌଣସି ରିଫଣ୍ଡ ନ ଥିଲା, କିନ୍ତୁ ନୂତନ ବିଲ୍‌ରେ ବିଳମ୍ବରେ ଆଇଟିଆର୍ ଦାଖଲ କରିବା ପରେ ଜରିମାନା ଦେବା ସହିତ ରିଫଣ୍ଡ ମଧ୍ୟ ଦାବି କରାଯାଇପାରିବ।

**■ ଘର ସମ୍ପତ୍ତିରୁ ଆୟ ଉପରେ କାଟ**

ନୂତନ ଆୟକର ବିଲ୍ ୨୦୨୫ରେ, ଘର ସମ୍ପତ୍ତିରୁ ଆୟ ଉପରେ ୩୦% ମାନକ ଡିଡକ୍ସନ ଏବଂ ଭଡା ସମ୍ପତ୍ତି ଉପରେ ସୁଧ ଡିଡକ୍ସନକୁ ମଞ୍ଜୁର କରାଯାଇଛି। ନୂତନ ବିଲ୍ ଅନୁଯାୟୀ, ଏବେ ଅଣ-କର୍ମଚାରୀମାନେ ମଧ୍ୟ ପରିବର୍ତ୍ତନିତ ପେନସନ ଉପରେ ଟିକସ ଛାଡ଼ର ଲାଭ ପାଇବେ।

**■ ୧୨.୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଟିକସମୁକ୍ତ**

ନୂତନ ଆୟକର ବିଲ୍ ଅନୁଯାୟୀ, ନୂତନ ଟିକସ ବ୍ୟବସ୍ଥାରେ ଷ୍ଟାଣ୍ଡାର୍ଡ ଡିଡକ୍ସନ ୫୦ ହଜାର ଟଙ୍କାରୁ ୭୫ ହଜାର ଟଙ୍କାକୁ ବୃଦ୍ଧି ବ୍ୟବସ୍ଥା ରହିଛି। ଏହି ଅନୁଯାୟୀ, ବେତନଭୋଗୀ ବର୍ଗ ୧୨.୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ କୌଣସି ଟିକସ ଦେବେ ନାହିଁ। କିନ୍ତୁ ଆୟକର ଆଇନର ଚିଠାରେ ଏକ ଭୁଲ ଯୋଗୁଁ, ଏହି ବର୍ଦ୍ଧିତ ଡିଡକ୍ସନ କାର୍ଯ୍ୟକାରୀ ହେଉ ନ ଥିଲା। ଏବେ ସରକାର ଏହି ଭୁଲ ସଂଶୋଧନ କରିଛନ୍ତି, ଯାହା ଲକ୍ଷ ଲକ୍ଷ କରଦାତାଙ୍କୁ ବଡ଼ ଆଶ୍ୱସ୍ତି ପ୍ରଦାନ କରିବ।

**■ କରଦାତା ଆଗୁଆ ନିଲ-ଟିଡିଏସ୍ ପ୍ରମାଣପତ୍ର ପାଇବେ**

ଯେଉଁମାନଙ୍କର କୌଣସି ଟିକସ ଦାୟିତ୍ୱ ନାହିଁ ସେମାନେ ଏବେ ଆଗୁଆ ନିଲ-ଟିଡିଏସ୍ ପ୍ରମାଣପତ୍ର ନେଇପାରିବେ। ଏହି ସୁବିଧା ଭାରତୀୟ ଏବଂ ଅଣ-ଆବାସୀ କରଦାତା ଉଭୟଙ୍କ ପାଇଁ ପ୍ରଯୁଜ୍ୟ ହେବ। ଏହା ଟିଡିଏସ୍ ସମ୍ବନ୍ଧୀୟ ଅନାବଶ୍ୟକ ଡିଡକ୍ସନ ଏବଂ ଗଣନାକୁ ଏଡାଇବ।

**■ ଖାଲି ଘର ଉପରେ ଟିକସ ହଟାଇ ଦିଆଯାଇଛି**

ପୁରୁଣା ଆଇନ ଅନୁଯାୟୀ, ଖାଲି ଘର ଉପରେ ଧାରଣାଗତ ଭଡ଼ା ଉପରେ ଟିକସ ଥିଲା। ଯାହାକୁ ନୂତନ ବିଲରେ ହଟାଇ ଦିଆଯାଇଛି। ଏହା ସେମାନଙ୍କୁ ଆଶ୍ୱସ୍ତି ଦେବ ଯେଉଁମାନଙ୍କର ଭଡା ନିଆଯାଇ ନ ଥିବା ସମ୍ପତ୍ତି ରହିଛି।

## ଶ୍ରୀଜଗନ୍ନାଥଙ୍କ ନବକଳେବର ସିନେମା


## ଛତିଶା ନିଯୋଗ ପକ୍ଷରୁ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୪।୮ (ସମିସ): ଶ୍ରୀଜଗନ୍ନାଥଙ୍କ ନବକଳେବର ସିନେମା ଆଜି ପୁରୀଠାରେ ସ୍ୱତନ୍ତ୍ର ଭାବେ ପ୍ରଦର୍ଶିତ ହୋଇଥିବାବେଳେ ଛତିଶା ନିଯୋଗ ତରଫରୁ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କୁ ଏହି ଚଳଚ୍ଚିତ୍ର ନିର୍ମାଣ ନିମନ୍ତେ ପ୍ରେରଣା ତଥା ମାର୍ଗଦର୍ଶନ ସକାଶେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଙ୍ଗବସ୍ତ୍ର ପାଟ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଗୁରୁଜୀଙ୍କ ଅନୁପସ୍ଥିତିରେ ଚଳଚ୍ଚିତ୍ରର ପ୍ରଯୋଜକ ବିନି ସାମଲ ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ। ଚଳଚ୍ଚିତ୍ରର ପୂରା ଟିମ୍‌କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଷୀ,ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ପୂଜାପଣ୍ଡା ସମ୍ପାଦକ ମାଧବ ଚନ୍ଦ୍ର ପୂଜାପଣ୍ଡା, ପୂର୍ବତନ ପରିଚାଳନା କମିଟି ସଭ୍ୟ ଅନନ୍ତ ତିଆଡ଼ି ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଛତିଶା ନିଯୋଗ ଏବଂ ସୁଆର ମହାସୁଆର ନିଯୋଗ ପକ୍ଷରୁ ଏହି ସ୍ୱତନ୍ତ୍ର ଶୋ'ର ଆୟୋଜନ କରାଯାଇଥିଲା।



## ଡଲାସ୍‌ରେ ସାଇ ସନ୍ଧ୍ୟା ସିବିଏସ୍ କମ୍ୟୁନିଟି ଡେଭଲପ୍‌ମେଣ୍ଟ ଫାଉଣ୍ଡେସନ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୪।୮ (ସମିସ): ଯୁକ୍ତରାଷ୍ଟ୍ର ଆମେରିକାର ଡଲାସରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆମାନଙ୍କ ପକ୍ଷରୁ ଗତକାଲି ଶିରିଡ଼ି ସାଇ ସନ୍ଧ୍ୟାର ଭବ୍ୟ ଆୟୋଜନ କରାଯାଇଥିଲା। ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କୁ ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଥିଲା। ଶିରିଡ଼ି ସାଇବାବାଙ୍କର ଆରତୀ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହାପରେ ଛୋଟ ଛୋଟ ପିଲା ଓ ଭକ୍ତମାନଙ୍କ ଦ୍ୱାରା ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ରଚିତ ସଂଗୀତ ଓ ଶ୍ରୀଗୁରୁ ଭାଗବତ ପ୍ରାର୍ଥନା ଗାନ କରାଯାଇଥିଲା। ଏହି ଅବସରରେ ଗୁରୁଜୀ ଡ. ଶତପଥୀ 'ସିବିଏସ କମ୍ୟୁନିଟି ଡେଭଲପମେଣ୍ଟ ଫାଉଣ୍ଡେସନ୍'କୁ ଉନ୍ମୋଚନ କରିଥିଲେ। ଗୁରୁଜୀ ଡ. ଶତପଥୀ ଉଦ୍‌ବୋଧନ ଦେଇ ଆଜିର ସମାଜରେ ଶ୍ରୀଗୁରୁ ଭାଗବତର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିବା ସହ ପାରସ୍ପରିକ ସଂହତି ଓ ମୈତ୍ରୀ ପ୍ରତିଷ୍ଠା ଦିଗରେ ଏହା କିପରି ସହାୟକ ହେଉଛି ତାହା ପ୍ରକାଶ କରିଥିଲେ।







ଉତ୍ତର ଓଡ଼ିଶାରେ ବର୍ଷା ବିପ୍ଳାତ: କୂଳ ଲଘିଂଲା ସୁବର୍ଣ୍ଣରେଖା-ବୁଢ଼ାବଳଙ୍ଗ-ବୈତରଣୀ

# ସୁବର୍ଣ୍ଣରେଖାରେ ଷଷ୍ଠ ବନ୍ୟା

## ଉତ୍ତର ବାଲେଶ୍ୱରର ୮୦ ଗାଁରେ ପଶିଲା ପାଣି

ବାଲେଶ୍ୱର, ୨୪।୮ (ସମିସ): ଚଳିତବର୍ଷ ସୁବର୍ଣ୍ଣରେଖାରେ ଷଷ୍ଠଥର ବନ୍ୟା ଆସିଛି। ଆଜି ସଂଧ୍ୟା ସୁଦ୍ଧା ଜଳେଶ୍ୱର, ବାଲିଆପାଳ ଓ ଭୋଗରାଇ ବ୍ଲକର ପ୍ରାୟ ୮୦ରୁ ଅଧିକ ଗାଁରେ ବନ୍ୟା ପାଣି ପ୍ରବେଶ କରି ସାରିଥିବା ବେଳେ ଧୀରେଧୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ଏହି ବନ୍ୟା ଯୋଗୁଁ ହେକ୍ଟର ହେକ୍ଟର୍ ଜମିରେ ହୋଇଥିବା ଧାନ ଚାଷ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ସୂଚନାନୁଯାୟୀ, ଉପରମୁଣ୍ଡରେ ଲଗାଣ ବର୍ଷା ସାଙ୍ଗକୁ ଝାଡ଼ଖଣ୍ଡ ଗାଲୁଡ଼ିହି ଜଳଭଣ୍ଡାର ଗତକାଲିଠାରୁ ୧୩ଟି ଗେଟ୍ ଖୋଲା ରଖିଛି। ଏଥିଯୋଗୁଁ ଘଣ୍ଟାକୁ ୫୧୬୯.୦୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିବାରୁ ସୁବର୍ଣ୍ଣରେଖା କୂଳ ଲଘିଂବାରେ ଲାଗିଛି। ରାଜଘାଟଠାରେ ଆଜି ଏହା ବିପଦ ସଂକେତ (୧୦.୩୬ ମିଟର) ଉପରେ ପ୍ରବାହିତ ହେଉଛି। ମିଳିଥିବା ସୂଚନାନୁଯାୟୀ, ସଂଧ୍ୟା ପ୍ରାୟ ୭ଟା ସୁଦ୍ଧା ଜଳସ୍ତର ୧୧.୨୦ ମିଟର ଉପରେ ପ୍ରବାହିତ ହେଉଛି। ଫଳରେ ଉତ୍ତରବାଲେଶ୍ୱରର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ବ୍ଲକର ୮୦ରୁ ଅଧିକ ଗ୍ରାମ ସହ ବସ୍ତା ବ୍ଲକର କେତେକ ଗ୍ରାମରେ ବନ୍ୟା ପାଣି ପ୍ରବେଶ କରିଛି। ଏହାକୁ ମିଶାଇ ଗତ ଜୁଲାଇରୁ ଏଯାବତ୍ ୬ଥର ବନ୍ୟା ଆସିବା ଫଳରେ ଏହି ସବୁ ଅଞ୍ଚଳର ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ବଢ଼ିଯାଇଛି। ପୂର୍ବ ବନ୍ୟାରେ ଜମିରେ ଧାନ ତଳି ପଚି ନଷ୍ଟ ହୋଇଥିବା ବେଳେ ଚାଷୀମାନେ ଅନ୍ୟ ସ୍ଥାନରୁ ବଳକା ଧାନ ତଳି କିଣି ଆଣି ନିଜ ଜମିରେ ଧାନ ରୋଇଥିବା ବେଳେ ପୁଣି ଏହି ବନ୍ୟା ଚାଷୀକୁଳଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି।

ସୁବର୍ଣ୍ଣରେଖାର ଉଭୟ ପାର୍ଶ୍ୱରେ ଥିବା ଦୁର୍ବଳ ନଦୀବନ୍ଧରେ ବାଲିବସ୍ତା ପକାଇ ଜଗିବାକୁ ସେଚ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଳିକ ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ସିଂ, ବସନ୍ତ କୁମାର ବେହେରା, ସହକାରୀ ଯନ୍ତ୍ରୀ ପ୍ରମଥ କୁମାର ଦେ, ଡାକ୍ତରସିଂ, କନିଷ୍ଠଯନ୍ତ୍ରୀ ଚିତ୍ତରଞ୍ଜନ ଶିଅଳ ସହ ସେଚ କର୍ମଚାରୀ ନଦୀ ବନ୍ଧରେ ୨୪ଘଣ୍ଟିଆ ପହରା ଦେଉଥିବାର ସୂଚନା ମିଳିଛି। ଜିଲ୍ଲା ପ୍ରଶାସନ ବନ୍ୟା ମୁକାବିଲା ପାଇଁ ଦେଶୀ ଡଙ୍ଗା, ଏନଡିଆରଏଫ ଓ ଅଗ୍ନିଶମ ବିଭାଗକୁ ନିୟୋଜିତ କରିଛି।

### ଫୁଲୁଛି ବୁଢ଼ାବଳଙ୍ଗ

ବାଲେଶ୍ୱର, ୨୪।୮ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜିଲ୍ଲାରେ ପ୍ରବାହିତ ଅନ୍ୟତମ ନଦୀ ବୁଢ଼ାବଳଙ୍ଗର ଜଳସ୍ତର କ୍ରମଶଃ ବୃଦ୍ଧି ପାଉଛି। ଉପରମୁଣ୍ଡରୁ ଆଜି ରାତି ସୁଦ୍ଧା ପାଣି ବଢ଼ିଲେ ନଦୀରେ ବନ୍ୟା ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ସ୍ଥିତି ହେଲେ ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ପାଖାପାଖି ୧୦ହଜାର ଲୋକେ ପ୍ରଭାବିତ ହେବାର ଆଶଙ୍କା ମଧ୍ୟ ରହିଛି। ଗତ ଶନିବାର ଜିଲ୍ଲାରେ ୨୮.୫୮ ପ୍ରତିଶତ ହାରରେ ମୋଟ ୩୩୯ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ରବିବାର ୧୪.୧୭ ପ୍ରତିଶତ ହାରରେ ମୋଟ ୧୭୦ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଛି। ବୁଢ଼ାବଳଙ୍ଗ ନଦୀର ଜଳସ୍ତର ସାମାନ୍ୟ ବୃଦ୍ଧି ପାଉଥିବା ବେଳେ ରାତିରେ ବର୍ଷା ହେଲେ ଅଧିକ ଜଳସ୍ତର ବୃଦ୍ଧି ହେବାର ସମ୍ଭାବନା ରହିଛି। ସଦର ବିଡିଓ ଉତ୍ତମ ଜେନା କହିଛନ୍ତି ଯେ ବୁଢ଼ାବଳଙ୍ଗର ଜଳସ୍ତର ବୃଦ୍ଧି ପାଉଥିଲେ ହେଁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା କମ୍ ରହିଛି। ବନ୍ୟା ହେଲେ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସଜାଗ ରହିଛି। ଆବଶ୍ୟକସ୍ଥଳେ ଲୋକମାନଙ୍କୁ ସ୍ଥାନାନ୍ତର ମଧ୍ୟ କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଶୁଖିଲା ଖାଦ୍ୟ ସାଙ୍ଗକୁ ବାତ୍ୟା ଆଶ୍ରୟସ୍ଥଳ ସହ ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ ବୋଟ୍‌ଠାରୁ ଆରମ୍ଭ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

# କାଞ୍ଜିପାଣି ଘାଟିରେ ଭୂ-ସ୍ଖଳନ



■ ୪୯ ନଂ ଜାତୀୟ ରାଜପଥ ବିଚ୍ଛିନ୍ନ
■ ୨୪ ଘଣ୍ଟା ଯାତାୟାତ ବନ୍ଦ

ତେଲକୋଇ, ୨୪।୮ (ସମିସ): ଲଗାଣ ବର୍ଷା ଫଳରେ କେନ୍ଦୁଝର ଜିଲ୍ଲା କାଞ୍ଜିପାଣି ଥାନା ୪୯ ନମ୍ବର ଜାତୀୟ ରାଜପଥ କାଞ୍ଜିପାଣି ଘାଟିରେ ଭୂସ୍ଖଳନ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ଅତଡ଼ା ଖସିବା ସହ ଗଛ ପଡ଼ି ରାସ୍ତା ଅବରୋଧ ହୋଇଯାଇଛି। ଶହଶହ ଗାଡ଼ି ମୋଟର ଅଟକି ରହିଛି। ୨୪ ଘଣ୍ଟା ମଧ୍ୟରେ ଏହି ରାସ୍ତାରେ ଯୋଗାଯୋଗ ସ୍ୱାଭାବିକ ହୋଇପାରିନାହିଁ। ରାସ୍ତାର ଗୋଟିଏ ପାର୍ଶ୍ୱ ଅତି ସଂକୀର୍ଣ୍ଣ ଥିବା ବେଳେ ବିପଦପୂର୍ଣ୍ଣ ଭାବେ ମାଲ ବୋଝେଇ ଟ୍ରକ୍ ଚଳାଚଳ କରୁଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାସ୍ତା ଅବରୋଧ ହଟାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି।

ଶନିବାର ରାତି ପ୍ରାୟ ୧ଟାରେ କାଞ୍ଜିପାଣି ଥାନାରୁ ୩-୪ କିମି ଦୂର କାଞ୍ଜିପାଣି ଘାଟିରେ ପାହାଡ଼ ଉପରୁ ମାଟି ଅତଡ଼ା ଖସିଥିଲା। ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ ପାହାଡ଼ ଉପରୁ ମାଟି, ପଥର ସାଙ୍ଗକୁ ବଡ଼ ବଡ଼ ଗଛକୁ ଉପାଡ଼ି ଆଣି ଜାତୀୟ ରାଜପଥ ଉପରେ ପକାଇଥିଲା। ଏହାଦ୍ୱାରା ଜାତୀୟ ରାଜପଥ ଉଭୟ ପଟୁ ବିଚ୍ଛିନ୍ନ ହୋଇପଡ଼ିଥିଲା। ମୁମ୍ବାଇ-କୋଲକାତା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହୋଇଥିବାରୁ ରାସ୍ତାର ଉଭୟ ଦିଗରେ ଶହଶହ ଗାଡ଼ି ଅଟକି ରହିଥିଲା। ଯାତ୍ରୀବାହୀ ବସ ସବୁ ତେଲକୋଇ ଦେଇ ଯାତାୟାତ କରୁଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ରାସ୍ତା ଅବରୋଧ ହଟାଇବାକୁ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ସଂଧ୍ୟା ହୋଇଯିବାରୁ ଅବରୋଧ ହଟିପାରିନାହିଁ। ସୋମବାର ସକାଳୁ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବ ଏବଂ ରାସ୍ତା ଅବରୋଧ ହଟିବ ବୋଲି କାଞ୍ଜିପାଣି ଥାନା ପକ୍ଷରୁ ସୂଚନା ମିଳିଛି।

# ବୈତରଣୀରେ ଆସିପାରେ ବଡ଼ ବନ୍ୟା

ଆନନ୍ଦପୁର, ୨୪।୮ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁରଠାରେ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇ ଚଳିତ ବର୍ଷ ତୃତୀୟଥର ପାଇଁ ବନ୍ୟା ସୃଷ୍ଟି କରିଛି। ରବିବାର ରାତି ୮ଟା ସୁଦ୍ଧା ବିପଦସଂକେତ ଅତିକ୍ରମ କରି ୩୮.୭୬୦ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ନଦୀକୂଳ ଗ୍ରାମବାସୀଙ୍କ ପ୍ରତି ବିପଦ ଥିବାରୁ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଆଜି ବନ୍ୟାଞ୍ଚଳ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କୁ ମୁତୟନ କରିଛନ୍ତି। ହେଲେ ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ଥିବା ବୋଟ ଅଚଳ ହୋଇପଡ଼ିଛି। ବ୍ୟାରେଜର ୮ଟି ଗେଟ୍ ଖୋଲାଯିବା ପରେ ବୈତରଣୀ ନଦୀରେ ଜଳପତ୍ତନ ବୃଦ୍ଧି ପାଇଛି। ୪ ଦିନ ମଧ୍ୟରେ ଆନନ୍ଦପୁର ଚମ୍ପୁଆ ସ୍ୱାମପାଟଣା ରେମାଳ ଠାକୁରମୁଣ୍ଡାରେ ଲଗାଣ ବର୍ଷା ହୋଇଥିବା ରେକର୍ଡ ହୋଇଛି। ଆନନ୍ଦପୁରଠାରେ



ବୈତରଣୀ ନଦୀର ବିପଦସଂକେତ ୩୭.୩୬୦ ମିଲିମିଟର ଥିବା ବେଳେ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ତଳିଆ ଅଞ୍ଚଳର ଲେକଙ୍କୁ ସତର୍କ କରାଯାଇଥିବା ପ୍ରଶାସନ ତରଫରୁ ସୂଚନା ମିଳିଛି। ଆଗକୁ ବର୍ଷା ଜାରି ରହିଲେ ବୈତରଣୀରେ ବଡ଼ଧରଣର ବନ୍ୟା ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି।

# ଅବିଶ୍ରାନ୍ତ ବର୍ଷା; ମାଟିରେ ମିଶିଲା ୧୬ ଘର

ତୁରୁମୁଙ୍ଗା, ୨୪।୮ (ସମିସ): ଲଗାଣ ବର୍ଷା ଯୋଗୁଁ କେନ୍ଦୁଝରରେ ସ୍ଥିତି ବେହାଲ ହୋଇପଡ଼ିଛି। ଶନିବାର ରାତିସାରା ବର୍ଷା ଯୋଗୁଁ ପାଟଣା ବ୍ଲକ ଅଞ୍ଚଳର ଦେଇ ବୋହି ଯାଇଥିବା ନଦୀନାଳର ଜଳସ୍ରୋତ ବୃଦ୍ଧି ପାଇବାରେ ଲାଗିଛି। ରବିବାର ସକାଳୁ ଚିନାମାଳିପଶି ପଞ୍ଚାୟତ ନୂଆପଡ଼ା ସୀତାନାଳର ରାସ୍ତା ଉପରେ ୪ ଫୁଟର ବନ୍ୟାଜଳ ପ୍ରବାହିତ ଯୋଗୁଁ ଉକ୍ତ ରାସ୍ତାରେ ଗାଡି ମୋଟର ଚଳାଚଳରେ ବ୍ୟାହତ ସୃଷ୍ଟି ହେବା ସହ ଢେଙ୍କିକୋଟରୁ ଭୀମକୁଣ୍ଡ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ସାହାରପଡା ବ୍ଲକ କୁମୁଳାବାହାଲିର ତେଲ ନଦୀ ପୋଲ ଉପରେ ୪ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଅଞ୍ଚଳକୁ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବରେ ବିଚ୍ଛିନ୍ନ ହୋଇଯାଇଛି।

ଅନ୍ୟପଟେ, ପାଟଣା ଓ ସାହାରପଡା ବ୍ଲକ ଅଞ୍ଚଳରେ ୧୬ଟି ଘର ଭାଙ୍ଗିଥିବା ଜଣାପଡ଼ିଛି। ସେହିପରି ସାହାରପଡା ବ୍ଲକ ତେଣ୍ତରା ଆରଆଇ ସର୍କଲରେ ୫ଟି ଘର ଭାଙ୍ଗିଛି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ପୁଲିସର ନିଷ୍କ୍ରିୟତା।

# ସାମାଜିକ ଗଣମାଧ୍ୟମରେ ହେଉଛି ଚରିତ୍ର ସଂହାର

ଭୁବନେଶ୍ୱର,୨୪।୮ (ସମିସ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବିରୋଧରେ ଘୃଣ୍ୟ, ମିଥ୍ୟା, ଅପମାନଜନକ ତଥା ମନଗଢ଼ା ଭିଡିଓ ପ୍ରସାରଣ ବିରୋଧରେ ଗତ ୨୦ ତାରିଖରେ ବିଜେଡି ଆଇଟି ସେଲ ପକ୍ଷରୁ 'ଓଡ଼ିଆ ଛାଟ' ନାମକ ଫେସବୁକ ପେଜ ବିରୋଧରେ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଥିଲା। ବିଜେଡି ଆଇଟି ସେଲର ରାଜ୍ୟ ସଂଯୋଜକ ଡ. ଅମର ପଟ୍ଟନାୟକ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଦୃଷ୍ଟି ମଧ୍ୟ ଆକର୍ଷଣ କରିଥିଲେ। ମାତ୍ର ପୁଲିସ ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ। କାର୍ଯ୍ୟାନୁଷ୍ଠାନ ଦୂରର କଥା ଏଯାବତ୍ ଏହି ଘଟଣାରେ ପୁଲିସ ମାମଲା ରୁଜୁ କରିନାହିଁ। ପୁଲିସର ଏହି ସ୍ଥାଣୁତାର ସୁଯୋଗ ନେଇ ଆଉ ଏକ ଫେସବୁକ ପେଜ ବଣ ବିଛୁଆତି ସମାନ ଧରଣର ଭିଡିଓ ପ୍ରସ୍ତୁତ କରି ପ୍ରସାରଣ କରିଛି। ଏହି ଭିଡିଓରେ କାର୍ତ୍ତିକ ପାଣ୍ଡିଆନ୍ ଓ ଡ. ଅମର ପଟ୍ଟନାୟକଙ୍କ ନାମରେ ମିଥ୍ୟା ଅପ୍ରଚାର କରାଯାଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ପୁଣିଥରେ କ୍ୟାପିଟାଲ ଥାନାର ଦ୍ୱାରସ୍ଥ ହୋଇଛି ବିଜେଡି ଆଇଟି ସେଲ।

**ପୁଣି ଥାନାର ଦ୍ୱାରସ୍ଥ ହେଲା ବିଜେଡି ଆଇଟି ସେଲ୍**

ଗତ ୨୦ ତାରିଖରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖି ଏନେଇ ଡ. ଅମର ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ଘନିଷ୍ଠ ସହଯୋଗୀଙ୍କ ବିରୋଧରେ ଓଡ଼ିଆ ଛାଟ ନାମରେ ଏକ ଫେସବୁକ ଆକାଉଣ୍ଟରେ ଏହି ଆପତ୍ତିଜନକ ଓ ଦୁର୍ଭାବନାପୂର୍ଣ୍ଣ ଭିଡିଓ ପ୍ରସାରିତ କରାଯାଉଛି। ଏହି ଭିଡିଓଦ୍ୱୟ ସାମାଜିକ ବିଶୃଙ୍ଖଳା ଏବଂ ଜନସାଧାରଣଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଥିଲେ। ଡ. ପଟ୍ଟନାୟକ ଡିଜିଙ୍କୁ ଚିଠି ଲେଖି ଦୁଇଟି ଭିଡିଓ ସମ୍ପର୍କରେ ବିଶଦ ତଥ୍ୟ ପ୍ରଦାନ ସହ ଦୋଷୀଙ୍କୁ ଚିହ୍ନଟ ସହ ୨୪ ଘଣ୍ଟା ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ମାତ୍ର କ୍ୟାପିଟାଲ ଥାନା ପୁଲିସ, କିମ୍ବା ସାଇବର ସେଲ ଏନେଇ କୌଣସି ପଦକ୍ଷେପ ନେଇନଥିବା ବେଳେ ଏହାର ଫାଇଦା ଉଠାଇଛନ୍ତି ବଣ ବିଛୁଆତି ପେଜ୍‌ର ପରିଚାଳକମାନେ। ଏହା ବିଜେପି ଆଇଟି ସେଲ ଦ୍ୱାରା ପରିଚାଳିତ ହେଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ବିଜେଡି ଆଇଟି ସେଲ୍ ସଦସ୍ୟ ରକି ଦାସ ପୁଣି ଥରେ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଦୋଷୀଙ୍କୁ ଚିହ୍ନଟ ନକଲେ, ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଆଇଟି ସେଲ୍ ପକ୍ଷରୁ କୁହାଯାଇଛି।

# ଜୀବନ ହାରିଲେ ବିଫଳ ପ୍ରେମିକ

ରାଜନଗର, ୨୪।୮ (ସମିସ): ପ୍ରେମରେ ବିଫଳ ହେବାରୁ ଜୀବନ ହାରିଲେ ଯୁବକ। ରାଜନଗର ବ୍ଲକ୍ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଗତରାତିରେ ଏପରି ଏକ ଘଟଣା ଘଟିଛି। ମୃତକ ହେଲେ, ରଗଡ଼ାପାଟିଆ ଗ୍ରାମର ବିନୟ ବେହେରାଙ୍କ ପୁତ୍ର ରାଜକିଶୋର (୨୨)। ଘର ଭିତରେ ଏକ ରଶି ଲଗାଇ ସେ ଆତ୍ମହତ୍ୟା କରିଛନ୍ତି। ଆଜି ସକାଳୁ ପରିବାରଲୋକେ ତାଙ୍କ ଝୁଲନ୍ତା ଶବ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ରାଜକିଶୋର +୩ ବାଣିଜ୍ୟରେ ପାଠପଢ଼ା ଶେଷ କରିବା ପରେ ଭୁବନେଶ୍ୱରରେ ବ୍ୟାଙ୍କିଙ୍ଗ କୋଚିଂ ନେଉଥିଲେ। ସେ ବୁଧବାର ଦିନ ଘରକୁ ଆସିଥିଲେ। ଗତରାତିରେ ପ୍ରେମିକାଙ୍କ ସହ କଥା ହେବା ପରେ ଆତ୍ମହତ୍ୟା କରିଥିବା କୁହାଯାଉଛି।

## ଓୟୁଏଟିର ୬୪ ତମ ପ୍ରତିଷ୍ଠା ଦିବସ

# ବାରିପଦା, ବଲାଙ୍ଗିରରେ କୃଷି ମହାବିଦ୍ୟାଳୟ




ଭୁବନେଶ୍ୱର, ୨୪।୮ (ସମିସ): ଚିପିଲିମାରେ ହେବ ଓୟୁଏଟିର ଦ୍ୱିତୀୟ କ୍ୟାମ୍ପସ। ସେହିପରି ବାରିପଦା ଓ ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ ଏବଂ ସୋନପୁରରେ ସ୍ଥାପନ ହେବ ମତ୍ସ୍ୟ ମହାବିଦ୍ୟାଳୟ। ସରକାର ଏଥିପାଇଁ ଯୋଜନା କରିଥିବା କହିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ। ପଶ୍ଚିମ ଓଡ଼ିଶାରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ଦୀର୍ଘଦିନ ହେଲା ଦାବି ଚାଲିଥିବାବେଳେ ଓୟୁଏଟିର ପ୍ରତିଷ୍ଠା ଦିବସ ଉତ୍ସବରେ ଯୋଗ ଦେଇ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏହି ଘୋଷଣା କରିଛନ୍ତି।

ଓୟୁଏଟିର ୬୪ତମ ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି ଯେ, କୃଷି ଆମ ଦୈନନ୍ଦିନ ଜୀବନର ଏକ ଅଂଶ। ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାମୀଣ ଜୀବିକା ନିର୍ବାହରେ ସହାୟକ ହେଉଛି। ଏହା ଗ୍ରାମୀଣ ଭାରତର ମେରୁଦଣ୍ଡ ମଧ୍ୟ। ଏଣୁ ଉତ୍ତମ ବୈଷୟିକ ଜ୍ଞାନ ସହିତ କୁଶଳୀ ମାନବ ସମ୍ବଳ ସୃଷ୍ଟି କରିବା, ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ କରିବା ଏବଂ ଖାଦ୍ୟ ଉତ୍ପାଦନରେ ଭାରତକୁ ଆତ୍ମନିର୍ଭର କରିବା ଭଳି ବହୁମୁଖୀ

### ଚିପିଲିମାରେ ହେବ ଓୟୁଏଟି ଦ୍ୱିତୀୟ କ୍ୟାମ୍ପସ

### ସୋନପୁରରେ ହେବ ମତ୍ସ୍ୟ ମହାବିଦ୍ୟାଳୟ

ଦାୟିତ୍ୱ କୃଷି ବିଶ୍ୱବିଦ୍ୟାଳୟର ରହିଛି। ଏହାସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ଅତିଥିରୂପେ ଯୋଗ ଦେଇ କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ମାଣ୍ଡିଆ ଓ ଆମ୍ବ ରପ୍ତାନି କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିଥିବା ଏବଂ ଏହି ଧାରାକୁ ଆଗେଇ ନେବାକୁ ସେ ଆହ୍ୱାନ ଦେଇଛନ୍ତି।

କୃଷି ବିଶ୍ୱବିଦ୍ୟାଳୟ, କୃଷି ମହାବିଦ୍ୟାଳୟ ଓ ମତ୍ସ୍ୟ ମହାବିଦ୍ୟାଳୟ ସ୍ଥାପନ ରାଜ୍ୟର ବିକାଶ ଧାରାକୁ ତ୍ୱରାନ୍ୱିତ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଅନ୍ୟତମ ଅତିଥି ରୂପେ ଯୋଗ ଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ବିଧାୟକ ବାବୁ ସିଂ ପ୍ରମୁଖ ରାଜ୍ୟର କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଓୟୁଏଟି ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଆଶାବ୍ୟକ୍ତ କରିଛନ୍ତି। କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବାର୍ଷିକ ବିବରଣୀ ପ୍ରଦାନ କରିଛନ୍ତି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଓୟୁଏଟିର ୧୧ଜଣ ଶିକ୍ଷକ, ବୈଜ୍ଞାନିକ, ଛାତ୍ରଛାତ୍ରୀ, କର୍ମଚାରୀ ଓ ୩୩ ଜଣ ଅଗ୍ରଣୀ କୃଷକଙ୍କୁ ପୁରସ୍କୃତ କରାଯାଇଛି। ଓୟୁଏଟି କାମ୍ପସରେ ୱାଇଫାଇ ସେବା ଆରମ୍ଭ କରିବା ସହ ୭ଟି ପୁସ୍ତକ ଉନ୍ମୋଚିତ ହୋଇଛି। ଶିକ୍ଷା ଓ ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନଜିତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ କୁଳସଚିବ ପ୍ରତିଭା ଦୋରା ଧନ୍ୟବାଦ ଦେଇଛନ୍ତି।

# ମାଓ ଡମ୍ପ୍ ଠାବ, ବିପୁଳ ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି, ୨୪।୮ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମାରେ ତଲାସୀ ଅଭିଯାନ ବେଳେ ବିପୁଳ ମାଓ ସାମଗ୍ରୀ ଜବତ କରିଛନ୍ତି ଯବାନ। ସୂଚନାନୁଯାୟୀ, ସୁକୁମା ଜିଲ୍ଲାର କୋଇମେଟା ଜଙ୍ଗଲରେ ମାଓ ଦମନ ନିମନ୍ତେ ତଲାସି ଅଭିଯାନ ବେଳେ ଏକ ମାଓଡମ୍ପ ଠାବ ହୋଇଥିଲା। ସେଥିରେ ବିପୁଳ ପରିମାଣର ଦେଶୀ ବନ୍ଧୁକ ସହ ବିସ୍ଫୋରକ ସାମଗ୍ରୀକୁ ମାଓବାଦୀମାନେ ଗଚ୍ଛିତ ରଖିଥିଲେ।

ସୁକମା ଜିଲ୍ଲା ପୁଲିସ, କୋବ୍ରା ଯବାନ, ସିଆରପିଏଫ ଯବାନଙ୍କ ମିଳିତ ଅପରେସନ୍ ବେଳେ ଏହି ସଫଳତା ମିଳିଥିଲା। ଏହି ହତିଆର ଓ ବିସ୍ଫୋରକଗୁଡ଼ିକ ଆଗାମୀ ଦିନରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ୍ କରିବା ପାଇଁ ଗଚ୍ଛିତ କରି ରଖାଯାଇଥିବା ଅନୁମାନ କରାଯାଉଛି। ଏହି ସାମଗ୍ରୀ ଜବତ ଅଞ୍ଚଳରେ ତଲାସି ଅଭିଯାନକୁ ଜୋରଦାର କରାଯାଇଛି।



# ମାଓବାଦୀ ଗିରଫ; ବନ୍ଧୁକ, ବିସ୍ଫୋରକ ଜବତ

ମାଲକାନଗିରି, ୨୪।୮ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାର ମାରକାବେଡ଼ା ଜଙ୍ଗଲରେ ଆଇଟିବିପି ଓ ଡିଆରଜି ଯବାନ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ଯବାନଙ୍କୁ ଦେଖି ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିଲା। ଯବାନ ଜଙ୍ଗଲକୁ ଘେରି ସେହି ବ୍ୟକ୍ତିକୁ କାବୁ କରି ପଚରାଉଚରା କରିଥିଲେ। ଗିରଫ ବ୍ୟକ୍ତି ହେଲେ, ମଣ୍ଡା କୁହାମ। ସେ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ୍ କରିବା ପାଇଁ ଜଙ୍ଗଲରେ ଲ୍ୟାଣ୍ଡମାଇନ ଖଞ୍ଜିବାକୁ ଆସିଥିବା ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଯବାନମାନେ ତାକୁ ଗିରଫ କରିଥିବା ବେଳେ ତା' ନିକଟରୁ ବନ୍ଧୁକ ଓ ବିସ୍ଫୋଟକ ଜବତ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୮୬୭- ପ୍ରସିଦ୍ଧ ଭୌତିକ ବିଜ୍ଞାନୀ ମାଇକେଲ୍ ଫାରାଡେଙ୍କ ଦେହାନ୍ତ।
- ୧୯୫୭- ଭାରତୀୟ ପୋଲୋ ଟିମ୍ ବିଶ୍ୱକପ୍ ଜିତିଲା।
- ୧୯୮୦- ଜିମ୍ବାୱେ ଜାତିସଂଘରେ ସାମିଲ ହେଲା।
- ୨୦୦୩- ମୁମ୍ବାଇରେ ହୋଇଥିବା ଏକ କାର୍ ବିସ୍ଫୋରଣରେ ୫୨ ଜଣ ମୃତ ଓ ୩୦୦ ଆହତ।


## ଆଜି ଆସିଥିଲେ

## ଛନ୍ଦକବି ରାଧାମୋହନ ଗଡ଼ନାୟକ



ରାଧାମୋହନ ଗଡ଼ନାୟକ ଜଣେ ସଫଳ ଓ ପ୍ରତିଭାଶାଳୀ ଓଡ଼ିଆ କବି ଥିଲେ। ସବୁଜ ଗୋଷ୍ଠୀର ସାହିତ୍ୟ ସାଧନା କାଳରେ ଏକକ କବି ଭାବରେ ସେ ପରିଚିତ ଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନପ୍ରାପ୍ତ ଏହି କବିଙ୍କ କବିତାରେ ଥିଲା ସ୍ୱଦେଶ ପ୍ରୀତି ଓ ସୌନ୍ଦର୍ଯ୍ୟର ଅନୁଭୂତି। ଛନ୍ଦର ଲାଳିତ୍ୟ, କବିତାର ଗାମ୍ଭୀର୍ଯ୍ୟ, ଭାଷା ଚାତୁରୀ, ବିଷୟ ଚୟନରେ ସେ ଥିଲେ ଅନନ୍ୟ। ରାଧାମୋହନ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ନୂତନତା ଆଣିଥିଲେ। ପୁରାଣ ପୃଷ୍ଠାରୁ, ଇତିହାସ ପୃଷ୍ଠାରୁ, କାହାଣୀରୁ, କିମ୍ବଦନ୍ତୀରୁ ବିଭିନ୍ନ ଚରିତ୍ରଙ୍କୁ ନେଇ ସେ କବିତା ରଚନା କରିଥିଲେ। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପରେ ଓଡ଼ିଆ ସାହିତ୍ୟରେ ସେ ହେଉଛନ୍ତି ଅନ୍ୟତମ ସଫଳ ଗାଥା କବି। ୧୯୧୧ ମସିହା ଆଜିର ଦିନରେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର କଲଣ୍ଡାପାଳ ଗାଁରେ ରାଧାମୋହନ ଜନ୍ମ ହୋଇଥିଲେ। ଗଡ଼ସନ୍ତରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ିବା ସମୟରେ ମାତ୍ର ଆଠବର୍ଷ ବୟସରେ ସେ ପ୍ରଥମ କବିତା 'ତାରା' ରଚନା କରିଥିଲେ। ଏହାପରେ ସେ କଟକସ୍ଥିତ ଖ୍ରୀଷ୍ଟ କଲେଜରେ ପାଠ ପଢ଼ିଲେ। ସେଠାରେ ସେ 'କାବ୍ୟନାୟିକା' ରଚନା କରି ଖୁବ୍ ପ୍ରଶଂସିତ ହୋଇଥିଲେ। ୧୯୨୭-୧୯୨୮ ମସିହାରେ ଦେଶସେବକ ତଥା ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ମିଶ୍ରଙ୍କ ଦ୍ୱାରା ପ୍ରଭାବିତ ହୋଇ ଜାତି ଓ ଦେଶପ୍ରେମମୂଳକ କବିତାବଳୀ ରଚନା କରିଥିଲେ। ଉତ୍କଳ ସାହିତ୍ୟ ସମ୍ମିଳନୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଆଦି ଅନେକ ଅନୁଷ୍ଠାନର ସେ ସଭାପତି ଓ ଉପସଭାପତି ଭାବରେ ଦାୟିତ୍ୱ ତୁଲାଇଲେ। । 'କାବ୍ୟ ନାୟିକା', 'ଉତ୍କଳିକା', 'କୈଶୋରିକା', 'ଶାମୁକାର ସ୍ୱପ୍ନ', 'ପଶୁପକ୍ଷୀର କାବ୍ୟ', 'ସୂର୍ଯ୍ୟ ଓ ଅନ୍ଧକାର' ଓ 'ଦୀପଶିଖା' ଆଦି ତାଙ୍କର ଅନବଦ୍ୟ କୃତି। 'ସୂର୍ଯ୍ୟ ଓ ଅନ୍ଧକାର' ପୁସ୍ତକ ପାଇଁ ୧୯୭୫ରେ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାର ମିଳିଥିଲା। ୧୯୯୦ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ତାଙ୍କୁ 'ପଦ୍ମଶ୍ରୀ' ପ୍ରଦାନ କରାଯାଇଥିଲା। ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ପାଇବାରେ ସେ ପ୍ରଥମ ସାହିତ୍ୟିକ। ୨୦୦୦ ମସିହା ଫେବ୍ରୁଆରୀ ୨୧ ତାରିଖରେ ତାଙ୍କର ପରଲୋକ ଘଟିଥିଲା।

## ସାରସ୍ୱତ ସାଧକ ରତ୍ନାକର ଚଇନି



ଓଡ଼ିଆ ସାହିତ୍ୟ ଜଗତରେ ଏକ ପରିଚିତ ନାଁ ଡ.ରତ୍ନାକର ଚଇନି। ଜଣେ ନାଟ୍ୟକାର, ଗାଳ୍ପିକ, ଔପନ୍ୟାସିକ ଓ ସମାଲୋଚକ ଭାବେ ସେ ବେଶ୍ ସୁଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ଜୀବନକାଳରେ ସେ ଶତାଧିକ ପୁସ୍ତକ ଲେଖିଥିଲେ। ୧୯୪୫ ମସିହା ଆଜିର ଦିନରେ କଟକ ଜିଲ୍ଲା ସାଲେପୁର ନିକଟ ଅରେଇ ଗ୍ରାମରେ ରତ୍ନାକର ଜନ୍ମଗ୍ରହଣ କରିଥିଲେ। ନେମାଳ ହାଇସ୍କୁଲ୍‌ରୁ ଦଶମ ଶ୍ରେଣୀ ପାସ୍ କରିବା ପରେ ସେ ଖ୍ରୀଷ୍ଟ କଲେଜରୁ ସ୍ନାତକ କରିଥିଲେ। ପରେ ରେଭେନ୍ସା କଲେଜରୁ ଓଡ଼ିଆରେ ଏମ୍‌ଏ ପାସ୍ କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଲାଭ କରିଥିଲେ। ୧୯୭୯ ମସିହାରେ ଅଧ୍ୟାପନା ଜୀବନ ଆରମ୍ଭ କରି ସେ ରାଜେନ୍ଦ୍ର କଲେଜ, ଢେଙ୍କାନାଳ କଲେଜ, ଖଲ୍ଲିକୋଟ କଲେଜ, ରେଭେନ୍ସା କଲେଜ, ବିଜେବି କଲେଜରେ କାର୍ଯ୍ୟ କରିବା ପରେ ଶୈଳବାଳା ମହାବିଦ୍ୟାଳୟରୁ ଓଡ଼ିଆ ବିଭାଗର ମୁଖ୍ୟ ଭାବେ ଅବସର ଗ୍ରହଣ କରିଥିଲେ। ଉତ୍କଳ ସାହିତ୍ୟ ସମାଜର ସେ ସମ୍ପାଦକ ଓ ସଭାପତି ଥିଲେ। ଜାତୀୟସ୍ତରରେ ପ୍ରତିଷ୍ଠିତ 'ସଂସ୍କାର ଭାରତୀ' ସଂଗଠନର ସେ ରାଜ୍ୟ ସଭାପତି ରହି ଓଡ଼ିଶାର କଳା ସଂସ୍କୃତି ବିକାଶ ଦିଗରେ ଅନେକ କାର୍ଯ୍ୟ କରିଥିଲେ। ଜଣେ ସଫଳ ନାଟ୍ୟକାର ଭାବେ ସେ ଓଡ଼ିଶାର ନାଟ୍ୟପ୍ରେମୀଙ୍କ ନିକଟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ରଚିତ ନାଟକ ଓ ଉପନ୍ୟାସ ମଧ୍ୟରେ 'ଅଥଚ ଚାଣକ୍ୟ', 'ଅସ୍ତରାଗର ଚନ୍ଦ୍ର', 'ରାଜହଂସ', 'ମଞ୍ଚ ନାୟିକା', 'ଅପେଦବତା', 'ପୁନଶ୍ଚ ପୃଥିବୀ', 'କଳଙ୍କିତ ସୂର୍ଯ୍ୟ', 'ମୁଖା', 'ସୁନା କଳସ', 'ଶେଷ ଅଶ୍ରୁ', ' 'ଅବ୍ୟକ୍ତ ଗୋଧୁଳି', 'ଲୁହ ଲହରୀ, ଏବଂ 'ଫୁଲ ଫଗୁଣ' ଇତ୍ୟାଦି ପାଠକ ମହଲରେ ଆଦୃତି ପାଇଥିଲା। 'ଅଥଚ ଚାଣକ୍ୟ' ନାଟକରେ ସେ ଓଡ଼ିଆ ଆଧୁନିକ ନାଟ୍ୟ ଜଗତରେ ଏକ ନୂତନ ଧାରା ପ୍ରଚଳନ କରିଥିଲେ ବୋଲି କୁହାଯାଏ। ଏହି ନାଟକ ବହୁଜାଗାରେ ମଞ୍ଚସ୍ଥ ହୋଇଛି। ୧୯୭୭ ମସିହାରେ 'କଳଙ୍କିତ ସୂର୍ଯ୍ୟ' ନାଟକ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ତାଙ୍କ ରଚିତ କ୍ଷୁଦ୍ରଗଳ୍ପ ସଂକଳନ 'ମୁଠାଏ ଶୂନ୍ୟତା', 'କହ ଲଳିତା', 'ନିଷିଦ୍ଧ ଶୃଙ୍ଗାର' ଆଦି ବେଶ୍ ଜନାଦୃତ ହୋଇଥିଲା। ତାଙ୍କ ଦ୍ୱାରା ରଚିତ କାହାଣୀ 'ଶୂନ୍ୟସ୍ୱରୂପ' ଚଳଚ୍ଚିତ୍ର ଭାବେ ହିମାଂଶୁ ଖଟୁଆଙ୍କ ନିର୍ଦ୍ଦେଶନାରେ ୧୯୯୭ରେ ମୁକ୍ତିଲାଭ କରିଥିଲା। ଏହା ଶ୍ରେଷ୍ଠ ଆଞ୍ଚଳିକ ଚଳଚ୍ଚିତ୍ର ରୂପେ ଜାତୀୟସ୍ତରରେ ପୁରସ୍କୃତ ହେବା ସହ ରତ୍ନାକର ଶ୍ରେଷ୍ଠ ସଂଳାପ ଲେଖକ ରୂପେ ପୁରସ୍କୃତ ହୋଇଥିଲେ। ସାହିତ୍ୟ ସର୍ଜନା ପାଇଁ ରାଜ୍ୟ ତଥା ଜାତୀୟ ସ୍ତରରେ ରତ୍ନାକର ବହୁ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଏହି ମହାନ୍ ସାରସ୍ୱତ ସାଧକଙ୍କର ୨୦୨୦ ମସିହା ଅପ୍ରେଲ ୧୮ ତାରିଖରେ ପରଲୋକ ଘଟିଥିଲା।

## ନଭେମ୍ବରରୁ ସୁଟିଂ ଆରମ୍ଭ କରିବେ ଦୀପିକା



ବଲିଉଡ୍‌ର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବେ ଦୀପିକା ପାଡୁ୍ୟକୋନ୍ ଜଣାଯାନ୍ତି। ଦୀପିକା ତାଙ୍କର ଷ୍ଟାଇଲିସ୍ ଲୁକ୍ ଓ ଦମ୍‌ଦାର ଅଭିନୟ ପାଇଁ ବେଶ୍ ପରିଚିତ। ଇତିମଧ୍ୟରେ ଦୀପିକା ତାଙ୍କର ଆଗାମୀ ଫିଲ୍ମକୁ ନେଇ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ଫିଲ୍ମର ଟାଇଟଲ୍ ରହିଛି ' AA22xA6 '। ଏଥିରେ ସେ ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍‌ଙ୍କ ବିପକ୍ଷରେ ନଜର ଆସିବେ। ଏହାକୁ ଭାରତୀୟ ଫିଲ୍ମ ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ଫିଲ୍ମର ଆକ୍ସନ୍ ସିନ୍‌ଗୁଡ଼ିକ ଉନ୍ନତମାନରେ ଡିଜାଇନ୍ କରିବା ପାଇଁ ପ୍ରଯୋଜକ ଅନ୍ତରାଷ୍ଟ୍ରୀୟ କ୍ରୁକୁ ସାମିଲ କରିଛନ୍ତି। କେବଳ ଆକ୍ସନ୍ ସିନ୍ ପାଇଁ ନୁହେଁ ଏଥିରେ ବହୁ ଆଗଧାଡ଼ିର କଳାକାରମାନେ କାମ କରୁଥିବାରୁ ଫିଲ୍ମର ବଜେଟ୍ ବଢ଼ି ଯାଇଥିବା କୁହାଯାଉଛି। ଏଥିରେ ଅଲ୍ଲୁ ଓ ଦୀପିକାଙ୍କ ସହ ମୃଣାଳ ଠାକୁର, ଜାହ୍ନବୀ କପୁର, ରଶ୍ମିକା ମନ୍ଦାନା ପ୍ରମୁଖ ନଜର ଆସିବେ। ଇତିମଧ୍ୟରେ ଅଲ୍ଲୁ ସୁଟିଂ ଆରମ୍ଭ କରି ଦେଇଛନ୍ତି। ନଭେମ୍ବରରୁ ଦୀପିକା ଫିଲ୍ମର ସୁଟିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ସେ ପାଖାପାଖି ୧୦୦ ଦିନ ଧରି ଏହାର ସୁଟିଂ କରିବେ। ଦୀପିକାଙ୍କ ପାଇଁ ଯୋଦ୍ଧାର ଏକ ଖାସ୍ ଲୁକ୍ ଓ ହତିଆର ପ୍ରସ୍ତୁତ କରାଯାଇଛି। ଅଲ୍ଲୁ ଏଥିରେ ଏକାଧିକ ଭୂମିକାରେ ନଜର ଆସିବେ। ' AA22xA6 'ର ସୁଟିଂ ୨୦୨୬ ସେପ୍ଟେମ୍ବର ଯାଏଁ ଚାଲିବ। ୨୦୨୭ ଆରମ୍ଭରେ ଏହା ରିଲିଜ୍ ହୋଇପାରେ।

## ଅଗ୍ରପୂଜ୍ୟ ଶ୍ରୀଗଣେଶ



ଗୋଟିଏ ଦିନ ଛାଡ଼ି ମହା ଆଡମ୍ବରରେ ଚାରିଆଡ଼େ ପାଳନ ହେବ ଗଣେଶ ଚତୁର୍ଥୀ। ପ୍ରତ୍ୟେକ ଶୁଭକାର୍ଯ୍ୟରେ ଗଣେଶଙ୍କ ପୂଜା ପ୍ରଥମେ କରାଯାଏ। ତେଣୁ ତାଙ୍କୁ ଅଗ୍ରପୂଜ୍ୟ ବୋଲି କୁହାଯାଏ। ତେବେ ତାଙ୍କର ଏହି ପ୍ରଥମ ପୂଜା ପାଇବାକୁ ନେଇ ଏକ ସୁନ୍ଦର କାହାଣୀ ଅଛି।

ବାଲ୍ୟକାଳରେ ଥରେ ଶ୍ରୀଗଣେଶ ଓ ଶ୍ରୀକାର୍ତ୍ତିକଙ୍କ ମଧ୍ୟରେ ବୁଦ୍ଧିମାନ କିଏ, ତାହାକୁ ନେଇ ଝଗଡ଼ା ଲାଗିଲା। ସେଇଠୁ ଏହି ପ୍ରଶ୍ନକୁ ନେଇ ଦୁହେଁ ମହାଦେବଙ୍କ ପାଖରେ ପହଞ୍ଚିଲେ। ଶିବ ଦୁହିଁଙ୍କୁ କହିଲେ, 'ଯିଏ ସର୍ବପ୍ରଥମେ ବ୍ରହ୍ମାଣ୍ଡକୁ ପରିକ୍ରମା କରି ତାଙ୍କ ପାଖରେ ଆସି ପହଞ୍ଚିବ, ସିଏ ଜିତିବ।' ଏହାପରେ କାର୍ତ୍ତିକ ନିଜ ବାହନ ମୟୂର ଉପରେ ବିରାଜମାନ କରି ବିଶ୍ୱ ଭ୍ରମଣ କରିବାକୁ ବାହାରିଲେ। ମାତ୍ର ଗଣେଶ ନିଜ ପିତା ଓ ମାତାଙ୍କ ଚାରିପାର୍ଶ୍ୱକୁ ପରିକ୍ରମା କରି ତାଙ୍କ ସାମ୍ନାରେ ଛିଡ଼ା ହେଲେ। ଏହାସହ ସେ କହିଲେ, ତାଙ୍କ ପାଇଁ ତାଙ୍କ ପିତା ଓ ମାତା ହେଉଛନ୍ତି ସର୍ବସ୍ୱ। ଦୁହିଁଙ୍କ ପରିକ୍ରମା କରି ସେ ବ୍ରହ୍ମାଣ୍ଡ ପରିକ୍ରମା ପୂର୍ଣ୍ଣ କରିଛନ୍ତି ବୋଲି କହିଲେ।

ଏକଥା ଶୁଣି ଶିବ ତାଙ୍କୁ କହିଲେ, 'ତୁମେ ବହୁତ ବୁଦ୍ଧିମାନ।' ଏହାସହ ତାଙ୍କୁ ଆର୍ଶିବାଦ ଦେଲେ, 'ପ୍ରତ୍ୟେକ ଶୁଭକାର୍ଯ୍ୟରେ ସର୍ବପ୍ରଥମେ ଗଣେଶଙ୍କର ପୂଜା ହେବ।' ସେଥିପାଇଁ ଶ୍ରୀଗଣେଶଙ୍କୁ ପ୍ରଥମ ପୂଜନୀୟ ବା ଅଗ୍ରପୂଜ୍ୟ ବୋଲି କୁହାଯାଏ।

## ସ୍ୱସ୍ତି

## ପବିତ୍ର ରାଧାଷ୍ଟମୀ



ଶ୍ରୀକୃଷ୍ଣ ବିନା ରାଧା ଅଧା। ରାଧା ବିନା ଶ୍ରୀକୃଷ୍ଣ ଅଧା। ଯେତେବେଳେ ବି ଶ୍ରୀକୃଷ୍ଣଙ୍କ ନାମ ଆସେ ଶ୍ରୀରାଧାରାଣୀଙ୍କ ନାଁ ଆପେ ଆସିଥାଏ। ତେଣୁ ହିନ୍ଦୁଧର୍ମରେ 'ଜନ୍ମାଷ୍ଟମୀ' ଭଳି 'ରାଧାଷ୍ଟମୀ'ର ଖୁବ୍ ମହତ୍ତ୍ୱ ଅଛି। ଜନ୍ମାଷ୍ଟମୀର ୧୫ ଦିନ ପରେ ରାଧାଷ୍ଟମୀ ଉତ୍ସବ ପାଳନ କରାଯାଏ। ଭାଦ୍ରବ ଶୁକ୍ଳ ଅଷ୍ଟମୀରେ ଏହି ବ୍ରତ ପାଳନ କରାଯାଏ। ଚଳିତ ବର୍ଷ ଅଗଷ୍ଟ ୩୧ ତାରିଖରେ ପାଳନ ହେବ ପବିତ୍ର ରାଧାଷ୍ଟମୀ।

ଏହିଦିନ ଶ୍ରୀରାଧାଙ୍କ ଜନ୍ମ। ଶ୍ରୀକୃଷ୍ଣ ମଧ୍ୟରାତ୍ରିରେ ଜନ୍ମ ଗ୍ରହଣ କରିଥିବା ବେଳେ ଶ୍ରୀରାଧା ମଧ୍ୟାହ୍ନରେ ଜନ୍ମଗ୍ରହଣ କରିଥିଲେ। ବୈଷ୍ଣବମାନେ ଶ୍ରୀରାଧାଙ୍କର ଜନ୍ମତିଥିକୁ 'ରାଧାଷ୍ଟମୀ' ଭାବେ ପାଳନ କରନ୍ତି। ବୈଷ୍ଣବମାନଙ୍କ ମତରେ କୃଷ୍ଣଭକ୍ତି ଓ ପ୍ରାପ୍ତିର ମାଧ୍ୟମ। ରାଧାଷ୍ଟମୀ ଦିନ ରାଧାରାଣୀଙ୍କ ପୂଜାର୍ଚ୍ଚନା ନୀତିନିୟମ ସହ କରାଯାଏ। ରାଧାଷ୍ଟମୀ ବ୍ରତ କଲେ ସମସ୍ତ ପାପ କ୍ଷୟ ହୁଏ ବୋଲି ବିଶ୍ୱାସ ଅଛି। ରାଧାଷ୍ଟମୀରେ ରାଧାଙ୍କର ଜନ୍ମ ବୃତ୍ତାନ୍ତ ବ୍ୟତୀତ ଏକ ବ୍ରତ କଥା ପାଠ ହୁଏ। ତେବେ ଶ୍ରୀରାଧାଙ୍କୁ ଦେବୀ ଲକ୍ଷ୍ମୀଙ୍କ ଅବତାର ଭାବେ ଗ୍ରହଣ କରାଯାଏ। ଏହି ଦିନ ଶ୍ରୀରାଧାଙ୍କ ପୂଜା କରିବା ଦ୍ୱାରା ସମସ୍ତ ମନସ୍କାମନା ପୂରଣ ହେଉଥିବା ବିଶ୍ୱାସ ଅଛି। ପୁଣି ଶ୍ରୀକୃଷ୍ଣଙ୍କ କୃପା ପ୍ରାପ୍ତି ପାଇଁ ଦେବୀ ରାଧାଙ୍କ ନାମ ଜପ କରିବା ଉଚିତ।

## ରୁଦ୍ରାକ୍ଷର ମହତ୍ତ୍ୱ



ଭଗବାନ ଶିବଙ୍କ ଅଶ୍ରୁରୁ ରୁଦ୍ରାକ୍ଷ ଉତ୍ପନ୍ନ ହୋଇଥିବା ମାନ୍ୟତା ଅଛି। ଏହାକୁ ଭଗବାନ ଶିବଙ୍କ ଆଶୀର୍ବାଦ ବୋଲି ବିବେଚନା କରାଯାଏ। ରୁଦ୍ରାକ୍ଷ ମଣିଷ ଜୀବନରେ ସକାରାତ୍ମକ ଚିନ୍ତାଧାରାକୁ ବୃଦ୍ଧି କରେ। ଏହା ଅବସାଦ ଓ ଚିନ୍ତାକୁ ଦୂର କରିଥାଏ। ନକାରାତ୍ମକ ଶକ୍ତିକୁ ଦୂର କରୁଥିବା ରୁଦ୍ରାକ୍ଷ ହେଉଛି ଅତ୍ୟନ୍ତ ଶକ୍ତିଶାଳୀ। ଅନେକ ଜଣ ରୁଦ୍ରାକ୍ଷର ଚମତ୍କାରୀ ଔଷଧୀୟ ଗୁଣ ଯୋଗୁଁ ଏହାକୁ ପ୍ରାକୃତିକ ଔଷଧ ମନେ କରନ୍ତି। ଏହା ରକ୍ତଚାପ, ମାନସିକ ଶାନ୍ତି, ଇମ୍ୟୁନ ସିଷ୍ଟମ ପାଇଁ ଲାଭକାରୀ। ମନ୍ତ୍ର ଜପରେ ମଧ୍ୟ ରୁଦ୍ରାକ୍ଷର ପ୍ରୟୋଗ ହୁଏ। ୧୦୮ ମାଳା ରୁଦ୍ରାକ୍ଷକୁ ଜପ କରିବା ଦ୍ୱାରା ମନ ଏବଂ ଆତ୍ମାକୁ ଶାନ୍ତି ମିଳିଥାଏ। ରୁଦ୍ରାକ୍ଷ ମନ୍ତ୍ର ମନ ଓ ଶରୀରରେ ଶକ୍ତି ବୃଦ୍ଧି କରେ। ରୁଦ୍ରାକ୍ଷ ଅନେକ କିସମର ହୋଇଥାଏ। ଗୋଟିଏ ମୁଖୀଠାରୁ ଆରମ୍ଭ କରି ଏଗାରମୁଖୀ ପର୍ଯ୍ୟନ୍ତ ରୁଦ୍ରାକ୍ଷ ରହିଛି। ସାଧାରଣରେ ପଞ୍ଚ ମୁଖୀ ରୁଦ୍ରାକ୍ଷ ସବୁଠୁ ଅଧିକ ପିନ୍ଧାଯାଏ। ସେହିପରି ଜ୍ୟୋତିଷ ଶାସ୍ତ୍ରରେ ରୁଦ୍ରାକ୍ଷର ବିଶେଷ ମହତ୍ତ୍ୱ ରହିଛି। ଏହାର ଉପଯୋଗ ଗ୍ରହ ଦୋଷର ପ୍ରଭାବକୁ କମ୍ କରିବା ପାଇଁ କରାଯାଏ। ରାହୁ, କେତୁ ଏବଂ ଶନି ଦୋଷର ପ୍ରଭାବ ଏହା ମାଧ୍ୟମରେ କମ୍ କରାଯାଇପାରିବ।

## ଘରେ ମହୁମାଛି ବସା ଶୁଭ ନା ଅଶୁଭ



ଶାସ୍ତ୍ରରେ ମହୁମାଛିକୁ ଲକ୍ଷ୍ମୀଙ୍କ ଦୂତ ବୋଲି ବୋଲି କୁହାଯାଇଛି। ଯେଉଁଠି ମହୁମାଛି ବସା କରେ, ସେଠାରେ ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ। ହେଲେ ଏହି ବସାର ସ୍ଥାନ ଓ ଏହାର ସ୍ଥିତି ଠିକ୍ ନ ଥିଲେ, ଏହାର ବିପରୀତ ପ୍ରଭାବ ପଡ଼ିପାରେ। ଘର ଭିତରେ ମହୁମାଛି ବସା କରିବା ଶୁଭ କି ଅଶୁଭ, ସେ ସମ୍ପର୍କରେ ଜାଣିବା।

- ଘର ଭିତରେ ମହୁମାଛି ବସା କରିବା ନକାରାତ୍ମକ ବୋଲି ବିଚାର କରାଯାଏ। ମହୁମାଛି ବସା ଘରର ରୁମ୍, ବଗିଚା କିମ୍ବା ଛାତରେ ହୋଇଥଲେ ଅଶୁଭ। ଏହା ଘରର ଶାନ୍ତି ଭଙ୍ଗ କରିଥାଏ। ପରିବାରରେ ବିବାଦ ବଢ଼େ। ଧୀରେ ଧୀରେ ଆର୍ଥିକ ସ୍ଥିତି ଦୁର୍ବଳ ହୁଏ। ତେଣୁ ଘର ଭିତରେ ମହୁମାଛି ବସାକୁ ଭାଙ୍ଗିଦେବା ଉଚିତ।
- ମହୁମାଛି ବସା ଘରର ମୁଖ୍ୟଦ୍ୱାରରେ ହେବା ଶୁଭ। ବ୍ୟବସାୟ ଏବଂ ଚାକିରିରେ ଉନ୍ନତି ଆସେ। ହେଲେ କବାଟ ମଝାମଝିରେ ମହୁମାଛି ବସା କରିବା ଭଲ ନୁହେଁ।
- ଘରର ଉତ୍ତର ଦିଗରେ ମହୁମାଛି ବସା ବାନ୍ଧିବା ଶୁଭଫଳ ପ୍ରଦାନ କରେ। ପରିବାରରେ ସୁଖ, ସମୃଦ୍ଧି ବୃଦ୍ଧି ପାଏ।
- ଦକ୍ଷିଣ ଦିଗରେ ମହୁମାଛି ବସା କରିବା ନକାରାତ୍ମକ ଫଳ ପ୍ରଦାନ କରେ। ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ଦେଖା ଦିଏ।
- ସେହିପରି ଘରର ପୂର୍ବ ଦିଗରେ ମହୁମାଛି ବସା କରିବା ଶୁଭ।
- ପଶ୍ଚିମ ଦିଗରେ ମହୁମାଛି ବସା କଲେ ମିଶ୍ରିତ ଫଳ ମିଳେ। ବେଳେ ବେଳେ ଏହା ଧନଲାଭର ସଙ୍କେତ ଦିଏ।



# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

# ପୂଜାରା ଯୁଗର ଅବସାନ

ରାଜକୋଟ, ୨୪।୮ (ଏଜେନ୍ସି)

ଭାରତୀୟ ଟେଷ୍ଟ କ୍ରିକେଟ୍‌ର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର୍ ଚେତେଶ୍ୱର ପୂଜାରା ସମସ୍ତ ପ୍ରକାର ଫର୍ମାଟ୍‌ରୁ ସନ୍ନ୍ୟାସ ନେଇଛନ୍ତି। ଜାତୀୟ ଚୟନକର୍ତ୍ତାଙ୍କ ଦ୍ୱାରା ଦୀର୍ଘ ୨ ବର୍ଷ ହେବ ବାରମ୍ବାର ଅଣଦେଖାର ଶିକାର ହେବା ପରେ ୩୭ ବର୍ଷୀୟ ଏହି ଷ୍ଟାଇଲିସ ରାଜକୋଟ୍ ବ୍ୟାଟର୍ ଶେଷରେ ଅଲ୍‌ବିଦା କହିଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ଆବେଗପୂର୍ଣ୍ଣ ଅବସର ବାର୍ତ୍ତା ପୋଷ୍ଟ କରି ପୂଜାରା ତାଙ୍କ ଅବସର ସୂଚନା ପ୍ରଶଂସକଙ୍କୁ ଜଣାଇଛନ୍ତି। ଫଳରେ ଭାରତୀୟ କ୍ରିକେଟ୍‌ରେ ଏକ ଯୁଗର ଅବସାନ ଘଟିଛି ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ରାହୁଲ ଦ୍ରାବିଡଙ୍କ ଅବସର ପରେ ଭାରତୀୟ ଟେଷ୍ଟ ଦଳର ଗୁରୁତ୍ୱପୂର୍ଣ୍ଣ ନଂ-୩ ସ୍ଥାନକୁ ନେଇ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା ତାହାକୁ ପୂଜାରା ହିଁ ପୂରଣ କରିଥିଲେ। ଯେଉଁଥି ପାଇଁ ଦ୍ରାବିଡ୍‌ଙ୍କ ପରେ ପୂଜାରାଙ୍କୁ ଭାରତୀୟ ଦଳର 'ଦି ୱାଲ୍-୨' ଆଖ୍ୟା ମିଳିଥିଲା।

ଦୁଇ ବର୍ଷ ତଳେ ଜୁନ ୨୦୨୩ରେ ପୂଜାରା ତାଙ୍କର ଶେଷ ଟେଷ୍ଟ ମ୍ୟାଚ୍ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। ଏହା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ଫାଇନାଲ ମ୍ୟାଚ୍ ଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚର ଉଭୟ ପାଳିରେ ପୂଜାରା ଯଥାକ୍ରମେ ୧୪ ଓ ୨୭ ରନ କରି ନିରାଶ କରିଥିଲେ। ଏହାପରେ ବିସିସିଆଇ ଯୁବ ଖେଳାଳିଙ୍କ ଉପରେ ଅଧିକ ଫୋକସ୍ କରିବାରୁ ପୂଜାରାଙ୍କ ପରି ଟେଷ୍ଟ ସ୍ପେଶାଲିଷ୍ଟ ଜାତୀୟ ଚୟନକର୍ତ୍ତାଙ୍କ ଦ୍ୱାରା ଅଣଦେଖା ହୋଇଥିଲେ। ଏହି ସମୟରେ ମଧ୍ୟରେ ପୂଜାରା ଜାତୀୟ ଦଳକୁ ଫେରିବା ଲାଗି ଘରୋଇ ଓ କାଉଣ୍ଟି କ୍ରିକେଟ୍ ଖେଳି ନିଜକୁ ଫିଟ୍ ରଖୁଥିଲେ। କିନ୍ତୁ ରେଡ୍ ବଲ୍ କ୍ରିକେଟ୍‌ରେ ଜାତୀୟ ଦଳକୁ ଆଉ ଫେରିପାରି ନ ଥିଲେ। ଗତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ସମୟରେ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଚର୍ଚ୍ଚା ହୋଇଥିଲା। କିନ୍ତୁ ଏହା ଚର୍ଚ୍ଚାରେ ହିଁ ସୀମିତ ରହିଗଲା। ସେହିଭଳି ତାଙ୍କ ସମସାମୟିକ ରବିଚନ୍ଦ୍ରନ ଅଶ୍ୱିନ, ରୋହିତ୍ ଶର୍ମା ଓ ବିରାଟ କୋହଲି ମଧ୍ୟ ନିକଟ ଅତୀତରେ ଟେଷ୍ଟ କ୍ରିକେଟ୍‌କୁ ଅଲ୍‌ବିଦା କରିସାରିଥିଲେ। ଜାତୀୟ ଦଳକୁ ଫେରିବାର ରାସ୍ତା ବନ୍ଦ ହୋଇଯାଇଥିବା ହୃଦୟଙ୍ଗମ କରି ଶେଷରେ ପୂଜାରା କ୍ରିକେଟ୍‌କୁ ବାଏ ବାଏ କରିବାକୁ ବାଧ୍ୟ ହୋଇଥିଲେ।

ସଂଯୋଗବଶତଃ ପୂଜାରା ତାଙ୍କର ପଦାର୍ପଣ ଓ ବିଦାୟୀ ମ୍ୟାଚ୍ ଅଷ୍ଟ୍ରେଲିଆ ବିପକ୍ଷରେ ହିଁ ଖେଳିଥିଲେ। ୨୦୧୦ରେ ବେଙ୍ଗାଲୁରୁରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ଖେଳି ପୂଜାରା ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିଲେ। ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟର ଏହି ଯାତ୍ରାରେ ସେ ୧୦୩ ଟେଷ୍ଟ ମ୍ୟାଚ ଖେଳ ୪୩ରୁ ଊର୍ଦ୍ଧ୍ୱ ହାରରେ ୭,୧୯୫ ରନ ସଂଗ୍ରହ କରିଥିଲେ। ତାଙ୍କ ନାମରେ ଟେଷ୍ଟରେ ୧୯ ଶତକ ଓ ୩୫ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ୨୦୧୨ରେ ଇଂଲଣ୍ଡ ବିପକ୍ଷରେ ସେ ଅପରାଜିତ ୨୦୬ ରନ କରିଥିଲେ। ଯାହା ତାଙ୍କ ଟେଷ୍ଟ କ୍ୟାରିୟରର ଶ୍ରେଷ୍ଠ ପାଳି ଥିଲା। ସେହିଭଳି ୨୦୧୭ରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ ୫୨୫ ବଲ୍‌ରୁ ୨୦୨ ରନର ଧୈର୍ଯ୍ୟପୂର୍ଣ୍ଣ ଦ୍ୱିଶତକୀୟ ପାଳି ଖେଳିଥିଲେ। ଏହାର ଦୁଇ ବର୍ଷ ପରେ ସିଡନୀରେ ପୁଣିଥରେ କଙ୍ଗାରୁ ଦଳ ବିପକ୍ଷରେ ୧୯୩ ରନର ମାରାଥନ ବ୍ୟାଟିଂ କରିଥିଲେ। ଏହି ପାଳିରେ ସେ ଦୀର୍ଘ ୯ ଘଣ୍ଟା କ୍ରିଜରେ ରହି ଧୈର୍ଯ୍ୟର ପରିଚୟ ଦେଇଥିଲେ। ଜଣେ ଟେଷ୍ଟ ସ୍ପେଶାଲିଷ୍ଟ ହୋଇଥିବାରୁ ତାଙ୍କୁ ଧଳା ବଲ୍ କ୍ରିକେଟ୍‌ରେ ବେଶି ସୁଯୋଗ ମିଳି ନ ଥିଲା। ସେ ଭାରତ ପାଇଁ ମାତ୍ର ୫ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ। ଘରୋଇ କ୍ରିକେଟ୍‌ରେ ସୌରାଷ୍ଟ୍ର ପାଇଁ ପ୍ରତିନିଧିତ୍ୱ କରୁଥିବା ପୂଜାରା ପ୍ରଥମ ଶ୍ରେଣୀରେ ୨୭୮ ଓ ଲିଷ୍ଟ-ଏ'ରେ ୧୩୦ ମ୍ୟାଚ୍ ଖେଳିଛନ୍ତି।

> ଭାରତୀୟ ଜର୍ସି ପିନ୍ଧିବା, ଜାତୀୟ ସଙ୍ଗୀତ ଗାନ କରିବା ଏବଂ ପଡ଼ିଆକୁ ପାଦ ଦେବା ସମୟରେ ମୋର ସର୍ବଶ୍ରେଷ୍ଠ ଦେବାକୁ ଚେଷ୍ଟା କରିବା, ଏଗୁଡ଼ିକୁ ଶବ୍ଦରେ ବର୍ଣ୍ଣନା କରିବା ଅସମ୍ଭବ। କିନ୍ତୁ ଯେଉଁଭଳି କୁହାଯାଏ ପ୍ରତ୍ୟେକ ଭଲ ଜିନିଷର ଦିନେ ଅନ୍ତ ଘଟିଥାଏ। ମୁଁ ସମସ୍ତ ପ୍ରକାର କ୍ରିକେଟ୍‌ରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ରାଜକୋଟର ଏକ ଛୋଟ ସହରରୁ ଜଣେ ଛୋଟ ପିଲା ଭାବେ ପିତାମାତାଙ୍କ ସହ ମୁଁ ଦିନେ ତାରକା ହେବାକୁ ଲକ୍ଷ୍ୟ ରଖିଥିଲି ଏବଂ ଭାରତୀୟ ଦଳର ଅଂଶହେବାକୁ ସ୍ୱପ୍ନ ଦେଖିଥିଲି। ସେତେବେଳେ ମୁଁ କଳ୍ପନା କରି ନ ଥିଲି ଏହି ଖେଳ ମୋତେ ଏତେ କିଛି ଦେବ। ଅମୂଲ୍ୟ ସୁଯୋଗ, ପ୍ରେମ, ସର୍ବୋପରି ମୋ ରାଜ୍ୟ ଓ ଏହି ମହାନ ରାଷ୍ଟ୍ରରୁ ପ୍ରତିନିଧିତ୍ୱ କରିବାର ସୁଯୋଗ।



## ସଂକ୍ଷେପରେ କ୍ୟାରିୟର

| ଫର୍ମାଟ୍ | ମ୍ୟାଚ୍ | ରନ | ଆଭରେଜ | ଶ୍ରେଷ୍ଠ | ୫୦/୧୦୦ |
|---|---|---|---|---|---|
| ଟେଷ୍ଟ | ୧୦୩ | ୭୧୯୫ | ୪୩.୬୦ | ୨୦୬ | ୧୯/୩୫ |
| ଦିନିକିଆ | ୫ | ୫୧ | ୧୦.୨୦ | ୨୭ | ୦/୦ |
| ପ୍ରଥମ ଶ୍ରେଣୀ | ୨୭୮ | ୨୧୩୦୧ | ୫୧.୮୨ | ୩୫୨ | ୬୬/୮୧ |
| ଲିଷ୍ଟ-ଏ | ୧୩୦ | ୫୭୫୯ | ୫୭.୦୧ | ୧୭୪ | ୧୬/୩୪ |
| ଟି-୨୦ | ୭୧ | ୧୫୫୬ | ୨୯.୩୫ | ୧୦୦ | ୧/୯ |

# ସୌରଭ ଗାଙ୍ଗୁଲି ହେଲେ କ୍ରିକେଟ୍ ଗୁରୁ



ସେଞ୍ଚୁରିୟନ, ୨୪।୮ (ଏଜେନ୍ସି): ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି କୋଚିଂ କ୍ୟାରିୟରରେ ପାଦ ଥାପିବାକୁ ଯାଉଛନ୍ତି। ଦକ୍ଷିଣ ଆଫ୍ରିକା ଟି-୨୦ ଲିଗ୍‌ର ପ୍ରେଟୋରିଆ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜ ଆଗାମୀ ସିଜନ ଲାଗି ଗାଙ୍ଗୁଲିଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି। ଇଂଲଣ୍ଡର ଜୋନାଥନ ଟ୍ରଟ୍‌ଙ୍କ ସ୍ଥାନରେ ୫୩ ବର୍ଷୀୟ ଗାଙ୍ଗୁଲି ସେଞ୍ଚୁରିୟନଭିତ୍ତିକ ଏହି ଦଳର ଗୁରୁଦାୟିତ୍ୱ ତୁଲାଇବେ। କ୍ରିକେଟରୁ ଅବସର ଗ୍ରହଣ ପରେ ଗାଙ୍ଗୁଲି କିଛି ବର୍ଷ ଲାଗି ବିସିସିଆଇର ସଭାପତି ଭାବେ କାର୍ଯ୍ୟ କରିଥିଲେ। ଏହାପରେ ୨୦୧୮ରୁ ୨୦୧୯ ପର୍ଯ୍ୟନ୍ତ ଆଇପିଏଲ୍‌ର ଦିଲ୍ଲୀ କ୍ୟାପିଟାଲ୍ସ ଦଳର ଟିମ୍ ନିର୍ଦ୍ଦେଶକ ପଦରେ ରହିଥିଲେ। ତେବେ ଗାଙ୍ଗୁଲି ପ୍ରଥମଥର ଲାଗି କୌଣସି ପ୍ରଫେସନାଲ ଦଳର ମୁଖ୍ୟ ପ୍ରଶିକ୍ଷକ ଭାର ସମ୍ଭାଳିବେ। ଦକ୍ଷିଣ ଆଫ୍ରିକା ଟି-୨୦ ଲିଗ୍ ଡିସେମ୍ବର ୨୬ରୁ ଜାନୁଆରୀ ୨୫ ପର୍ଯ୍ୟନ୍ତ ଖେଳାଯିବ।

# ଏସିଆ କପ୍‌ରେ ଲିଟନଙ୍କୁ ବାଂଲାର ନେତୃତ୍ୱ

ନୂଆଦିଲ୍ଲୀ,୨୪।୮ (ଏଜେନ୍ସି): ଏସିଆ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଲାଗି ୱିକେଟରକ୍ଷକ ଲିଟନ ଦାସଙ୍କୁ ବାଂଲାଦେଶ କ୍ରିକେଟ ଦଳର ଅଧିନାୟକ ମନୋନୀତ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ୟୁଏଇରେ ସେପ୍ଟେମ୍ବର ୯ରୁ ୨୮ ଯାଏ ଖେଳାଯିବ। **ଘୋଷିତ ଦଳ**: ଲିଟନ ଦାସ (ଅଧିନାୟକ). ତାନଜିଦ୍ ହାସନ, ପରଭେଜ ହୋସେନ ଏମନ, ସୈଫ୍ ହାସନ, ତାହିଦ୍ ହୃଦୟ, ଜେକର ଅଲି ଅନିକ୍, ସମିମ ହୋସେନ, କାଜି ନୁରୁଲ ହାସନ ସୋହନ, ଶାକ୍ ମେହେଦି ହାସନ, ରିଶାଦ୍ ହୋସେନ, ନାସୁମ ଅହମ୍ମଦ୍, ମୁସ୍ତାଫିଜୁର ରହମନ, ତାଞ୍ଜିମ ହାସନ ସକିବ୍, ତସ୍କିନ ଅହମ୍ମଦ୍, ଶୋରିଫୁଲ ଇସ୍‌ଲାମ ଓ ସୈଫ ଉଦ୍ଦିନ।

■ ଆରମ୍ଭ ହେଲା ୟୁଏସ୍ ଓପନ୍


# ରାଡୁକାନୁଙ୍କ ବିଜୟ ଅଭିଯାନ



ନ୍ୟୁୟର୍କ, ୨୪।୮ (ଏଜେନ୍ସି): ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍ ରବିବାରଠାରୁ ଆରମ୍ଭ ହୋଇଛି। ବ୍ରିଟିଶର ଏକ ନମ୍ବର ଖେଳାଳି ଇମା ରାଡୁକାନୁ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ରାଡୁକାନୁ ୬-୧, ୬-୨ ସିଧାସଳଖ ସେଟ୍‌ରେ ଜାପାନର ଯୋଗ୍ୟତା ଅର୍ଜନକାରୀ ଇନା ଶିବାହାରାଙ୍କୁ ପରାସ୍ତ କରିଛନ୍ତି। ୨୦୨୧ରେ ଏଠାରେ ଟାଇଟଲ୍ ଜିତିବା ପରେ ରାଡୁକାନୁଙ୍କ ୟୁଏସ୍ ଓପନ୍‌ରେ ଏହା ପ୍ରଥମ ବିଜୟ ଥିଲା। ୨୦୨୨ ଓ ୨୦୨୪ରେ ସେ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇଥିଲେ। ସେହିଭଳି ୨୦୨୩ରେ ଆହତ ଲାଗି ଓହରିଯାଇଥିଲେ।

# ବିରଳ କ୍ଲବରେ ରୋନାଲ୍ଡୋ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ପର୍ତ୍ତୁଗାଲ୍ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ ଆଉ ଏକ ବିଶ୍ୱରେକର୍ଡକୁ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ବିଶ୍ୱର ପ୍ରଥମ ଫୁଟ୍‌ବଲ ଖେଳାଳି ଭାବେ ରୋନାଲ୍ଡୋ ୪ଟି ଭିନ୍ନ ଭିନ୍ନ ଦଳ ପାଇଁ ଅତିକମ୍‌ରେ ୧୦୦ ଲେଖାଏ ଗୋଲ୍ ଦେବାର ବିରଳ ସଫଳତା ପାଇଛନ୍ତି। ଗତକାଲି ରାତିରେ ସାଉଦୀ ସୁପର୍ କପ୍ ଫାଇନାଲ ମ୍ୟାଚ୍ ଅବସରରେ ସେ ଏହି ରେକର୍ଡ କରିଥିଲେ। ଅଲ୍ ନାସିର୍ ପକ୍ଷରୁ ଖେଳୁଥିବା ରୋନାଲ୍ଡୋ ଅଲ୍ ଆହଲି ବିପକ୍ଷରେ ଗୋଲ୍ ଦେଇ ଏହି କ୍ଲବରେ ସାମିଲ ହୋଇଛନ୍ତି। ସାଉଦୀ ଆରବ କ୍ଲବ ଅଲ୍ ନାସିର ପାଇଁ ଏହା ତାଙ୍କର ୧୦୦ତମ ଗୋଲ୍ ଥିଲା। ଏଥିପୂର୍ବରୁ ରୋନାଲ୍ଡୋ ନିଜ ଦେଶ ପର୍ତ୍ତୁଗାଲ୍ ପାଇଁ ୧୩୮, ରିଅଲ ମାଦ୍ରିଦ ପାଇଁ ୪୫୦, ମାଞ୍ଚେଷ୍ଟର ପାଇଁ ୧୪୫ ଓ ଜୁଭେଣ୍ଟସ୍ ପାଇଁ ୧୦୧ଟି ଗୋଲ୍ ଦେଇଥିଲେ।



# ୬ଷ୍ଠ ରାଜ୍ୟ ଓପନ୍ ଚେସ୍: ସୌମ୍ୟ ଚାମ୍ପିଅନ




ଭୁବନେଶ୍ୱର, ୨୪।୮ (ସମିସ): ସମର ବିଜୟ ମହାପାତ୍ର ମେମୋରିଆଲ୍ ୬ଷ୍ଠ ରାଜ୍ୟ ଓପନ୍ ଚେସ କେଶୁରାସ୍ଥିତ ରୟାଲ୍ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଟପ୍ ସିଡ୍ ତଥା ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ୫ ପଏଣ୍ଟ ରଖି ଚାମ୍ପିଅନ ହୋଇଛନ୍ତି। ଓମ୍ ଆଦିତ୍ୟ ଖାଡଙ୍ଗା, ସ୍ୱପ୍ନିଲ ପ୍ରିୟଦର୍ଶୀ, ମନୀଷ କୁମାର, ବିଶ୍ୱଜିତ୍ ସାହୁ, ତନ୍ମୟ ତ୍ରିପାଠୀ ଓ ପ୍ରତ୍ୟୁଷ ମହାପାତ୍ର ଯଥାକ୍ରମେ ୨ୟରୁ ୭ମ ସ୍ଥାନ ମଧ୍ୟରେ ରହିଛନ୍ତି। ସେହିଭଳି ୭ ବର୍ଷରୁ କମ୍ ବର୍ଗରେ କୀର୍ତ୍ତିଶ କୁମାର ସାହୁ, ୯ ବର୍ଷରୁ କମ୍ ବର୍ଗରେ କୃଷ୍ଣ ଅନୁରାଗ, ୧୧ ବର୍ଷରୁ କମରେ ସୌମ୍ୟଜିତ୍ ପଟ୍ଟନାୟକ, ୧୩ ବର୍ଷରୁ କମ୍‌ରେ ଓମ୍ ଶତପଥୀ, ୧୫ ବର୍ଷରୁ କମ୍‌ରେ ହୃଷିକେଶ ଦତ୍ତ ଓ ବାଳିକାରେ ଦୀପ୍ସା ଦାସ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ନୂଆଦିଲ୍ଲୀ ଏମ୍ସର ପ୍ରଫେସର ସୁଜାତା ମହାନ୍ତି, ରାଜ୍ୟ ଚେସ୍ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଏୟାର ଇଣ୍ଡିଆର ଶେଖର ମହାନ୍ତି ଓ ପ୍ରତୀକ ଭଞ୍ଜ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ହେଡ୍, ମାର୍ଶ ଓ ଗ୍ରୀନ୍‌ଙ୍କ ଶତକ

# ଅଷ୍ଟ୍ରେଲିଆର ସାନ୍ତ୍ୱନାମୂଳକ ବିଜୟ



ମ୍ୟାକୟ,୨୪।୮ (ଏଜେନ୍ସି): ଟ୍ରାଭିସ ହେଡ୍, ମିଚେଲ ମାର୍ଶ, କାମେରନ ଗ୍ରୀନ୍‌ଙ୍କ ଶତକ ସହାୟତାରେ ଏଠାରେ ରବିବାର ଅନୁଷ୍ଠିତ ଦିନିକିଆ ସିରିଜ୍‌ର ଶେଷ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୨୭୬ ରନ୍‌ର ବିରାଟ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଫଳରେ ଦିନିକିଆ ଇତିହାସରେ ଦକ୍ଷିଣ ଆଫ୍ରିକା ବୃହତ୍ ପରାଜୟ ବରଣ କରିଛି। ପରାଜୟ ସତ୍ତ୍ୱେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଦକ୍ଷିଣ ଆଫ୍ରିକା ୨-୧ରେ ଜିତିନେଇଛି। ଅଷ୍ଟ୍ରେଲିଆ ବିପକ୍ଷରେ ଏହା ଦକ୍ଷିଣ ଆଫ୍ରିକାର ୫ମ ସିରିଜ୍ ବିଜୟ ଥିଲା। ଏହି ମ୍ୟାଚ୍‌ରେ ହେଡ୍ ୧୦୩ ବଲ୍‌ରେ ୧୪୨ରନ୍, ମାର୍ଶ ୧୦୬ ବଲରେ ୧୦୦ ରନ୍, ଗ୍ରୀନ୍ ୫୫ ବଲ୍‌ରେ ଅପରାଜିତ ୧୧୮ ରନ୍ ଓ ଆଲେକ୍ସ କ୍ୟାରୀ ୩୭ ବଲ୍‌ରୁ ଅପରାଜିତ ୫୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୨ ୱିକେଟ ହରାଇ ୪୩୧ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୨୪.୫ ଓଭରରେ ମାତ୍ର ୧୫୫ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଡିୱାଲ୍ଡ ବ୍ରେଭିସ୍ ସର୍ବାଧିକ ୪୯ ରନ୍ କରିଥିଲାବେଳେ ବିଜୟୀ ଅଷ୍ଟ୍ରେଲିଆ ଦଳର ବାମହାତୀ ସ୍ପିନର କୁପର କୋନୋଲୀ ୫ଟି, ଜାଭିୟର ବାର୍ଟଲେଟ ଓ ସିନ୍ ଆବଟ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଅଷ୍ଟ୍ରେଲିଆର ହେଡ୍‌ଙ୍କୁ ମ୍ୟାଚ୍‌ର ଓ କେଶବ ମହାରାଜଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

କଟକ,୨୪।୮ (ସମିସ): ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଲଗାତର ଦ୍ୱିତୀୟ ପରାଜୟ ସହ ପ୍ରତିଯୋଗିତାରୁ ବିଦାୟ ନେବା ନିଶ୍ଚିତ ହୋଇଛି। ଚେନ୍ନାଇର ଏସଆରଏମସି ଟର୍ଫ ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ଲିଗ୍‌ରେ ଓଡ଼ିଶା ୫ ୱିକେଟରେ ଭାରତୀୟ ରେଲବାଇ ଠାରୁ ପରାସ୍ତ ହୋଇଛି। ଆସନ୍ତା ୨୬ରୁ ଅନ୍ତିମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଖେଳାଯିବ। ଏଥିରେ ଓଡ଼ିଶା ଜମ୍ମୁ ଓ କଶ୍ମୀରକୁ ଭେଟିବ। ଅସମାପ୍ତ ପ୍ରଥମ ପାଳି ୧୩୮/୬ରୁ ଆଜି ମ୍ୟାଚ୍‌ର ଅନ୍ତିମ ଦିବସରେ ରେଲବାଇ ଖେଳ ଆରମ୍ଭ କରିଥିଲା। ଶେଷ ୪ ୱିକେଟରେ ଦଳ ୭୨ରନ ଯୋଡିବା ସହ ୨୧୦ରନରେ ଦଳର ପ୍ରଥମ ଇନିଂସ ସୀମିତ ରହିଥିଲା। ପ୍ରଥମ ପାଳିରେ ୨୨୨ରନ କରିଥିବା ଭ୍ରମଣକାରୀ ଓଡ଼ିଶାକୁ ୧୨ରନର ଅଗ୍ରଣୀ ମିଳିଥିଲା। ଆଜି ୪୫ ଓଭର ବିଶିଷ୍ଟ ଦ୍ୱିତୀୟ ପାଳିରେ ଓଡ଼ିଶା ଦ୍ରୁତ ଗତିରେ ରନ ସଂଗ୍ରହ କରିବାକୁ ଚେଷ୍ଟା କରି ୮ ୱିକେଟ ବିନିମୟରେ ୧୮୪ରନ କରିଥିଲା। ଓମ ଟି ମୁଣ୍ଡେ ସର୍ବାଧିକ ୪୧ରନ କରିଥିଲେ। ରେଲବାଇର ଆକାଶ ପାଣ୍ଡେଙ୍କୁ ୪ଟି ୱିକେଟ ମିଳିଥିଲା। ରେଲବାଇ ସମ୍ମୁଖରେ ୪୫ ଓଭରରେ ୧୯୭ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଦଳ ୫ ୱିକେଟ ହରାଇ ୩୮ ଓଭରରେ ବିଜୟୀ ହୋଇଥିଲା। ୱିକେଟ କିପର ଦିନେଶ ମୋରେ ୬୭ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଓଡ଼ିଶାର ସୁମିତ ଶର୍ମା ଓ କାର୍ତ୍ତିକ ବିଶ୍ୱାଳ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

■ ଓଡ଼ିଶା ପ୍ରୋ ଟି-୨୦ ଲିଗ୍

# ୬ ପ୍ରମୁଖ ଖେଳାଳିଙ୍କ ନାମ ଘୋଷିତ

କଟକ,୨୪।୮ (ସମିସ): ସେପ୍ଟେମ୍ବର ୧୫ରୁ କଟକରେ ଆରମ୍ଭ ହେବାକୁ ଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ନିମନ୍ତେ ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ୬ଜଣ ମାର୍କ୍ୟୁ ତଥା ପ୍ରମୁଖ ଖେଳାଳିଙ୍କ ନାମ ଘୋଷଣା କରିଛି। ଏମାନେ ହେଲେ ଆଇପିଏଲରେ ସୁଯୋଗ ପାଇଥିବା ତଥା ପୂର୍ବତନ ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି, ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଦଳର ନେତୃତ୍ୱ ନେଉଥିବା ବ୍ୟାଟର ସ୍ୱସ୍ତିକ ସାମଲ, ରାଜ୍ୟ ଦଳର ଅଭିଜ୍ଞ ସ୍ପିନ ଅଲରାଉଣ୍ଡର ଗୋବିନ୍ଦ ପୋଦ୍ଦାର, ଗତ ସିଜନରେ ରାଜ୍ୟ ଦଳର ଅଧିନାୟକ ବ୍ୟାଟର ସନ୍ଦୀପ ପଟ୍ଟନାୟକ, ୱିକେଟ କିପର ଆଶୀର୍ବାଦ ସ୍ୱାଇଁ ଓ ମିଡିମୟ ପେସ୍ ଅଲରାଉଣ୍ଡର ସୂର୍ଯ୍ୟକାନ୍ତ ପ୍ରଧାନ। ଏମାନେ ଲିଗ୍‌ରେ ବିଭିନ୍ନ ବ୍ରାଣ୍ଡର ପ୍ରମୋସନ କରିବା ସହ ପ୍ରମୁଖ ଖେଳାଳିଭାବେ ପରିଗଣିତ ହେବେ। ତେବେ ଲିଗ୍‌ରେ ମୋଟ ୬ଟି ଦଳ ଭାଗ ନେବେ। ଏହି ୬ ମାର୍କ୍ୟୁ ଖେଳାଳିଙ୍କୁ ଅଧିନାୟକ କରାଯିବ କି ନାହିଁ ତାହା ଓସିଏ ସ୍ପଷ୍ଟ କରାଯାଇନାହିଁ।

ୱାଇଜିଟିଟିଏ ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବଲ ଟେନିସ ଉଦ୍‌ଯାପିତ

# ଶ୍ୱେତା ବର୍ମା, ସାର୍ଥକ ଆର୍ଯ୍ୟଙ୍କୁ ଦ୍ୱିମୁକୁଟ

କଟକ,୨୪।୮ (ସମିସ)




ଖୋର୍ଦ୍ଧାର ଶ୍ୱେତା ବର୍ମା ଓ କଟକର ସାର୍ଥକ ଆର୍ଯ୍ୟ ୩୦ତମ ୱାଇଜିଟିଟିଏ (ୟଙ୍ଗ ଜେନେରସନ ଟେବଲ ଟେନିସ ଆସୋସିଏସନ) ରାଜ୍ୟ ର୍‍ୟାଙ୍କିଙ୍ଗ ଟେବଲ ଟେନିସ ଟୁର୍ଣ୍ଣାମେଣ୍ଟରେ ଦ୍ୱିମୁକୁଟ ଲାଭ କରିଛନ୍ତି। ସିଡିଏ ସେକ୍ଟର-୭ ପରିସରରେ ଥିବା ବିଜୁ ପଟ୍ଟନାୟକ ମଲ୍ଟିପର୍ପୋଜ୍ ଇଣ୍ଡୋର ହଲରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଖୋର୍ଦ୍ଧାର ଶ୍ୱେତା ବର୍ମା ୧୩ ଓ ୧୫ ବର୍ଷରୁ କମ୍ ବାଳିକା ବିଭାଗରେ କଟକର ଆରାଧ୍ୟା ସାହୁଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ସେହିପରି ଉଦୀୟମାନ ତାରକା ସାର୍ଥକ ବର୍ମା ୧୯ ବର୍ଷରୁ କମ୍ ଓ ପୁରୁଷ ଏକକ ବିଭାଗରେ ଚାମ୍ପିଅନ ହୋଇଛନ୍ତି। ୧୯ ବର୍ଷରୁ କମ୍‌ରେ ସେ କଟକର ଜିଜ୍ଞାସୁ ସାହୁଙ୍କୁ ୩-୦ ଓ ପୁରୁଷ ବିଭାଗରେ ଏସ୍‌ଆଇସିର ଶୁଭେନ୍ଦୁ ଶ'ଙ୍କୁ ୪-୧ ସେଟ୍‌ରେ ହରାଇଥିଲେ। ମହିଳା ବିଭାଗରେ ଭୁବନେଶ୍ୱରର ଶ୍ୱେତପଦ୍ମା ଦଳାଇଙ୍କୁ ପରାଜିତ ହେବାକୁ ପଡ଼ିଛି। ଫାଇନାଲରେ ତାଙ୍କୁ ରେଲୱେ ଅଡିଟ୍‌ର ନେହା କୁମାରୀ ହରାଇ ନୂଆ ଚାମ୍ପିଅନ ହୋଇଛନ୍ତି। ଶ୍ୱେତପଦ୍ମା କିନ୍ତୁ କଟକର ସାକ୍ଷୀ ଭଗତଙ୍କୁ ହରାଇ ୧୯ ବର୍ଷରୁ କମ୍ ମହିଳା ଏକକରେ ଚାମ୍ପିଅନ ହୋଇଥିଲେ।

ଅନ୍ୟ ବିଭାଗ ମଧ୍ୟରୁ ୧୭ ବର୍ଷରୁ କମ୍ ବାଳିକାରେ ନିଜ ଭଉଣୀ ଶ୍ୱେତାଙ୍କୁ ହରାଇ ଉର୍ଜା ବର୍ମା, ବାଳକ ବିଭାଗରେ ପୁରୀର ଜିଜ୍ଞାସୁ ସାଇ କିରଣ ପ୍ରଧାନଙ୍କୁ ହରାଇ କଟକର ଜିଜ୍ଞାସୁ ସାହୁ, ୧୫ ବର୍ଷରୁ କମ୍ ବାଳକ ବିଭାଗରେ କଟକର ସୟଦ ଅର୍ଶ ଅଲିଙ୍କୁ ହରାଇ ପୁରୀର ସାଇ କିରଣ ପ୍ରଧାନ ଚାମ୍ପିଅନ ହୋଇଛନ୍ତି।

୧୩ ବର୍ଷରୁ କମ୍ ବାଳକ ବିଭାଗରେ ଭୁବନେଶ୍ୱରର ଅଭିଷେକ ଦାସ ଓ କଟକର କେ. ଶିବଶଙ୍କର, ୧୧ ବର୍ଷରୁ କମ୍ ବାଳିକାରେ ପୁରୀର ଗାୟତ୍ରୀ ପଟ୍ଟନାୟକ ଓ ଭୁବନେଶ୍ୱରର ଅନବୀ ସୁଦୀପ କୁମାର, ବାଳକ ବିଭାଗରେ କଟକର ରୁଦ୍ର ରଣବୀର ଓ ଖୋର୍ଦ୍ଧାର ସ୍ୱସ୍ତିକ ସିଂ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଥିଲେ। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ୍ ପାଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଆୟୋଜକ ଓଡ଼ିଶା ଟିଟି ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ାଙ୍କ ସହ ଅବ୍‌ଦୁଲ ୱାହିଦ୍, ନିହାରରଞ୍ଜନ ମିଶ୍ର ମଧ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ଅମ୍ପାୟାର ଜୀବନବଲ୍ଲଭ ସାମଲ, ତପନ ଖା, ବିଜନ ଦାସମହାପାତ୍ର, ସୁଜିତ ରାୟ, ସନ୍ଦୀପ ଚକ୍ରବର୍ତ୍ତୀ, କେଏସ୍‌ଏନ୍ ମୂର୍ତ୍ତି, କେଭିପି ରାମାରାଓ ଆଦି ଖେଳ ପରିଚାଳନା କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS